


# ଧରିତ୍ରୀ
DHARITRI

ବାଲେଶ୍ୱର, ଶନିବାର, ଅଗଷ୍ଟ ୨୨/୨୦୨୦ (୧୨ ପୃଷ୍ଠା) | Balasore, Saturday, August 22/2020 | ★★★★
୪୬ଶ ଭାଗ ୨୬୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-



**ଜ୍ୟାକ୍ କ୍ରଲିଙ୍କ ଶତକ**
ପାକିସ୍ତାନ ବିପକ୍ଷ ତୃତୀୟ କ୍ରିକେଟ ଟେଷ୍ଟରେ କ୍ୟାରିୟରର ପ୍ରଥମ ଶତକ ହାସଲ କରିଛନ୍ତି ଇଂଲଣ୍ଡର ଜ୍ୟାକ କ୍ରଲି।
୧୨

୧୦
**ନିଜ ଶିକ୍ଷକଙ୍କୁ ବିବାହ କରିଥିଲେ ଭୂମିକା**
ଅଭିନେତ୍ରୀ ଭୂମିକା ଚାୱ୍ଲା ନିଜ ଯୋଗ ଶିକ୍ଷକ ଭରତ ଠାକୁରଙ୍କ ପ୍ରେମରେ ପଡ଼ିଥିଲେ। ଦୀର୍ଘ ୪ ବର୍ଷର ଡେଟିଂ ପରେ ଉଭୟ ବିବାହ କରିଥିଲେ।



# ନିର୍ବାଚନ ଲାଗି ଗାଇଡ୍‌ଲାଇନ ଜାରି

## ଭୋଟରଙ୍କୁ ହ୍ୟାଣ୍ଡ୍ ଗ୍ଲୋଭ୍ସ ଦିଆଯିବ

**ନୂଆଦିଲ୍ଲୀ, ୨୧।୮**

କରୋନା ମହାମାରୀ ବେଳେ ନିର୍ବାଚନ ଓ ଉପନିର୍ବାଚନ ପରିଚାଳନା ଲାଗି ନିର୍ବାଚନ କମିଶନ (ଇସି) ଶୁକ୍ରବାର ନୂଆ ଗାଇଡ୍‌ଲାଇନ ଜାରି କରିଛନ୍ତି। ବିଭିନ୍ନ ରାଜନୈତିକ ଦଳ ତଥା ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କ ମତାମତ ଏବଂ ପ୍ରସ୍ତାବକୁ ବିଚାରକୁ ନେଇ ଏହି ଗାଇଡ୍‌ଲାଇନ ପ୍ରସ୍ତୁତ ହୋଇଛି। ନିର୍ବାଚନ ପ୍ରଚାରରେ ଭାଗ ନେବାକୁ ଥିବା ବ୍ୟକ୍ତି ଓ ଗାଡ଼ି ସଂଖ୍ୟା ନିୟମରେ ପରିବର୍ତ୍ତନ କରାଯାଇଛି।

ଆଗକୁ ବିହାର ବିଧାନସଭା ନିର୍ବାଚନ ଥିବାବେଳେ ଏହାକୁ ଦୃଷ୍ଟିରେ ରଖି ନୂଆ ଗାଇଡ୍‌ଲାଇନ ଜାରି ହୋଇଛି। ଭୋଟ ଦେବା ପୂର୍ବରୁ ସମସ୍ତ ପଞ୍ଜୀକୃତ ଭୋଟରଙ୍କୁ ହ୍ୟାଣ୍ଡ ଗ୍ଲୋଭ୍ସ, ଫେସ୍ ମାସ୍କ ଓ ସାନିଟାଇଜର ଯୋଗାଇ ଦିଆଯିବ। ଭୋଟରଙ୍କୁ ଚିହ୍ନଟ କରିବା ପାଇଁ ଆବଶ୍ୟକ ହେଲେ ଫେସ୍‌ମାସ୍କ ଖସାଇବାକୁ କୁହାଯିବ।

ଗାଇଡ୍‌ଲାଇନ୍ସ ଅନୁଯାୟୀ ପ୍ରତ୍ୟେକ ଭୋଟଗ୍ରହଣ କେନ୍ଦ୍ରର ପ୍ରବେଶ ପଥରେ ଥର୍ମାଲ ସ୍କାନର ଲାଗିବ। କୌଣସି ଭୋଟରଙ୍କଠାରେ କରୋନା ଲକ୍ଷଣ ଥିଲେ ତାଙ୍କୁ ଭୋଟକେନ୍ଦ୍ରରେ ପ୍ରବେଶ ଅନୁମତି ଦିଆ ନ ଯାଇ ଶେଷ ମୁହୂର୍ତ୍ତରେ ଆସିବାକୁ କୁହାଯିବ। ଏହି କାର୍ଯ୍ୟରେ ପାରାମେଡିକ୍ କର୍ମଚାରୀ କିମ୍ବା ଆଶା କର୍ମୀଙ୍କୁ ନିୟୋଜିତ କରାଯିବ। ଭୋଟଗ୍ରହଣର ଦିନକ ପୂର୍ବରୁ ପ୍ରତି ବୁଥ୍‌କୁ ସାନିଟାଇଜ୍ କରାଯିବା ବାଧ୍ୟତାମୂଳକ। ଧାଡ଼ିରୁ ବର୍ତ୍ତିବା




ପାଇଁ ପ୍ରଥମେ ଆସିବା ବ୍ୟକ୍ତି ଯେପରି ପ୍ରଥମେ ଭୋଟ ଦେବେ ସେଥିପାଇଁ ସେମାନଙ୍କୁ ଟୋକନ ଯୋଗାଇ ଦିଆଯିବ। ଏଥିପାଇଁ ପ୍ରତି ବୁଥ୍‌ରେ ହେଲ୍ପଡେସ୍କ ରହିବ। ସେହିପରି ସାମାଜିକ ଦୂରତ୍ୱ ବଜାୟ ରଖିବା ପାଇଁ ଚିହ୍ନ ରହିବ। ଏହି କାର୍ଯ୍ୟରେ ବୁଥ୍ ସ୍ତରୀୟ କର୍ମଚାରୀ କିମ୍ବା ସ୍ୱେଚ୍ଛାସେବୀଙ୍କ ସହାୟତା ନିଆଯିବ। କୌଣସି ପୋଲିଂ କର୍ମଚାରୀଙ୍କ ଶରୀରର ତାପମାତ୍ରା ନିର୍ଦ୍ଧାରିତ ସୀମାଠାରୁ ଅଧିକ ହେଲେ ପ୍ରିଜାଇଡିଂ ଅଫିସର ତାଙ୍କ ବଦଳରେ ଅନ୍ୟ କର୍ମଚାରୀଙ୍କୁ ନିୟୋଜିତ କରିବେ।

ପ୍ରଥମ ଥର ପାଇଁ ପ୍ରାର୍ଥୀ ଅମାନତ ଜମା ଅନ୍‌ଲାଇନ ପେମେଣ୍ଟ ଜରିଆରେ କରିବେ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି କୋଭିଡ୍ ପ୍ରତିକାର ବ୍ୟବସ୍ଥାକୁ ମାନି ସାଧାରଣ ସଭା ଓ ରୋଡ୍ ଶୋ' କରିବା ପାଇଁ ଇସି ଅନୁମତି ଦେଇଛନ୍ତି। ଘରକୁ ଘର ଯାଇ ପ୍ରଚାର କରିବା ଟିମ୍‌ରେ ପ୍ରାର୍ଥୀଙ୍କ ସମେତ ୫ ଜଣରୁ ଅଧିକ ରହିବେ ନାହିଁ। ସେହିପରି ରୋଡ୍‌ଶୋ'ରେ ୫ରୁ ଅଧିକ ଗାଡ଼ି ☞ପୃଷ୍ଠା-୪

### ସମସ୍ତଙ୍କ ପାଇଁ ନିୟମାବଳୀ

- ସମସ୍ତ ନିର୍ବାଚନୀ କାର୍ଯ୍ୟରେ ଫେସ୍ ମାସ୍କ ପିନ୍ଧିବା ବାଧ୍ୟତାମୂଳକ।
- ନିର୍ବାଚନ ଉଦ୍ଦେଶ୍ୟରେ ବ୍ୟବହୃତ ହଲ୍/ପ୍ରକୋଷ୍ଠ/ପରିସରର ପ୍ରବେଶ ପଥରେ ଥର୍ମାଲ ସ୍କାନର, ସାନିଟାଇଜର, ସାବୁନ ଓ ପାଣି ରହିବ।
- ସରକାରଙ୍କ କୋଭିଡ୍-୧୯ ଗାଇଡ୍‌ଲାଇନ ଅନୁଯାୟୀ ସାମାଜିକ ଦୂରତ୍ୱ ବଜାୟ ରଖିବେ। ଯେତେଦୂର ସମ୍ଭବ ବଡ଼ ହଲ୍ ବ୍ୟବହାର କରିବାକୁ କୁହାଯାଇଛି।
- ପୋଲିଂ କର୍ମଚାରୀ, ସୁରକ୍ଷା କର୍ମୀଙ୍କୁ କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ଦୂରତ୍ୱ ରକ୍ଷା କରି ଯାତାୟାତ ଲାଗି ପର୍ଯ୍ୟାପ୍ତ ଗାଡ଼ି ବ୍ୟବସ୍ଥା କରାଯିବ।
- ରେଜିଷ୍ଟରରେ ଦସ୍ତଖତ ଏବଂ ଇଭିଏମ୍ ବଟନ ଚିପିବା ପୂର୍ବରୁ ଭୋଟରଙ୍କୁ ହ୍ୟାଣ୍ଡ ଗ୍ଲୋଭ୍ସ ଯୋଗାଇ ଦିଆଯିବ।
- ଭୋଟଗ୍ରହଣ କେନ୍ଦ୍ରରେ ସର୍ବାଧିକ ୧୦୦୦ ଭୋଟରଙ୍କୁ ମତଦାନ ସୁଯୋଗ ମିଳିବ। ପୂର୍ବରୁ ବୁଥ୍‌ରେ ସର୍ବାଧିକ ୧୫୦୦ ଭୋଟରଙ୍କୁ ଭୋଟଦାନ ଅନୁମତି ମିଳୁଥିଲା।

### ପ୍ରାର୍ଥୀଙ୍କ ପାଇଁ ଗାଇଡ୍‌ଲାଇନ

- ନାମାଙ୍କନପତ୍ର ଦାଖଲ ବେଳେ ପ୍ରାର୍ଥୀଙ୍କ ସହ ମାତ୍ର ୨ ଜଣ ଯାଇପାରିବେ।
- ସେମାନେ ଅନ୍‌ଲାଇନ ପେମେଣ୍ଟ ଜରିଆରେ ଅମାନତ ଅର୍ଥ ଦାଖଲ କରିବେ।
- ଘରକୁ ଘର ପ୍ରଚାରରେ ପ୍ରାର୍ଥୀଙ୍କ ସମେତ ୫ ଜଣ ଭାଗ ନେଇପାରିବେ ଓ ରୋଡ୍ ଶୋ'ରେ ୫ରୁ ଅଧିକ ଗାଡ଼ି ବ୍ୟବହାର କରାଯିବନି।

**ଆଜିର ସମ୍ପାଦକୀୟ** ଅସ୍ଥାନା ଭରସା

# ଦୂତୀଙ୍କୁ ଅର୍ଜୁନ ପୁରସ୍କାର

**ଭୁବନେଶ୍ୱର, ୨୧।୮ (କ୍ରୀଡ଼ା ପ୍ରତିନିଧି)**



ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୂତୀ ଚାନ୍ଦଙ୍କ ଅର୍ଜୁନ ପୁରସ୍କାର ଉପରେ ଶୁକ୍ରବାର କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟର ଆନୁଷ୍ଠାନିକ ମୋହର ଲାଗିଛି। ଫଳରେ ୧୦୦ ମିଟରରେ ଜାତୀୟ ରେକର୍ଡଧାରିଣୀ ଏହି ଓଡ଼ିଆ ଆଥଲେଟ୍ ଚଳିତମାସ ୨୯ ତାରିଖରେ ପୁରସ୍କାର ଗ୍ରହଣ କରିବା ସ୍ପଷ୍ଟ ହୋଇ ଯାଇଛି। ଦୂତୀଙ୍କ ସମେତ ଏଥର ୨୭ ଜଣ ଅର୍ଜୁନ ଏବଂ ୫ ଜଣ ରାଜୀବଗାନ୍ଧୀ ଖେଳରତ୍ନ ପୁରସ୍କାର ପାଇବେ। ପୂର୍ବରୁ ଓଡ଼ିଶାର ୮ ଖେଳାଳି ଅର୍ଜୁନ ପୁରସ୍କାର ପାଇ ସାରିଛନ୍ତି। ତେଣୁ ଦୂତୀ ୯ମ ଆଥଲେଟ୍‌ଭାବେ ଏହି ସମ୍ମାନଜନକ ପୁରସ୍କାର ପାଇବେ। କୋଭିଡ-୧୯ ମହାମାରୀକୁ ଦୃଷ୍ଟିରେ ରଖି ଅଗଷ୍ଟ ୨୯ରେ ଏଥର କ୍ରୀଡ଼ା ପୁରସ୍କାର ପ୍ରଦାନ ଉତ୍ସବ ରାଷ୍ଟ୍ରପତି ଭବନରେ ନ ହୋଇ ଭର୍ଚୁଆଲି କରାଯିବାକୁ ନିଷ୍ପତ୍ତି ହୋଇଛି। ପୂର୍ବରୁ ଅର୍ଜୁନ ପୁରସ୍କାର ପାଇଥିବା ଓଡ଼ିଶାର କ୍ରୀଡ଼ାବିତମାନେ ହେଲେ ମିନତି ମହାପାତ୍ର (୧୯୮୦-ସାଇକ୍ଲିଂ), ବିଜୟ କୁମାର ଶତପଥୀ (୧୯୮୨- ଭାରୋତ୍ତୋଳନ), ରଚିତା ମିସ୍ତ୍ରି (ପଣ୍ଡା) ୧୯୯୮-ଆଥଲେଟିକ୍ସ) ପଦ୍ମଶ୍ରୀ ଦିଲୀପ ତିର୍କୀ (୨୦୦୨-ହକି), ଜ୍ୟୋତି ସୁନୀତା କୁଲୁ(୨୦୦୭-ହକି), ପଦ୍ମଶ୍ରୀ ଇଗ୍ନେଶ ତିର୍କୀ (୨୦୦୯-ହକି), କେ. ରବିକୁମାର (୨୦୧୦-ଭାରୋତ୍ତୋଳନ) ଏବଂ ପ୍ରମୋଦ ଭଗତ (୨୦୧୯-ପାରା ବ୍ୟାଡ୍‌ମିଣ୍ଟନ)।

୧୯୯୬ ଫେବୃୟାରୀ ୩ରେ ଯାଜପୁର ଜିଲା ଚକଗୋପାଳପୁରରେ ଜନ୍ମିତ ଦୂତୀ ଭାରତୀୟ କ୍ରୀଡ଼ା ଜଗତରେ ଜଣେ ଚର୍ଚ୍ଚିତ ଆଥଲେଟ୍। ୧୦୦ ମିଟର ଦୌଡ଼ରେ ଏବେ ସେ ଜାତୀୟ ରେକର୍ଡଧାରିଣୀ (୧୧.୨୨ ସେକେଣ୍ଡ-୨୦୧୯)। ୨୦୧୮ ଜାକର୍ତ୍ତା ଏସିଆନ ଗେମ୍ସର ଉଭୟ ୧୦୦ ଓ ୨୦୦ ମିଟରରେ ସେ ରୌପ୍ୟ ପଦକ ହାସଲ କରିଥିବାବେଳେ ୨୦୧୯ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସର ମହିଳା ୧୦୦ ମିଟରରେ ପ୍ରଥମ ଭାରତୀୟ ଭାବେ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ। ସେହିପରି ୨୦୧୭ରେ ☞ପୃଷ୍ଠା-୪




# ଓଡ଼ିଶାରେ ସାଇବର ଠକେଇରେ ଲଣ୍ଡନ ଲିଙ୍କ୍

**ଭୁବନେଶ୍ୱର, ୨୧।୮ (ବ୍ୟୁରୋ)**


ରାଜ୍ୟରେ ଏବେ ବଡ଼ ବଡ଼ ସାଇବର ଠକେଇ ଘଟଣା ଘଟୁଛି। ସାଇବର ଠକମାନେ ବାହାର ରାଜ୍ୟ ଓ ଦେଶରେ ରହି ଅଭିନବ ଉପାୟରେ ଓଡ଼ିଶାର ଲୋକଙ୍କୁ ଟାର୍ଗେଟ କରୁଛନ୍ତି। ପୂର୍ବରୁ ବିଭିନ୍ନ ଥାନାରେ ଏକାଧିକ ମାମଲା ରୁଜୁ ହୋଇଥିବାବେଳେ ଏବେ ଆଉଏକ ବଡ଼ ଧରଣର ଠକେଇ ହୋଇଛି। ଜଣେ ବିଦେଶିନୀ ୧୫ କୋଟିର ଲୋଭ ଦେଖାଇ ୪୫ ଲକ୍ଷ ଲୁଟି ନେଇଛନ୍ତି। ଠକେଇର ଶିକାର ହୋଇଛନ୍ତି କଟକ ପୁରୀଘାଟରେ ରହୁଥିବା ମାନସ ରଞ୍ଜନ ମିଶ୍ରା। ଏନେଇ ସେ କଟକ ସାଇବର ଥାନାରେ ଅଭିଯୋଗ କରିଛନ୍ତି। ଏହି ଠକେଇରେ ଲଣ୍ଡନ ଲିଙ୍କ୍ ରହିଥିବା ଜଣାପଡିବା ପରେ କ୍ରାଇମବ୍ରାଞ୍ଚ ସାଇବର ସେଲ୍ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଏଥିସହ ଉଭୟଙ୍କ ମଧ୍ୟରେ ଚୁକ୍ତି ହୋଇଥିବା ଭୁବନେଶ୍ୱରର ଏକ



ହୋଟେଲରେ ଛାନ୍‌ଭିନ୍ କରିଛି କ୍ରାଇମବ୍ରାଞ୍ଚ। ଅଭିଯୋଗ ଅନୁଯାୟୀ, ୨୦୧୭ ଜାନୁୟାରୀରେ ମାନସଙ୍କ ମେଲ୍‌କୁ ଲଣ୍ଡନରେ ରହୁଥିବା ଜଣେ ବିଦେଶିନୀ ଏଜିଲାବେଥ୍ ନାଁରେ ଏକ ମେଲ୍ କରିଥିଲେ। ସେଥିରେ ସେ ଓଡ଼ିଶାରେ ପାର୍ଟନରଶିପ୍‌ରେ ଏକ କମ୍ପାନୀ ଖୋଲିବାକୁ ଚାହୁଁଥିବା ଜଣାଇଥିଲେ। ହେଲେ ମାନସ ପାର୍ଟନରଶିପ୍ ପ୍ରସ୍ତାବକୁ ଖାରଜ କରିଦେଇଥିଲେ। ଏହାପରେ ବିଦେଶିନୀ ଜଣକ ଆଉଏକ ମେଲ୍ କରି କମ୍ପାନୀ ଖୋଲିବା ନେଇ ତାଙ୍କର ☞ପୃଷ୍ଠା-୪

### ୧୫ କୋଟି ଲୋଭରେ ହରାଇଲେ ୪୫ ଲକ୍ଷ

- କମ୍ପାନୀ ଖୋଲିବା ଆଶା ଦେଖାଇ ବିଶ୍ୱାସ ଜନ୍ମାଇଥିଲେ ବିଦେଶିନୀ
- ଭୁବନେଶ୍ୱରର ଏକ ହୋଟେଲରେ ହୋଇଥିଲା ଚୁକ୍ତି
- ହୋଟେଲ କର୍ମଚାରୀଙ୍କୁ କ୍ରାଇମବ୍ରାଞ୍ଚର ପଚରାଉଚରା



ଆମେରିକାବାସୀଙ୍କ କାମ କରିବାକୁ ଟ୍ରମ୍ପଙ୍କ ଆଗ୍ରହ ନାହିଁ। ହ୍ୱାଇଟ୍ ହାଉସ୍‌ର କ୍ଷମତାକୁ ସେ କେବଳ ନିଜ ଓ ତାଙ୍କ ବନ୍ଧୁମାନଙ୍କ ସ୍ୱାର୍ଥରେ ଲଗାଇଛନ୍ତି। କରୋନା ଭାଇରସ୍‌ରେ ୧,୭୦,୦୦୦ ଲୋକ ଜୀବନ ହରାଇଥିବାବେଳେ ଲକ୍ଷ ଲକ୍ଷ ଲୋକଙ୍କ ଚାକିରି ଯାଇଛି। ଆମେରିକାର ଗଣତାନ୍ତ୍ରିକ ସିଦ୍ଧାନ୍ତ ଦେଶବିଦେଶରେ ନ୍ୟୂନ ହୋଇଯାଇଛି କେବଳ ଟ୍ରମ୍ପଙ୍କ ଯୋଗୁ। **–ବାରାକ ଓବାମା, ଆମେରିକାର ପୂର୍ବତନ ରାଷ୍ଟ୍ରପତି**

# ଅନ୍ଧାରରେ ରଖିଛନ୍ତି ଟ୍ରମ୍ପ୍

## ଆନୁଷ୍ଠାନିକ ଭାବେ ପ୍ରାର୍ଥୀ ହେଲେ ବିଡେନ, ହାରିସ୍

ୱାଶିଂଟନ,୨୧।୮

ଡେମୋକ୍ରାଟିକ୍ ପାର୍ଟି ପ୍ରାର୍ଥୀ ଜୋ ବିଡେନ୍ ଓ ଉପରାଷ୍ଟ୍ରପତି ପ୍ରାର୍ଥୀ କାଲିଫର୍ନିଆ ସିନେଟର କମଲା ହାରିସ୍ ନିଜ ନିଜ ପ୍ରାର୍ଥିତ୍ୱକୁ ଗ୍ରହଣ କରିଛନ୍ତି। ଡେମୋକ୍ରାଟିକ୍ ନ୍ୟାଶନାଲ କନ୍‌ଭେନଶନ (ଡିଏନ୍‌ସି)ର ଚତୁର୍ଥ ଦିନରେ ବିଡେନ୍ ତାଙ୍କ ରନିଂ ମେଟ୍ ହାରିସ୍‌ଙ୍କୁ 'ଶକ୍ତିଶାଳୀ ସ୍ୱର' ଭାବେ ଅଭିହିତ କରି ପ୍ରଶଂସା କରିଛନ୍ତି। ଏହାସହ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଆମେରିକାକୁ ଅନ୍ଧକାର ମଧ୍ୟରେ ବାନ୍ଧି ଦେଇଥିବା ବିଡେନ ସମାଲୋଚନା କରିଛନ୍ତି।

ଆସନ୍ତା ନଭେମ୍ବର ୩ରେ ହେବାକୁ ଥିବା ଆମେରିକା ରାଷ୍ଟ୍ରପତି ନିର୍ବାଚନ ପାଇଁ ଉଭୟ ଡେମୋକ୍ରାଟିକ୍ ଓ ରିପବ୍ଲିକାନ୍ ପାର୍ଟି ପକ୍ଷରୁ ପ୍ରଚାର ଅଭିଯାନ ଜୋର୍‌ଦାର କରାଯାଇଛି। ଗୁରୁବାର ରାତିରେ ଏନ୍‌ଡିସି ଉଦ୍‌ଯାପନ ଅବସରରେ ୭୭ ବର୍ଷୀୟ ବିଡେନ ଆନୁଷ୍ଠାନିକ ଭାବେ ପ୍ରାର୍ଥିତ୍ୱ ସ୍ୱୀକାର କରି ଭାଷଣ ଦେଇଥିଲେ। କହିଥିଲେ, ଆମେରିକାରେ ସମସ୍ତଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତିକୁ ପୁନଃ ଅବସ୍ଥାପିତ କରିବା ପରବର୍ତ୍ତୀ ରାଷ୍ଟ୍ରପତିଙ୍କ କାର୍ଯ୍ୟ ହେବ। ଏହାକୁ ସେ ଏକୁଟିଆ କରିପାରିବେ ନାହିଁ। ତାଙ୍କ ସାଙ୍ଗରେ ଜଣେ ମହାନ୍ ଉପରାଷ୍ଟ୍ରପତି ରହିବେ। ହାରିସ୍‌ଙ୍କ ପାରିବାରିକ ଐତିହ୍ୟର ବିବିଧତା ରହିଛି। ତାଙ୍କ ମା' ଭାରତୀୟ ଓ ବାପା ଜାମାଇକାର। ତାଙ୍କ ଦୃଢ଼ତା ସମସ୍ତ ପ୍ରତିବନ୍ଧକକୁ ଅତିକ୍ରମ କରିବାରେ ବଳ ଯୋଗାଇଛି ବୋଲି ବିଡେନ୍ କହିଥିଲେ। ସେ ଆମେରିକାକୁ ଭଲ ଭାବେ ଜାଣନ୍ତି। ତାଙ୍କ କାହାଣୀ ହେଉଛି ଆମେରିକାର କାହାଣୀ। ମହିଳା, କୃଷ୍ଣକାୟ ମହିଳା, କୃଷ୍ଣକାୟ ଆମେରିକୀୟ, ଦକ୍ଷିଣ ଏସୀୟ ଆମେରିକୀୟ ଓ ପ୍ରବାସୀ। ଏମାନଙ୍କ ସହ ଅବହେଳିତ ଓ ପଛୁଆବର୍ଗର ଲୋକଙ୍କ ପାଇଁ ସେ କାର୍ଯ୍ୟ କରିବେ।

ଗତ ମେ'ରେ ମିନିଆପଲିସରେ ଜଣେ ପୋଲିସ ଅଧିକାରୀଙ୍କ ହାତରେ ପ୍ରାଣ ହରାଇଥିବା କୃଷ୍ଣକାୟ ଆମେରିକୀୟ ଜର୍ଜ ଫ୍ଲୟଡ୍‌ଙ୍କ କଥାକୁ ବିଡେନ ମନେପକାଇଥିଲେ। ଜର୍ଜ ଫ୍ଲୟଡ୍‌ଙ୍କ ୬ ବର୍ଷୀୟା ଝିଅ ଜିଆନ୍ନାଙ୍କ 'ବାପା ବିଶ୍ୱକୁ ବଦଳାଇଦେଲେ' ଉକ୍ତି ତାଙ୍କ ହୃଦୟକୁ ଆନ୍ଦୋଳିତ କରିଛି କହି ବର୍ଣ୍ଣବୈଷମ୍ୟ ବିରୋଧରେ ଲଢ଼ିବା ପାଇଁ ଆମେରିକୀୟଙ୍କୁ ସେ ଆହ୍ୱାନ ଦେଇଥିଲେ। ଡେମୋକ୍ରାଟିକ୍ ପାର୍ଟିରୁ ପୂର୍ବରୁ ରାଷ୍ଟ୍ରପତି ହୋଇଥିବା ବାରାକ ଓବାମାଙ୍କ ସହ ପ୍ରାୟ ୮ ବର୍ଷ କାମ କରିବାର ସୁଯୋଗ ପାଇଥିବାରୁ ସେ ତାଙ୍କୁ ଧନ୍ୟବାଦ ଦେଇଥିଲେ।

ସେ ଜଣେ ମହାନ୍ ରାଷ୍ଟ୍ରପତି ଥିଲେ, ଯାହାଙ୍କ ସମ୍ପର୍କରେ ପିଲାମାନେ ଅନେକ କିଛି ଜାଣିବାକୁ ଚାହାନ୍ତି। କିନ୍ତୁ ବର୍ତ୍ତମାନ ହ୍ୱାଇଟ୍ ହାଉସ୍‌ରେ ଥିବା ଟ୍ରମ୍ପଙ୍କ କ୍ଷେତ୍ରରେ ଏପରି ଦେଖିବାକୁ ମିଳେନାହିଁ। ବର୍ତ୍ତମାନର ରାଷ୍ଟ୍ରପତିଙ୍କୁ ଆଉ ୪ ବର୍ଷ ଦିଆଗଲେ ସେ ବିଗତ ୪ ବର୍ଷ ଯେମିତି ଶାସନ କଲେ ସେମିତି କରିବେ। ଟ୍ରମ୍ପ୍ ଏପରି ଜଣେ ରାଷ୍ଟ୍ରପତି, ଯିଏକି କୌଣସି କାମ ପାଇଁ ଉତ୍ତରଦାୟୀ ହୁଅନ୍ତି ନାହିଁ, ନେତୃତ୍ୱ ନେବାକୁ ମନାକରନ୍ତି, ଅନ୍ୟମାନଙ୍କ ଉପରେ ଦୋଷ ଲଦନ୍ତି, ଏକଚ୍ଛତ୍ରବାଦୀଙ୍କ ଭଳି ବ୍ୟବହାର କରନ୍ତି ଏବଂ ଘୃଣା ଓ ବିଭାଜନକୁ ପ୍ରୋତ୍ସାହନ ଦେଇଥାଆନ୍ତି। ଟ୍ରମ୍ପ୍ ପୁଣିଥରେ ଜିତିଲେ କେବଳ ନିଜ କଥା ଚିନ୍ତା କରିବେ। ସେ ଅନ୍ୟ କାହାକୁ ପଚାରିବେ ନାହିଁ ବୋଲି ବିଡେନ ସମାଲୋଚନା କରିଛନ୍ତି।



" ମୋ ମା' ଶ୍ୟାମଳା ଗୋପାଳନ ହାରିସ୍ ମୋତେ ଅନ୍ୟମାନଙ୍କ ଜୀବନକୁ ସାର୍ଥକ କରିବା ପାଇଁ ସେବା କରିବାର ଶିକ୍ଷା ଦେଇଛନ୍ତି। ଆଜି ମୁଁ ଏହି ମଞ୍ଚରେ ଛିଡ଼ା ହୋଇ ତାଙ୍କ ସ୍ୱପ୍ନ ପୂରଣ କରିବାକୁ ଯାଉଛି। ସେ ସ୍ୱର୍ଗରେ ଥାଇ ଦେଖୁଥିବେ।

**–କମଲା ଦେବୀ ହାରିସ୍, ଡେମୋକ୍ରାଟିକ୍ ପାର୍ଟିର ଉପରାଷ୍ଟ୍ରପତି ପ୍ରାର୍ଥୀ**



" ଉପରାଷ୍ଟ୍ରପତି ପଦ ପାଇଁ କମଲା ହାରିସ୍‌ଙ୍କ ନାମାଙ୍କନ ଆମେରିକା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅଦ୍ୟାବଧି ଯେଉଁ ସମୁଦାୟର ଲୋକଙ୍କ କଥାକୁ ଶୁଣାଯାଉ ନ ଥିଲା ତାଙ୍କ ପ୍ରାର୍ଥିତ୍ୱ ସେମାନଙ୍କ ପରିଚୟକୁ ଏକାକାର କରିଛି।

**–ପାମେଲା ଜୟପାଲ, ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ରେ ପ୍ରଥମ ଭାରତୀୟ-ଆମେରିକୀୟ ସଦସ୍ୟା**

" ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମା ଭଲ କାମ କରି ନ ଥିଲେ ବୋଲି ଆମେରିକୀୟମାନେ ମୋତେ ଜିତାଇଲେ। ଏବେ ଡେମୋକ୍ରାଟିକ୍ ପ୍ରତିଦ୍ୱନ୍ଦ୍ୱୀ ଜୋ ବିଡେନ୍ ରାଷ୍ଟ୍ରପତି ନିର୍ବାଚିତ ହେଲେ ସେ ଆମେରିକା ପାଇଁ ସବୁଠୁ ଖରାପ ଦୁଃସ୍ୱପ୍ନ ପାଲଟିବେ।


**–ଡୋନାଲ୍ଡ ଟ୍ରମ୍ପ୍, ଆମେରିକା ରାଷ୍ଟ୍ରପତି**



" ଡୋନାଲ୍ଡ ଟ୍ରମ୍ପ୍ ଆମେରିକାର ରାଷ୍ଟ୍ରପତି ହେବା ପାଇଁ ଉପଯୁକ୍ତ ନୁହନ୍ତି। ସେ ଭଲ କାମ କରିଥିଲେ ଦେଶର ଅବସ୍ଥା ଏପରି ହୋଇ ନ ଥାନ୍ତା। ଡେମୋକ୍ରାଟିକ୍ ପାର୍ଟିର ରାଷ୍ଟ୍ରପତି ପ୍ରାର୍ଥୀ ଜୋ ବିଡେନ ଓ ତାଙ୍କ ସାଥୀ କମଲା ହାରିସ୍ ଧ୍ୱଂସାଭିମୁଖୀ ଆମେରିକାକୁ ବଞ୍ଚାଇ ପାରିବେ।

**–ହିଲାରି କ୍ଲିଣ୍ଟନ, ପୂର୍ବତନ ପରରାଷ୍ଟ୍ର ସଚିବ**





# ବିଦ୍ୟୁତ୍ ପ୍ଲାଣ୍ଟରେ ନିଆଁ: ୯ ମୃତ

## ସିଆଇଡି ତଦନ୍ତ ଲାଗି କେସିଆର୍‌ଙ୍କ ନିର୍ଦ୍ଦେଶ


ହାଇଦ୍ରାବାଦ, ୨୧।୮

ତେଲଙ୍ଗାନାର ଶ୍ରୀଶୈଳମ୍‌ଠାରେ ଥିବା ଏକ ଜଳବିଦ୍ୟୁତ୍ ପ୍ଲାଣ୍ଟରେ ଅଗ୍ନିକାଣ୍ଡ ଘଟି ୯ ଜଣଙ୍କ ମୃତ୍ୟୁ ଘଟିଛି। ଗୁରୁବାର ରାତିରେ ଏହି ଅଗ୍ନିକାଣ୍ଡ ଘଟିଛି। ମୃତକଙ୍କ ମଧ୍ୟରେ ୩ ଜଣ ଆସିଷ୍ଟାଣ୍ଟ ଇଞ୍ଜିନିୟର ଅଛନ୍ତି। ସେମାନେ ହେଲେ ସନ୍ଦର ନାଏକ, ମୋହନ କୁମାର ଏବଂ ଫାତିମା। କେଉଁ କାରଣରୁ ଅଗ୍ନିକାଣ୍ଡ ଘଟିଲା ତାହାର ସିଆଇଡି ତଦନ୍ତ ଲାଗି ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ନିର୍ଦ୍ଦେଶ ଦେଇଛନ୍ତି। ସିଆଇଡିର ଅତିରିକ୍ତ ପୋଲିସ ନିର୍ଦ୍ଦେଶକ ଗୋବିନ୍ଦ ସିଂଙ୍କୁ ତଦନ୍ତକାରୀ ଅଫିସର ନିଯୁକ୍ତ କରାଯାଇଛି। ବିଦ୍ୟୁତ୍ ପ୍ଲାଣ୍ଟ ଅଗ୍ନି ଦୁର୍ଘଟଣାରେ ମୃତକଙ୍କ ଲାଗି ମୁଖ୍ୟମନ୍ତ୍ରୀ ଦୁଃଖ ପ୍ରକାଶ କରିଛନ୍ତି।

ପ୍ଲାଣ୍ଟରେ ଫସିରହିଥିବା ଇଞ୍ଜିନିୟରମାନଙ୍କୁ ଉଦ୍ଧାର କରିବା ପାଇଁ ସମସ୍ତ ଉଦ୍ୟମ ବ୍ୟର୍ଥ ହୋଇଥିଲା। ଘଟଣାସ୍ଥଳରେ ରାଜ୍ୟ ଶକ୍ତିମନ୍ତ୍ରୀ ଜି. ଜଗଦୀଶ୍ୱର ରେଡ୍ଡୀ ଏବଂ ଟିଏସ୍‌ଜେନ୍‌କୋର ଉଚ୍ଚ ପଦାଧିକାରୀମାନେ ପହଞ୍ଚିଛନ୍ତି। ବିଦ୍ୟୁତ୍ ଶର୍ଟ ସର୍କିଟରୁ ପାୱାର ହାଉସ୍‌ର ଇଲେକ୍ଟ୍ରିକ୍ ପ୍ୟାନେଲରେ ନିଆଁ ଲାଗି ଅନ୍ୟ ଭାଗକୁ ବ୍ୟାପିଯାଇଥିଲା ବୋଲି ବିଶ୍ୱାସ କରାଯାଉଛି। ସେତେବେଳେ ପାୱାର ହାଉସରେ ଟିଏସ୍‌ଜେନ୍‌କୋର ୩୦ ଜଣ କର୍ମଚାରୀ ଥିଲେ। ୬ ଜଣଙ୍କୁ ଟନେଲ ଦେଇ ବାହାରକୁ ଅଣାଯାଇଥିଲାବେଳେ ଅନ୍ୟ ୧୫ ଜଣ ପ୍ରକଳ୍ପର ଜରୁରୀ ପ୍ରସ୍ଥାନ ପଥ ଦେଇ ବାହାରି ଆସିବାକୁ ସକ୍ଷମ ହୋଇଥିଲେ। ତେବେ ଟନେଲ ଭିତରେ ପ୍ରବଳ ଧୂଆଁରେ ଅନ୍ୟ ୯ ଜଣ ଫସି ରହିଯାଇଥିଲେ। ସେମାନଙ୍କୁ ଉଦ୍ଧାର କରିବା ସମ୍ଭବ ହୋଇ ନ ଥିଲା। ଉପକାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପଓ୍ୱନ କୁମାର, ପ୍ଲାଣ୍ଟର ଜୁନିୟର ଆସିଷ୍ଟାଣ୍ଟ ରାମକ୍ରିଷ୍ଣ, କନିଷ୍ଠ ଯନ୍ତ୍ରୀ ମାଥରୁ, କ୍ରିଷ୍ଣା ରେଡ୍ଡୀ ଏବଂ ଭେଙ୍କଟେଶ ଓ ଡ୍ରାଇଭର ପାଲାଙ୍କିଆଙ୍କୁ ଉଦ୍ଧାର କରାଯାଇ ଟିଏସ୍‌ଜେନ୍‌କୋ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।



# ଆଣବିକ ଯୁଦ୍ଧ ଧମକ ଦେଲେ ପାକିସ୍ତାନ ମନ୍ତ୍ରୀ



ଶେଖ ରଶିଦ

ନୂଆଦିଲ୍ଲୀ,୨୧।୮(ଆଇଏଏନ୍‌ଏସ୍)

ପାକିସ୍ତାନର ମନ୍ତ୍ରୀ ଶେଖ ରଶିଦ ଭାରତକୁ ଆଣବିକ ଯୁଦ୍ଧର ଧମକ ଦେଇଛନ୍ତି। ଆଣବିକ ଅସ୍ତ୍ର ଏପରି ଭାବେ ଛଡ଼ାଯିବ ଯେ ସେଥିରେ କେବଳ ହିନ୍ଦୁମାନେ କ୍ଷତିଗ୍ରସ୍ତ ହେବେ ଏବଂ ମୁସ୍‌ଲିମ ସମ୍ପ୍ରଦାୟର ଲୋକେ ଆଦୌ ପ୍ରଭାବିତ ହେବେ ନାହିଁ ବୋଲି ସେ କହିଛନ୍ତି। ସମା ଟିଭିକୁ ବୁଧବାର ସାକ୍ଷାତ୍‌କାର ଦେଇ ଶେଖ ରଶିଦ କହିଛନ୍ତି, ପାକିସ୍ତାନ ନିକଟରେ ଏପରି ଆଣବିକ ଅସ୍ତ୍ର ରହିଛି, ଯାହା ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରକୁ ଭେଦ କରିପାରିବ। ଏହା ନିର୍ଦ୍ଦିଷ୍ଟ ଅଞ୍ଚଳ ଓ ଏବେ ଆସାମକୁ ଲକ୍ଷ୍ୟ କରି ଟାର୍ଗେଟ କରିପାରିବ। ଭାରତ ଆକ୍ରମଣ କଲେ ପାକିସ୍ତାନ ପାରମ୍ପରିକ ଯୁଦ୍ଧ କରିବ ନାହିଁ।

# ବର୍ଷ ଶେଷ ସୁଦ୍ଧା କୋଭାକ୍ସିନ୍ ଟିକା

ନୂଆଦିଲ୍ଲୀ, ୨୧।୮

ଭାରତ ଏକ ବିଶାଳ ଦେଶ ହୋଇଥିବାରୁ ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ପ୍ରକାର କରୋନା ସଂକ୍ରମଣ ହେଉଛି। ସେଥିପାଇଁ କେତେକ ରାଜ୍ୟରେ ସଂକ୍ରମଣ ସ୍ଥିତି ସଙ୍ଗିନ୍ ରହିଛି। ସ୍ୱାଭାବିକ ସ୍ଥିତି ଫେରିବାକୁ ହେଲେ ଟିକା ଜରୁରୀ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଭାରତର ପ୍ରଥମ କରୋନା ଟିକା କୋଭାକ୍ସିନ ଏବେ ପରୀକ୍ଷା ପର୍ଯ୍ୟାୟରେ ରହିଛି ଏବଂ ଚଳିତ ବର୍ଷ ଶେଷ ସୁଦ୍ଧା ଏହା ବ୍ୟବହାର ପାଇଁ ଉପଲବ୍ଧ ହେବା ଆଶା କରାଯାଉଛି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ହର୍ଷବର୍ଦ୍ଧନ କହିଛନ୍ତି। ସେହିପରି ଭାରତର ସେରମ୍ ଇନ୍‌ଷ୍ଟିଚ୍ୟୁଟ ଉତ୍ପାଦନ କରିବାକୁ ଥିବା ଅକ୍ସଫୋର୍ଡ ଟିକା ମଧ୍ୟ ଡିସେମ୍ବର ସୁଦ୍ଧା ବଜାରରେ ଉପଲବ୍ଧ ହୋଇପାରେ। ଅନ୍ୟ ଦୁଇଟି ଟିକା ଉତ୍ପାଦନ ପାଇଁ ଆଉ ମାସେ ଅଧିକ ସମୟ ଲାଗିବ। ଏହିସବୁ ଟିକା ପର୍ଯ୍ୟାୟକ୍ରମେ ବଜାରକୁ ଛଡ଼ାଯିବ। ଯଦି ପରୀକ୍ଷା ସଫଳ ହୁଏ ତେବେ ୨୦୨୧ ପ୍ରଥମ ତ୍ରୈମାସିକରେ ଏହା ବ୍ୟବହାର ପାଇଁ ପ୍ରସ୍ତୁତ ହୋଇଯିବ।



ଡ. ହର୍ଷବର୍ଦ୍ଧନ

ହାଇଦ୍ରାବାଦର ଫାର୍ମାସ୍ୟୁଟିକାଲ ଭାରତ ବାୟୋଟେକ୍ ଦ୍ୱାରା ବିକଶିତ କୋଭାକ୍ସିନ୍ ଟିକାର ମାନବ ପରୀକ୍ଷା ଦୁଇ ସପ୍ତାହ ପୂର୍ବରୁ ଆରମ୍ଭ ହୋଇଛି। ଏହା ୨୦୨୦ ଶେଷ ସୁଦ୍ଧା ଉପଲବ୍ଧ ହେବ ବୋଲି ହର୍ଷବର୍ଦ୍ଧନ କହିଛନ୍ତି। ସେରମ୍ ଇନ୍‌ଷ୍ଟିଚ୍ୟୁଟ୍ ଆଷ୍ଟ୍ରାଜେନେକା ଟିକାର ପରୀକ୍ଷା ଚଳିତ ମାସରେ ଭାରତରେ ଆରମ୍ଭ କରିବାକୁ ଯାଉଥିଲାବେଳେ ଡିସେମ୍ବର ବେଳକୁ ଏହା ଉପଲବ୍ଧ ହେବ ବୋଲି ଦାବି କରିଛି। ଜାଇଡସ୍ କାଡିଲା ପ୍ରସ୍ତୁତ କରୁଥିବା ଜାଇକୋଭ୍-ଡି ଟିକାର କ୍ଲିନିକାଲ ପରୀକ୍ଷା କିଛିମାସ ମଧ୍ୟରେ ଶେଷ ହେବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି।

# ଅଭିଜିତ୍ ପଲ୍‌ଙ୍କ 'ଆମ୍ ଆଇ' ଶ୍ରେଷ୍ଠ

ନୂଆଦିଲ୍ଲୀ, ୨୧।୮

ଅଭିଜିତ୍ ପଲ ନିର୍ଦ୍ଦେଶିତ 'ଆମ୍ ଆଇ' ଶ୍ରେଷ୍ଠ ଶର୍ଟ ଫିଲ୍ମ ଭାବେ ବିବେଚିତ ହୋଇଛି। ଦ୍ୱିତୀୟ ସ୍ଥାନରେ ଦେବୋଜୋ ସଞ୍ଜୀବ ନିର୍ଦ୍ଦେଶିତ 'ଅବ୍ ଭାରତ ବନେଗା ଇଣ୍ଡିଆ' ଓ ତୃତୀୟ ସ୍ଥାନରେ ଯୁବରାଜ ଗୋକୁଲ ନିର୍ଦ୍ଦେଶିତ ଶର୍ଟ ଫିଲ୍ମ ' ୧୦ ରୁପିଜ୍' ସ୍ଥାନ ପାଇଛି। ଶ୍ରେଷ୍ଠ ଫିଲ୍ମ ଲାଗି ୧ ଲକ୍ଷ ଟଙ୍କା ଘୋଷଣା କରାଯାଇଥିବାବେଳେ ଦ୍ୱିତୀୟ ସ୍ଥାନ ଲାଗି ୫୦ ହଜାର ଓ ତୃତୀୟ ସ୍ଥାନ ଲାଗି ୨୫ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ। ଜାତୀୟ ଚଳଚ୍ଚିତ୍ର ବିକାଶ ନିଗମ(ଏନ୍‌ଏଫ୍‌ଡିସି) ଦ୍ୱାରା ଆୟୋଜିତ ଦେଶଭକ୍ତି ବିଷୟ ଉପରେ ଆଧାରିତ ଶର୍ଟ ଫିଲ୍ମ ଫେଷ୍ଟିଭାଲର ଫଳାଫଳ ଶୁକ୍ରବାର ଘୋଷଣା କରାଯାଇଛି। ସୂଚନା ଓ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭ୍‌ଡେକର ଏହି ଫଳାଫଳ ଘୋଷଣା କରିଥିଲେ। ଏଥିରେ ୮ଟି ଫିଲ୍ମକୁ ସ୍ପେଶାଲ ମେନ୍‌ସନ ସାର୍ଟିଫିକେଟ ପ୍ରଦାନ କରାଯାଇଛି। ଜାଭ୍‌ଡେକର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଟୁଇଟର ମାଧ୍ୟମରେ ସେ ପ୍ରତିଯୋଗୀମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଜୁଲାଇ ୧୪ରୁ ଅଗଷ୍ଟ ୭ ମଧ୍ୟରେ ମାଇଁଗଭ୍ ପୋର୍ଟାଲ ମାଧ୍ୟମରେ ଏହି ଶର୍ଟ ଫିଲ୍ମଗୁଡ଼ିକ ପ୍ରସାରଣ କରାଯାଇଥିଲା।

# ଗୋଗୋଇଙ୍କ ବିରୋଧରେ ତଦନ୍ତ ଆବେଦନ ଖାରଜ

ନୂଆଦିଲ୍ଲୀ, ୨୧।୮(ପି.ଟି.)

ଭାରତର ପୂର୍ବତନ ପ୍ରଧାନ ବିଚାରପତି (ସିଜେଆଇ) ରଞ୍ଜନ ଗୋଗୋଇ ସୁପ୍ରିମକୋର୍ଟର ବିଚାରପତି ଥିବାବେଳେ ତାଙ୍କ ବ୍ୟବହାରର ତଦନ୍ତ ଲାଗି ତିନିଜଣିଆ ବିଚାରପତି କମିଟି ଗଠନ ଲାଗି ପିଟିଶନ ଦାଏର ହୋଇଥିଲା। ସର୍ବୋଚ୍ଚ ଅଦାଲତ ଏହି ଆବେଦନକୁ ଶୁକ୍ରବାର ଖାରଜ କରିଦେଇଛନ୍ତି। ଆବେଦନକାରୀ ଦାଖଲ କରିଥିବା ଜନସ୍ୱାର୍ଥ ମାମଲାର କୌଣସି ମାନେ ନାହିଁ। ଜଷ୍ଟିସ୍ ଗୋଗୋଇ ଅବସର ନେଇସାରିଲେଣି। ଗତ ୨ ବର୍ଷ ମଧ୍ୟରେ ଶୁଣାଣି ପାଇଁ କାହିଁକି ଚାପ ପକାଇ ନ ଥିଲ ବୋଲି ଜଷ୍ଟିସ୍ ଅରୁଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ କ୍ରିଷ୍ଣ ମୁରାରୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଆବେଦନକାରୀଙ୍କୁ ପ୍ରଶ୍ନ କରିଥିଲେ। ସୂଚନାଯୋଗ୍ୟ ଜଷ୍ଟିସ୍ ଗୋଗୋଇ ସୁପ୍ରିମକୋର୍ଟ ବିଚାରପତି ଥିବା ସମୟରେ କେତେକ ଦାୟିତ୍ୱ ସମ୍ପାଦନ କରିଥିବାବେଳେ ଅନ୍ୟ କେତେକ ପ୍ରସଙ୍ଗରୁ ଓହରିଯାଇଥିବା ଅଭିଯୋଗ ହୋଇଥିଲା। ଏହାର ତଦନ୍ତ ପାଇଁ ଅରୁଣ ରାମଚନ୍ଦ୍ର ହୁବ୍‌ଲିକର ଆବେଦନ କରିଥିଲେ। ତାଙ୍କ ଆବେଦନକୁ ଶୁଣାଣି ପାଇଁ ତାଲିକାଭୁକ୍ତ କରିବା ନିମନ୍ତେ ହୁବ୍‌ଲିକର ପୂର୍ବରୁ ସୁପ୍ରିମକୋର୍ଟ ମହାସଚିବଙ୍କୁ ଅନୁରୋଧ କରିଥିଲେ ହେଁ ତାକୁ ଗ୍ରହଣ କରାଯାଇ ନ ଥିଲା ବୋଲି ଆବେଦନକାରୀ କହିଛନ୍ତି।



ଜଷ୍ଟିସ୍ ରଞ୍ଜନ ଗୋଗୋଇ

# ରିଆ, ଡାକ୍ତରଙ୍କୁ ଜେରା କରିବ ସିବିଆଇ

ନୂଆଦିଲ୍ଲୀ, ୨୧।୮

ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତ ମୃତ୍ୟୁ ମାମଲାରେ ସିବିଆଇ ତଦନ୍ତ ଆରମ୍ଭ ହୋଇଛି। ଗୁରୁବାର ରାତିରେ ସିବିଆଇର ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ମୁମ୍ବାଇରେ ପହଞ୍ଚିଥିଲା। ଶୁକ୍ରବାର ସେମାନେ ବାନ୍ଦ୍ରା ପୋଲିସ ଷ୍ଟେଶନ ଯାଇ ଅଧିକାରୀଙ୍କୁ ଭେଟିଛନ୍ତି। ସେଠାରୁ ସୁଶାନ୍ତଙ୍କ ଫୋନ୍, ଲାପ୍‌ଟପ୍ ସହ କେସ୍ ଡାଏରୀ, ଫୋରେନ୍‌ସିକ୍ ଡାଟା ସଂଗ୍ରହ କରାଯାଇଛି। ସୁଶାନ୍ତଙ୍କ ଶବ ବ୍ୟବଚ୍ଛେଦ କରିଥିବା କୁପର ହସ୍ପିଟାଲର ୫ ଡାକ୍ତର ଓ ହସ୍ପିଟାଲରେ ଉପସ୍ଥିତ ଥିବା ରିଆ ଚକ୍ରବର୍ତ୍ତୀଙ୍କୁ ସିବିଆଇ ପକ୍ଷରୁ ଜେରା କରାଯିବ। ହସ୍ପିଟାଲ ଓ ଶବଗୃହରେ ରିଆ ଉପସ୍ଥିତ ରହିବାକୁ କିଏ ଅନୁମତି ଦେଇଥିଲେ, ତାହାର ପର୍ଦ୍ଦାଫାଶ କରାଯିବ ବୋଲି ଜଣାପଡ଼ିଛି। ସିବିଆଇ ଟିମ୍ ମୁମ୍ବାଇରେ ମାମଲାର ତଦନ୍ତ କରୁଥିବା ପୋଲିସ ଡିସିପି ଅଭିଷେକ ତ୍ରିମୁଖୀଙ୍କ ସହ ସମସ୍ତ ବିଷୟ ସମ୍ପର୍କରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।

ଶୁକ୍ରବାର ସୁଶାନ୍ତଙ୍କ ଜଣେ ଷ୍ଟାଫ୍ ଓ ରୋଷେୟାଙ୍କୁ ସିବିଆଇ ପକ୍ଷରୁ ପଚରାଉଚରା କରାଯାଇଛି। ଫୋରେନ୍‌ସିକ ଟିମ୍ ସୁଶାନ୍ତ ରହୁଥିବା ବାନ୍ଦ୍ରାସ୍ଥିତ ଘରକୁ ଯିବା ସହ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ତର୍ଜମା କରିବ।

# ୩ ମାସ ବେତନର ୫୦% ବେରୋଜଗାରୀ ଭତ୍ତା ମିଳିବ

## ମହାମାରୀ ଯୋଗୁ ଚାକିରି ହରାଇଥିବା ଇଏସ୍‌ଆଇସି ସଦସ୍ୟ ଉପକୃତ ହେବେ

ନୂଆଦିଲ୍ଲୀ, ୨୧।୮

କୋଭିଡ୍ ମହାମାରୀ ଯୋଗୁ ଚଳିତ ବର୍ଷ ମାର୍ଚ୍ଚ ୨୪ରୁ ଡିସେମ୍ବର ୩୧ ମଧ୍ୟରେ ଯେଉଁମାନେ ଚାକିରି ହରାଇବେ ସେମାନଙ୍କୁ ବେରୋଜଗାରୀ ଭତ୍ତା ଦେବା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସ୍‌ଆଇସି) ସଦସ୍ୟ ଥିବା ବିଭିନ୍ନ ଶିଳ୍ପ ସଂସ୍ଥାର କର୍ମଚାରୀ, ଯେଉଁମାନେ ଉପରୋକ୍ତ ସମୟ ମଧ୍ୟରେ ଚାକିରି ହରାଇଥିବେ ସେମାନଙ୍କୁ ବେତନର ୫୦% ତିନିମାସ ପାଇଁ ବେରୋଜଗାରୀ ଭତ୍ତା ଭାବେ ପ୍ରଦାନ କରାଯିବ। ଏଥିପାଇଁ କେନ୍ଦ୍ର ସରକାର ଗୁରୁବାର କେତେକ ନିୟମରେ କୋହଳ କରିଛନ୍ତି। ବିଭିନ୍ନ ଶିଳ୍ପ ସଂସ୍ଥାର ପାଖାପାଖି ୩୦ରୁ ୩୫ ଲକ୍ଷ କର୍ମଚାରୀ ଏଥିରେ ଉପକୃତ ହୋଇପାରିବେ। ଇଏସ୍‌ଆଇସି ବୋର୍ଡ ଯୋଗ୍ୟତା ମାନଦଣ୍ଡରେ କୋହଳକୁ ଅନୁମୋଦନ କରିଥିବାବେଳେ ଅଟଳ ବୀମିତ ବ୍ୟକ୍ତି କଲ୍ୟାଣ ଯୋଜନାରେ ବେରୋଜଗାରୀ ସହାୟତା ବଢ଼ାଇବା ଲାଗି ମଞ୍ଜୁରୀ ଦେଇଛନ୍ତି।

ମହାମାରୀ ଏବଂ ଲକ୍‌ଡାଉନ ଯୋଗୁ ଚାକିରି ହରାଇଥିବା କଳକାରଖାନାର କର୍ମଚାରୀମାନଙ୍କ ପାଇଁ ଏହି ବେରୋଜଗାରୀ ଭତ୍ତା ବେଶ୍ ସହାୟକ ହୋଇପାରିବ। ଏଥିପାଇଁ ବିଭିନ୍ନ ମହଲରୁ ଦାବି ହେଉଥିଲା। ସେଥିପାଇଁ ନିୟମ କୋହଳ କରିବା ପାଇଁ ଅର୍ଥ ମନ୍ତ୍ରଣାଳୟ ଏବଂ ନୀତି ଆୟୋଗ ଦୁଇମାସ ପୂର୍ବରୁ ଦାବି କରିଥିଲେ। ଯେଉଁମାନେ ଇଏସ୍‌ଆଇ ଯୋଜନାରେ ଅନ୍ୟୂନ ଦୁଇମାସ (୨୦୧୮ ଏପ୍ରିଲ ୧ରୁ ୨୦୨୦ ମାର୍ଚ୍ଚ ୩୧) ସାମିଲ ହୋଇଥିବେ, ୨୦୧୯ ଅକ୍ଟୋବର ୧ରୁ ୨୦୨୦ ମାର୍ଚ୍ଚ ୩୧ ମଧ୍ୟରେ ଅନ୍ୟୂନ ୭୮ ଦିନ ଅଂଶଦାନ କରିଥିବେ ଏବଂ ଅନ୍ୟ ୩ଟି ୬ ମାସିଆ ଅଂଶଦାନ ଅବଧିରୁ ଗୋଟିଏରେ ଅଂଶଦାନ କରିଥିବେ, ସେମାନେ ବେରୋଜଗାରୀ ଭତ୍ତା ପାଇଁ ଆବେଦନ କରିପାରିବେ। ଏକ ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ ରୋଜଗାର କରୁଥିବା କର୍ମଚାରୀଙ୍କୁ ଇଏସ୍‌ଆଇସି ଯୋଜନାରେ ସାମିଲ କରାଯାଇଥାଏ ଏବଂ ସେମାନେ ବେରୋଜଗାରୀ ଭତ୍ତା ପାଇବା ପାଇଁ ହକ୍‌ଦାର ହୋଇଥାନ୍ତି। ଏଥିରେ ଦୈନିକ ହାରାହାରି ଆୟର ୨୫ ପ୍ରତିଶତ ସର୍ବାଧିକ ୯୦ ଦିନ ପାଇଁ ବେରୋଜଗାରୀ ଭତ୍ତା ଯୋଗାଇ ଦିଆଯିବାର ବ୍ୟବସ୍ଥା ଥିଲା। ତାହା ପୁଣି ଜୀବନକାଳ ମଧ୍ୟରେ ଥରେ ଏବଂ କେତେକ ସର୍ତ୍ତରେ ପ୍ରଦାନ କରାଯିବାର ନିୟମ ରହିଥିଲା। ତାହାକୁ ୫୦ ପ୍ରତିଶତକୁ ବୃଦ୍ଧି କରାଯାଇଛି। ପୂର୍ବରୁ ନିଯୁକ୍ତିଦାତାଙ୍କ ମାଧ୍ୟମରେ ଆବେଦନ ସର୍ତ୍ତ ରହିଥିବାବେଳେ ଉକ୍ତ ସର୍ତ୍ତକୁ ହଟାଇଦିଆଯାଇଛି। କର୍ମଚାରୀ ସିଧାସଳଖ ଇଏସ୍‌ଆଇସି କାର୍ଯ୍ୟାଳୟରେ ଭତ୍ତା ପାଇଁ ଆବେଦନ କରିପାରିବେ। ପୂର୍ବରୁ ନିଯୁକ୍ତି ହରାଇବାର ୯୦ ଦିନ ପରେ ଭତ୍ତା ମିଳୁଥିଲା। ତାହାକୁ ୩୦ ଦିନକୁ କମାଇ ଦିଆଯାଇଛି। ଇଏସ୍‌ଆଇସି ଏହି ଯୋଜନାକୁ ୨୦୨୧ ଜୁନ୍ ୩୦ ପର୍ଯ୍ୟନ୍ତ ବଢ଼ାଇବାକୁ ନିଷ୍ପତ୍ତି ନେଇଛନ୍ତି।

# ଓଡ଼ିଶା ଚାଷୀଙ୍କୁ ପର୍ଯ୍ୟାପ୍ତ ୟୁରିଆ ସାର ଯୋଗାଇବାକୁ କେନ୍ଦ୍ର ପ୍ରତିଶ୍ରୁତିବଦ୍ଧ: ଧର୍ମେନ୍ଦ୍ର


ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର,୨୧।୮

ରାଜ୍ୟରେ ୟୁରିଆ ସାରର ଅଭାବ ନେଇ ଶୁକ୍ରବାର କେନ୍ଦ୍ର ସାର ଓ ରସାୟନ ରାଷ୍ଟ୍ରମନ୍ତ୍ରୀ ମନସୁଖଲାଲ ମାଣ୍ଡଭିୟଙ୍କ ସହ ଫୋନ୍ ଯୋଗେ କଥା ହୋଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଚଳିତ ଖରିଫ ଋତୁରେ ଓଡ଼ିଶାର ଚାଷୀଙ୍କୁ ପର୍ଯ୍ୟାପ୍ତ ପରିମାଣର ୟୁରିଆ ସାର ଯୋଗାଣ ନେଇ ମାଣ୍ଡଭିୟ ପ୍ରତିଶ୍ରୁତି ଦେଇଥିବା ଟୁଇଟ୍ ଯୋଗେ ପ୍ରଧାନ କହିଛନ୍ତି। ସେ କହିଛନ୍ତି ଯେ, ରାଜ୍ୟରେ ୟୁରିଆ ସାରର ଅଭାବ ନେଇ ବିଭିନ୍ନ ମହଲରୁ ଅଭିଯୋଗ ହେବା ପରେ ନବରଙ୍ଗପୁରର ପୂର୍ବତନ ଏମ୍‌ପି ବଳଭଦ୍ର ମାଝି ତାଙ୍କୁ ଅବଗତ କରିଥିଲେ। ଏହା ପରେ ସେ କେନ୍ଦ୍ରମନ୍ତ୍ରୀ ମାଣ୍ଡଭିୟଙ୍କ ସହ କଥା ହୋଇଥିଲେ। ଉଲ୍ଲେଖନୀୟ ଯେ, ପ୍ରଧାନଙ୍କ ଏ ସମ୍ପର୍କିତ ଟୁଇଟ୍‌ରେ ପ୍ରତିକ୍ରିୟା ଦେଇ ମାଣ୍ଡଭିୟ ଓଡ଼ିଶାର କୋଣ ଅନୁକୋଣକୁ ପର୍ଯ୍ୟାପ୍ତ ସାର ଯୋଗାଣ କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି।

# ଲଗାଣ ବର୍ଷାରେ ୫ ମୃତ

ଭୁବନେଶ୍ୱର, ୨୧।୮(ବ୍ୟୁରୋ)

- ୭ ଦିନରେ କ୍ଷୟକ୍ଷତି ରିପୋର୍ଟ ଦେବାକୁ ନିର୍ଦ୍ଦେଶ
- ଜୁଲାଇର ନିଅଣ୍ଟିଆ ଅଗଷ୍ଟରେ ଭରଣା
- ଅଗଷ୍ଟରେ ସ୍ୱାଭାବିକଠାରୁ ୪୫.୨% ଅଧିକ ବର୍ଷା

ଲଘୁଚାପ ଓ ମୌସୁମୀଜନିତ ବର୍ଷାରେ ରାଜ୍ୟରେ ୫ ଜଣଙ୍କ ମୃତ୍ୟୁ ଘଟିଛି। କାନ୍ଥ ପଡ଼ି ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ଅଧୀନ ଘୁଙ୍ଗୁଟିପାଲି ଗ୍ରାମର ଦୀପା ବରାଲେଣ୍ଡିଆ, ଦେବଗଡ଼ ଜିଲା ରିଆମାଳ ବ୍ଲକ ଅନ୍ତର୍ଗତ ଦେହୁରୀପାଲି ଗ୍ରାମର ଗୋପାଳ ଗାରିଆ, ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକ ଅଧୀନ କୁଚେଇ ଗ୍ରାମର ବାସନ୍ତୀ ମୁଖୀଙ୍କ ମୃତ୍ୟୁ ଘଟିଛି। ସେହିପରି ମୋରଡ଼ା ବ୍ଲକ ଗଣ୍ଡଗୁହଳାଳି ଗ୍ରାମର ବୁଦ୍ଧେଶ୍ୱର ମାଝି ଏବଂ ମଙ୍ଗଳ ମାରାଣ୍ଡିଙ୍କ ପାଣିରେ ଭାସିଯାଇ ମୃତ୍ୟୁ ହୋଇଥିବା ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆରସି) ପ୍ରଦୀପ କୁମାର ଜେନା ସୂଚନା ଦେଇଛନ୍ତି। ଅଗଷ୍ଟରେ ହୋଇଥିବା ପ୍ରବଳ ବର୍ଷାରେ କେତେଜ ଜିଲାରେ ବାସଗୃହ କ୍ଷତିଗ୍ରସ୍ତ ହୋଇଛି। ଚାଷଜମି ଜଳମଗ୍ନ ହେବା ସହ ବାଲି ମାଡ଼ିଯାଇଛି। ୭ଦିନ ମଧ୍ୟରେ କ୍ଷୟକ୍ଷତି ରିପୋର୍ଟ ଦେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ମିଳିବା ପରେ କ୍ଷତିଗ୍ରସ୍ତଙ୍କୁ ଆବଶ୍ୟକ ସହାୟତା ପ୍ରଦାନ କରାଯିବ ବୋଲି ଏସଆର୍‌ସି କହିଛନ୍ତି। ରାଜ୍ୟରେ ଜୁନ୍‌ରୁ ଅଦ୍ୟାବଧି ୧.୩% ଅଧିକ ବର୍ଷା ହୋଇଛି। ଜୁନ୍‌ରେ ସାଧାରଣ ବୃଷ୍ଟିପାତଠାରୁ ୯.୩% ବେଶି ବର୍ଷା ହୋଇଥିଲା। ଜୁଲାଇରେ ୩୪.୯ ପ୍ରତିଶତ କମ୍ ବର୍ଷା ହୋଇଥିଲା। ତେବେ ଅଗଷ୍ଟରେ ୪୫.୨%ରୁ ଅଧିକ ବର୍ଷା ହୋଇଛି। ଯେଉଁ ଜିଲାଗଡ଼ିକରେ ଜୁଲାଇରେ ନିଅଣ୍ଟିଆ ବର୍ଷା ହୋଇଥିଲା, ତାହା ଅଗଷ୍ଟରେ ଭରଣା ହୋଇଛି ବୋଲି ଏସଆରସି ସୂଚନା ଦେଇଛନ୍ତି।

ଅଗଷ୍ଟରେ ୧୭ ଜିଲାରେ ସାଧାରଣ ବୃଷ୍ଟିପାତଠାରୁ ୧୯% ଅଧିକ ହୋଇଥିବା ବେଳେ ୧୨ ଜିଲାରେ ସ୍ୱାଭାବିକ ବର୍ଷା ହୋଇଛି। ୬ ଜିଲାରେ ସାଧାରଣଠାରୁ ୧୦୫ରୁ ୧୭୬ ପ୍ରତିଶତ ପର୍ଯ୍ୟନ୍ତ ଅଧିକ ବର୍ଷିଛି। କେବଳ ନୂଆପଡ଼ା ଜିଲାରେ ୩୧.୯% କମ୍ ବର୍ଷା ହୋଇଛି। ଗତ ୨୪ ଘଣ୍ଟା ମଧ୍ୟରେ ମଧ୍ୟମଧରଣର ବୃଷ୍ଟିପାତ ହୋଇଛି। ଏହି ସମୟରେ ରାଜ୍ୟରେ ହାରାହାରି ୧୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ମାଲକାନଗିରି ଜିଲା ପଡ଼ିଆ ବ୍ଲକରେ ୧୧୨.୩ ମି.ମି., ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକରେ ୧୨୬ ମି.ମି. ବର୍ଷା ହୋଇଛି। ଏହାଛଡ଼ା ୨୨ ବ୍ଲକରେ ୫୦ ମିମି ଏବଂ ୫୯ ବ୍ଲକରେ ୨୦ରୁ ୫୦ ମି.ମି. ବର୍ଷା ରେକର୍ଡ କରାଯାଇଛି।

ବୈତରଣୀ ନଦୀର ଆଖୁଆପଦାଠାରେ ବିନ୍ୟାଜଳ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଉପରମୁଣ୍ଡରେ ଅଧିକ ବର୍ଷା ହୋଇ ନ ଥିବାରୁ ଜଳସ୍ତର ଖୁବ୍‌ଶୀଘ୍ର କମିବ ବୋଲି ଅନୁମାନ କରାଯାଉଛି। ସେହିପରି ବାଲେଶ୍ୱର ଜିଲାର ବସ୍ତା ବ୍ଲକର ମଥାନିଠାରେ ଜଳକା ନଦୀର ଜଳସ୍ତର ବିପଦସଙ୍କେତ ଊର୍ଦ୍ଧ୍ୱରେ ପ୍ରବାହିତ ହେଉଥିଲେ ମଧ୍ୟ ଏହା ସ୍ଥିର ରହିଛି। କୋରାପୁଟ ଜିଲାର କୋଟପାଡ ବ୍ଲକ ଅନ୍ତର୍ଗତ ସୁରଲିଠାରେ ଜାତୀୟ ରାଜପଥ-୧୨ର ପୋଲ ଉପରେ ବର୍ଷାଜଳ ପ୍ରବାହିତ ହେବା ଯୋଗୁ ବୋରିଗୁମ୍ମାଠାରୁ ଜଗଦଲପୁର ରାସ୍ତା ବିଚ୍ଛିନ୍ନ ରହିଛି। ପୋଲିସ, ଅଗ୍ନିଶମ ବାହିନୀ, ଓଡ୍ରାଫ୍ ଟିମ୍, ବ୍ଲକ ଓ ତହସିଲ କର୍ମଚାରୀମାନେ ପରିସ୍ଥିତି ପ୍ରତି ସଜାଗ ଅଛନ୍ତି। ବୃଷ୍ଟିପାତ ଯୋଗୁ ଜିଲାର ୧୨୦ଟି ବାସଗୃହ ଓ ଗୋଟିଏ ଗୁହାଳ କ୍ଷତିଗ୍ରସ୍ତ ହୋଇଛି। ମାଲକାନଗିରି ଜିଲାରେ ଗତ ୨୪ ଘଣ୍ଟା ମଧ୍ୟରେ ୬୨.୫ ମିଲିମିଟର ବୃଷ୍ଟିପାତ ହୋଇଛି। ଫଳରେ କଙ୍ଗାରୁକୋଣ୍ଡା, କନ୍ୟାଶ୍ରମ, କେରାପୁଣ୍ଡା ପୋଲ ଉପରେ ବର୍ଷା ଜଳ ପ୍ରବାହିତ ହେଉଛି। ବୁଧବାର ରାତିରେ ମାଥିଲି ବ୍ଲକର ୧୬୯ ଓ କାଳିମେଳା ବ୍ଲକର ୮୧ ଜଣଙ୍କୁ ନିକଟସ୍ଥ ଆଶ୍ରୟସ୍ଥଳକୁ ସ୍ଥାନାନ୍ତରିତ କରାଯାଇଛି। ଝାରସୁଗୁଡା ଜିଲାରେ ମଧ୍ୟମ ଧରଣର ବୃଷ୍ଟିପାତ ଯୋଗୁ ଲଖନପୁର ତହସିଲର ୪ ପରିବାରର କଚ୍ଚାଘର କ୍ଷତିଗ୍ରସ୍ତ ହୋଇଛି। ସମ୍ପୃକ୍ତ ପରିବାରକୁ ପଲିଥିନ ଯୋଗାଇ ଦିଆଯାଇଛି। ଖୋର୍ଦ୍ଧା ଜିଲାର ମଲାଗୁଣି ନଦୀରେ ବଢ଼ି ଆସିବାରୁ ଖୋର୍ଦ୍ଧା ବ୍ଲକର ଓବରସିଂ ପଞ୍ଚାୟତର ହରିମଲ ଗ୍ରାମର କେତେକ ଚାଷଜମି ଜଳମଗ୍ନ ହୋଇପଡ଼ିଛି।






**ଆଜିର ମନ୍ତବ୍ୟ**

"ଦୀପାବଳି ପର୍ଯ୍ୟନ୍ତ ଏନ୍ଇଇଟି ଏବଂ ଜେଇଇ ପରୀକ୍ଷା ବନ୍ଦ କରାଯାଉ। ଏଥିଲାଗି ପ୍ରଧାନମନ୍ତ୍ରୀ ହସ୍ତକ୍ଷେପ କରି ଶିକ୍ଷା ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ନ ଦେଲେ ପିଲାମାନେ ଆତ୍ମହତ୍ୟା ରାସ୍ତା ବାଛିନେବାର ଆଶଙ୍କା ରହିଛି।

-ସୁବ୍ରମଣ୍ୟମ ସ୍ୱାମୀ, ଭାଜପା ଏମ୍‌ପି

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..............................



ସୌମ୍ୟରଞ୍ଜନ
ପରିବାରବର୍ଗ



ରାନୀ
ପରିବାରବର୍ଗ



ସଞ୍ଜୟ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନିଆଁ ଲଗା ଘରେ ରହିବି ନାହିଁ;**
**ଖଣ୍ଡିଆ ପଥୁରି, ତାଟି କିଳାମାଡ଼,**
**ଆଉ ଦିନାକେତେ ସହିବି ନାହିଁ ।**

ଯେଉଁ ଘରେ ବ୍ୟକ୍ତିଙ୍କୁ ସ୍ନେହ ଆଦର ମିଳି ନ ଥାଏ ସେ ଘର ପ୍ରତି ବ୍ୟକ୍ତିର ମୋହ ମାୟା ତୁଟି ଯାଇଥାଏ। ପରିବାର ସଦସ୍ୟଙ୍କ ମଧ୍ୟରେ ରହିଥିବା ସମ୍ପର୍କ କ୍ରମଶଃ ଫିକା ପଡିଯାଇଥାଏ। ଏପରି ସ୍ଥିତିରେ ଶାଶୁଘର ସଦସ୍ୟଙ୍କଠାରୁ କଥାକଥାକେ ମାଡ଼ଗାଳି ଶୁଣୁଥିବା ବୋହୂ ସେଠାରେ ଚଳିବାକୁ ଇଚ୍ଛା ପ୍ରକାଶ ନ କରିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନାକ ଫୁଲେଇର ଓଲେଇ ଗୁଣ**
**ହାଣ୍ଡିରେ ଖାଏ ସେ ଭାତ ତିଉଣ ।**

ଭାରି ଛଳ, ଟିକେ ଟାଣ କରି କଥା କହିଲେ କେତେକେ ସହିପାରି ନ ଥାନ୍ତି ; ଆଖିରେ ଲୁହ ଜକେଇ ଆସେ । କାମ କରିବା କଥା ପଇଲେ ମୁହଁ କାନ୍ଦ କାନ୍ଦ ହୋଇଯାଏ, ପରନ୍ତୁ ଖାଇବା କଥା ହେଲେ ସେଥିରେ ଆଗଭର ହୋଇଯାନ୍ତି। କିଛି ବ୍ୟକ୍ତିଙ୍କର ଖାଦ୍ୟ ପ୍ରତି ଅହେତୁକ ଲାଳସା ଭାବନା ରହିଥାଏ। ସବୁବେଳେ ପାଟିରେ କିଛି ନା କିଛି ପକାଉଥିବା ଖାଦ୍ୟ ଲୋଭୀ ମହିଳା ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ,ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ରିପୋର୍ଟ ମାଗିଲେ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ

**ବାଲିଯାତ୍ରା ପଡ଼ିଆରେ ନିର୍ମାଣ କାର୍ଯ୍ୟ ପ୍ରସଙ୍ଗ**

- ୩ ମାସ ମଧ୍ୟରେ ତଦନ୍ତ, କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦିଅ
- ଡିସେମ୍ବର ୧୫ରେ ପରବର୍ତ୍ତୀ ଶୁଣାଣି

କଟକ ଅଫିସ,୨୧।୮

କିଶନନଗର ତହସିଲ ରତିଲୋ ମୌଜାର ମହାନଦୀ ପଠାରେ ପଞ୍ଚମୁଖୀ ହନୁମାନ ମନ୍ଦିର ଓ ଅନ୍ୟ ନିର୍ମାଣ କାର୍ଯ୍ୟକୁ ବିରୋଧକରି ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ୍‌ରେ ମାମଲା ଦାଏର ହୋଇଥିଲା। ଶୁଣାଣି ବେଳେ ନିର୍ମାଣ କାର୍ଯ୍ୟ ପାଇଁ ନିୟମ ଉଲ୍ଲଂଘନ କରାଯାଇଥିବା ଟ୍ରିବ୍ୟୁନାଲ୍ ରାୟ ଦେଇଛନ୍ତି। କେବଳ ଏହି ଗୋଟିଏ ସ୍ଥାନ ନୁହେଁ, ମହାନଦୀ ପଠାର ବାଲିଯାତ୍ରା ପଡ଼ିଆରେ ମଧ୍ୟ କେତେକ ନିର୍ମାଣ କାର୍ଯ୍ୟ ଚାଲିଛି। ତିନି ମାସ ମଧ୍ୟରେ ଏହାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ଟ୍ରିବ୍ୟୁନାଲ୍ ନିର୍ଦ୍ଦେଶ ଦେଇଛନ୍ତି। ଡିସେମ୍ବର ୧୫ରେ ପରବର୍ତ୍ତୀ ଶୁଣାଣି କରାଯିବ। ପ୍ରକାଶ ଯେ, କିଶନନଗର ତହସିଲର ରତିଲୋ ମୌଜାର ମହାନଦୀ ପଠାରେ ଏକ ପଞ୍ଚମୁଖୀ ହନୁମାନ ମନ୍ଦିର ନିର୍ମାଣ ଚାଲିଛି। ପଠାରୁ ଏହା ମାତ୍ର ୩୫ ମିଟର ଦୂରରେ ରହିଛି। ନିର୍ମାଣ ପାଇଁ ପ୍ରଶାସନ ପାଖରୁ ଅନୁମତି ଅଣାଯାଇ ନାହିଁ। ବନ୍ୟା ପ୍ରଭାବିତ ଅଞ୍ଚଳରେ ଥିବା ଯୋଗୁ ନିର୍ମାଣକୁ ବିରୋଧକରି ଦିଲ୍ଲୀପ ସାମନ୍ତରାୟ ଟ୍ରିବ୍ୟୁନାଲ୍‌ଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାର ତଦନ୍ତ ପାଇଁ କମିଟି ଗଠନ କରିବାକୁ ଟ୍ରିବ୍ୟୁନାଲ୍ ନିର୍ଦ୍ଦେଶ ଦେଇଥିଲେ। ଜଳସମ୍ପଦ ବିଭାଗର ସଚିବ ଏହାର ଅଧ୍ୟକ୍ଷ ରହିଛନ୍ତି। ଜୁଲାଇ ୨୪ରେ ଏହି ଉଚ୍ଚସ୍ତରୀୟ କମିଟି ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ଟ୍ରିବ୍ୟୁନାଲ୍‌କୁ ରିପୋର୍ଟ ଦେଇଥିଲେ। ନିର୍ମାଣ ପାଇଁ ଅନୁମତି ନିଆଯାଇ ନାହିଁ। ଏଠାରେ କୌଣସି ପ୍ରକାର ନିର୍ମାଣ କାର୍ଯ୍ୟ କରିବା ବେଆଇନ ବୋଲି ରିପୋର୍ଟରେ ଦର୍ଶାଯାଇଥିଲା। ରିପୋର୍ଟ ପାଇବା ପରେ ମାମଲାର ଶୁଣାଣି ବେଳେ ଟ୍ରିବ୍ୟୁନାଲ୍ କହିଛନ୍ତି ଯେ ନିର୍ମାଣ ବେଆଇନ୍ ଭାବେ ଚାଲିଥିବା ଯଦି ରାଜ୍ୟ ସରକାର ଜାଣିଛନ୍ତି, ତେବେ କାର୍ଯ୍ୟାନୁଷ୍ଠାନ ନେବା ଉଚିତ। ଶୁଣାଣି ବେଳେ ମହାନଦୀ ପଠାର ବାଲିଯାତ୍ରା ପଡ଼ିଆରେ ଚାଲିଥିବା ନିର୍ମାଣ କାର୍ଯ୍ୟ ନେଇ ମଧ୍ୟ ଆଲୋଚନା ହୋଇଥିଲା। ବନ୍ୟା ପ୍ରଭାବିତ ଅଞ୍ଚଳରେ ଏହି ନିର୍ମାଣ ଚାଲିଛି। ତେଣୁ ପୂର୍ବରୁ ଗଠିତ କମିଟି ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ରିପୋର୍ଟ ୩ ମାସ ମଧ୍ୟରେ ଦେବାକୁ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଛନ୍ତି।

## କରୋନାରେ ଫାର୍ମାସିଷ୍ଟଙ୍କ ମୃତ୍ୟୁ

ଜଗନ୍ନାଥପ୍ରସାଦ,୨୧।୮(ଡି.ଏନ.ଏ)-ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ବରଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଫାର୍ମାସିଷ୍ଟ ସୁରେଶ ଚନ୍ଦ୍ର ବିଶୋଇ(୫୮)ଙ୍କ ଗୁରୁବାର ସନ୍ଧ୍ୟାରେ କରୋନାରେ ମୃତ୍ୟୁ ଘଟିଛି। ଶୁକ୍ରବାର ଭଞ୍ଜନଗରଠାରେ କରୋନା ଯୋଦ୍ଧା ସୁରେଶଙ୍କୁ ପ୍ରଶାସନ ଓ ପୋଲିସ ପକ୍ଷରୁ ଗାର୍ଡ ଅଫ ଅନର ଦିଆଯାଇଛି। ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ, ଏସ୍‌ଡିଏମଓ ସୀତାଂଶୁ ଶତପଥୀ ଓ ଜଗନ୍ନାଥପ୍ରସାଦ ମେଡିକାଲ ଅଧିକାରୀ ଦାଶ କିରଣ କୁମାର ସ୍ଥିତିଙ୍କ ଉପସ୍ଥିତିରେ ଉପଖଣ୍ଡ ମେଡିକାଲରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସେହିପରି ବରଗାଁ ଓ ଜଗନ୍ନାଥପ୍ରସାଦ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ଶୋକସଭା ହୋଇଥିଲା। ୨୦୦୧ରୁ ସୁରେଶ ବରଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଥିଲେ। ସେ ମିଷ୍ଟଭାଷୀ, ମେଳାପୀ ଓ ପରୋପକାରୀ ଥିଲେ। ଗତ ୩ ଦିନ ତଳେ ତାଙ୍କର ଥଣ୍ଡା, ଜ୍ୱର ହୋଇଥିଲା। ଗୁରୁବାର ହଠାତ୍ ଅସୁସ୍ଥ ଅନୁଭବ କରିବାରୁ ଭଞ୍ଜନଗର ଉପଖଣ୍ଡ ମେଡିକାଲକୁ ଯାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସୁରେଶଙ୍କ ମୃତ୍ୟୁ ଘଟିଥିଲା। ମୃତ୍ୟୁ ପରେ ତାଙ୍କ ସ୍ୱାବ୍ ପରୀକ୍ଷା କରାଯାଇଥିବା ବେଳେ ସେ କରୋନା ସଂକ୍ରମିତ ଥିବା ଜଣାପଡିଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ସ୍ୱଗୃହୀ ମଙ୍ଗଳଙ୍କ ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା ପୂର୍ବପରି ଅକ୍ଷୁଣ୍ଣ ରହିବ। ଗ୍ରହସ୍ଥିତିର ଶୁଭତ୍ୱ କାରଣରୁ ଯାହାକରନ୍ତୁନା କାହିଁକି ସବୁକାମରେ ସିଦ୍ଧିଲାଭ ଅବଶ୍ୟମ୍ଭାବୀ। ବନ୍ଧୁମାନଙ୍କର ମନୋଭାବକୁ ଠିକ୍ ଭାବେ ବୁଝିପାରିବେନି। ବାଣିଜ୍ୟ,ବ୍ୟବସାୟ, କ୍ରୀଡା, ଚଳଚ୍ଚିତ୍ର କ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତ ହେବ ।

**ବୃଷ** ଶନିଙ୍କ ଦୃଷ୍ଟିର କୁପ୍ରଭାବରେ ଭାଇ, ବନ୍ଧୁ କିମ୍ବା ପଡୋଶୀ, ସହକର୍ମୀଙ୍କ ସହ ସୁସମ୍ପର୍କ ରହି ନ ପାରେ। ମାନସିକ ସ୍ଥିତି ଠିକ୍ ରହିଲେ ମଧ୍ୟ ସମସ୍ୟା ସମାଧାନରେ ପ୍ରତାରିତ ହୋଇପାରନ୍ତି। କୌଣସି ମୂଲ୍ୟବାନ ଜିନିଷ କିଣିବା ସକାଶେ ହଠାତ୍ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ଅନୁଭବ କରିବେ ।

**ମିଥୁନ** ରାହୁ ଯୁକ୍ତ ଶୁକ୍ର ଓ ଅଷ୍ଟମ ଶନିଙ୍କ ହେତୁ ପ୍ରତ୍ୟେକ କ୍ଷେତ୍ରରେ ଆଗପଛ ବିଚାର ନ କରି କାମ କଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ। ନିଜର ଫାଇଦା ହାସଲ ପାଇଁ ଆତ୍ମୀୟସ୍ୱଜନମାନେ ଫନ୍ଦିଫିକର କରିପାରନ୍ତି। ଆର୍ଥିକ ସ୍ଥିତି ଓ ପାରିବାରିକ ପରିସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ।

**କର୍କଟ** ରାଶ୍ୟାଧିପ ତୃତୀୟସ୍ଥ ଯୋଗୁ ଦୃଢପଦକ୍ଷେପ ନେଇ କାର୍ଯ୍ୟ ହାସଲ କରିବେ। ମନରେ ସାହସ ଭରି ରହିଥିଲେ ମଧ୍ୟ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ। ଆର୍ଥିକ ଅନଟନ ଲାଗି ରହିଥିଲେ ମଧ୍ୟ ପରିସ୍ଥିତିକୁ ସମ୍ଭାଳି ନେବେ। ଆଜିର ପ୍ରତ୍ୟୁଷ ଯାତ୍ରା ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ ।

**ସିଂହ** ସ୍ୱଗୃହୀ ରବି ଧନ ଏକାଦଶାଧିପତି ଯୁକ୍ତ କାରଣରୁ ପଦସ୍ଥବ୍ୟକ୍ତିଙ୍କ ସାହାଯ୍ୟରୁ ଅର୍ଥ ଓ ସମ୍ମାନ ଲାଭ କରିବେ। ଉଚ୍ଚ ପଦାଧିକାରୀଙ୍କ ନିର୍ଦ୍ଦେଶରେ ଦୂରଯାତ୍ରା କରିବାକୁ ପଡିପାରେ। ବନ୍ଧୁମାନେ ଅସହଯୋଗ ମନୋବୃତ୍ତି ପୋଷଣ କରିପାରନ୍ତି। ମାନସିକ ଅବସାଦ ଯୋଗୁଁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ।

**କନ୍ୟା** ଧନାଧିପତିଙ୍କ ପାପସଂଯୁକ୍ତ ହେତୁ ଆର୍ଥିକ ପରିସ୍ଥିତି କ୍ରମଶଃ ନିମ୍ନାଭିମୁଖୀ ହୋଇପାରେ। ଭଲ ସମ୍ପର୍କ ଥିବା ସମ୍ପର୍କୀୟମାନେ ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଭୁଲ୍ ଧାରଣାର ବଶବର୍ତ୍ତୀ ହେବେ। ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇ ପାରନ୍ତି। ଅବଶ୍ୟ କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ ।

**ତୁଳା** ଶନିଙ୍କ ସୁପ୍ରଭାବରେ ଆନୁଷ୍ଠାନିକ କାମରେ ଅଗ୍ରଣୀ ହେବା ସହ ପାରିବାରିକ ସ୍ତରରେ ବନ୍ଧୁବର୍ଗଙ୍କ ସହାନୁଭୂତି ଲାଭକରିବେ। କର୍ମକ୍ଷେତ୍ରରେ କାର୍ଯ୍ୟଦକ୍ଷତା ଓ ସମୟାନୁବର୍ତ୍ତିତାରୁ ନିଜ ପରିସରରେ ପ୍ରତିଷ୍ଠିତ ହେବେ। ଘର କାମ ଛାଡି ବାହାର କାମରେ ବେଶି ସମୟ କଟାଇବାକୁ ପଡିପାରେ।

**ବିଛା** ରାଶିପ୍ରତି ରାଶ୍ୟାଧିପତିଙ୍କ ଦୃଷ୍ଟିରୁ ଦୈହିକ ସୁସ୍ଥତା ଫେରି ଆସିବ। ହଜିଯାଇଥିବା ଧନ ଭାଙ୍ଗିଯାଇଥିବା ସମ୍ପର୍କ ପୁନଶ୍ଚ ଫେରି ଆସିବାର ଅନୁଭବ କରିବେ। କିନ୍ତୁ ନିଜେ ସାମିଲ୍ ହୋଇଥିବା ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହୋଇପାରେ। ଆଶା କରୁଥିବା କାମ ହାସଲ ଜନିତ ମାନସିକ ଅବସାଦ ଦୂର ହେବ।

**ଧନୁ** ମୁଖଭାବରେ ଶନି ଆପଣଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ନୀରବ ରହିବାକୁ ଅନୁପ୍ରେରିତ କରିବ। ଅଭାବ ରହିବନି ଏବଂ ଯାହା ଚାହୁଁଛନ୍ତି ତାହା ଅବଶ୍ୟ କାର୍ଯ୍ୟରେ ପରିଣତ କରିପାରିବେ। ସାଧାରଣ କଥାରେ ଭାବପ୍ରବଣତାର ବଶବର୍ତ୍ତୀ ନ ହୋଇ ପରିସ୍ଥିତିର ମୁକାବିଲା କରିବା ଭଲ ହେବ ।

**ମକର** ଚତୁର୍ଥ ଓ ସପ୍ତମାଧିପ ଶୁଭ ଭାବରେ ଥିବାରୁ ମନ ଅନୁଯାୟୀ କାମ କରିବେ ଏବଂ ତଦନୁସାରେ ସୁଫଳ ମଧ୍ୟ ପାଇବେ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମିପାରେ। କାର୍ଯ୍ୟ ହାସଲ ସକାଶେ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ । ତଥାପି କେତେକ କ୍ଷେତ୍ରରେ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ।

**କୁମ୍ଭ** ତୃତୀୟଭାବରେ ସ୍ୱଗୃହୀ ମଙ୍ଗଳ ଆପଣଙ୍କ ଭ୍ରାତୃସୌଖ୍ୟ ଓ ଜମିଜମା କିଣାବିକା କ୍ଷେତ୍ରରେ ସୁଫଳ ପ୍ରଦାନ କରିବ। କିନ୍ତୁ ପରିବାରରେ ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। କର୍ମକ୍ଷେତ୍ରରେ ବାରମ୍ବାର ବିଫଳତା କାରଣରୁ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ।

**ମୀନ** କଥାରେ କଠୋରତା କାମରେ ବିଫଳତା ମାନସିକ ଅଶାନ୍ତିର କାରଣ ହେବ। ଅସଫଳତାରେ ଅଂଶୀଦାର ବ୍ୟବସାୟୀଙ୍କ ସହ ବାଣିଜ୍ୟ,ବ୍ୟବସାୟ ଓ ପରିବହନରେ ମାନମନାନ୍ତର ଦେଖା ଦେବ। ପରିବାରର ଆବଶ୍ୟକତାକୁ ନେଇ ଆଜି ଅଳଙ୍କାର, ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି।

ଆଜି ଶ୍ରୀଗଣେଶ ଚତୁର୍ଥୀ ଶନିବାର, ଅଗଷ୍ଟ ୨୨ ତାରିଖ, ଶ୍ରୀମନ୍ଦିରରେ ଗଣେଶପୂଜା, ରାଶିନକ୍ଷତ୍ର-ହସ୍ତା/କନ୍ୟା, ବୃଷ ରାଶିର ଘାତଚନ୍ଦ୍ର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୯.୪୪ମି. ଗତେ ଘ.୦୧.୦୫ମି.ମଧ୍ୟେ, ରାତ୍ରି ଘ.୦୮.୨୩ମି. ଗତେ ଘ.୧୦.୪୦ମି. ମଧ୍ୟେ, ଘ.୧୨.୧୨ମି. ଗତେ ଘ.୦୧.୪୩ମି. ମଧ୍ୟେ, ଘ.୦୨.୨୯ମି. ଗତେ ଘ.୦୪.୦୧ମି. ମଧ୍ୟେ ଅମୃତବେଳା। ଦିବା ଘ.୦୮.୪୧ମି. ଗତେ ଘ.୧୦.୧୬ମି. ମଧ୍ୟେ ରାହୁକାଳ।

## ଶ୍ରୀମନ୍ଦିର ଚତୁଃପାର୍ଶ୍ୱରୁ ପୁଣି ଉଚ୍ଛେଦ ଆରମ୍ଭ

ପୁରୀ ଅଫିସ,୨୧।୮

ପ୍ରାୟ ୫ମାସ ପରେ ପୁଣି ଶ୍ରୀମନ୍ଦିର ଚତୁଃପାର୍ଶ୍ୱରୁ ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଛି। ଶୁକ୍ରବାର ପ୍ରଥମ ଦିନରେ ପଶ୍ଚିମଦ୍ୱାର ପାର୍ଶ୍ୱ ବାସେଲିସାହି ମୌଜାର ୩ଟି ଘରୋଇ ପ୍ଲଟରେ ଥିବା କୋଠା ଭଙ୍ଗାଯାଇଛି। ଉପଜିଲାପାଳ ଭବତାରଣ ସାହୁଙ୍କ ତତ୍ତ୍ୱାବଧାନରେ ଏହି ଉଚ୍ଛେଦ କରାଯାଇଥିବାବେଳେ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ଗୋଟିଏ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ।

ଶ୍ରୀମନ୍ଦିର ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ ପାଇଁ ମେଘନାଦ ପାଚେରି କଡ଼ରୁ ୭୫ ମିଟର ପରିଧି ମଧ୍ୟରେ ଜାଗା ଖାଲି କରାଯିବା ଲାଗି ନିଷ୍ପତ୍ତି ହୋଇଛି। ସରକାରଙ୍କ ଏହି ନିଷ୍ପତ୍ତି ପରେ ଉକ୍ତ ସୁରକ୍ଷା ଜୋନ ମଧ୍ୟରେ ଥିବା ବିଭିନ୍ନ କୋଠା ଗତବର୍ଷ ଅଗଷ୍ଟ ୧୯ ତାରିଖରୁ ଉଚ୍ଛେଦ ଆରମ୍ଭ ହୋଇଥିଲା। ମାତ୍ର ମହାମାରୀ କରୋନା ପାଇଁ ଗତ ମାର୍ଚ୍ଚ ୧୫ ତାରିଖରୁ ଉଚ୍ଛେଦ କାର୍ଯ୍ୟ ବନ୍ଦ ରହିଥିଲା। ଶୁକ୍ରବାରଠାରୁ ପୁଣି ଉଚ୍ଛେଦ ଆରମ୍ଭ ହୋଇଛି। ଏହି କାର୍ଯ୍ୟରେ ଯେପରି ବାଧା ନ ଉପୁଜେ ସେଥିଲାଗି ପୋଲିସ ବ୍ୟାରିକେଡିଂ କରିଥିଲା। ଏହାପରେ ଭଙ୍ଗା କାମ ଆରମ୍ଭ କରାଯାଇଥିଲା। କୋଭିଡ୍ ଗାଇଡ଼ଲାଇନ ପାଳନ କରାଯାଇ ଉଚ୍ଛେଦ ଚାଲିଛି। ଶନିବାର ଗଣେଶ ପୂଜା ଯୋଗୁ ଉଚ୍ଛେଦ ବନ୍ଦ ରହିବ ବୋଲି ଉପଜିଲାପାଳ କହିଛନ୍ତି।



ପଶ୍ଚିମଦ୍ୱାର ପାର୍ଶ୍ୱ ବାସେଲିସାହି ମୌଜାରେ କୋଠା ଭଙ୍ଗାଯାଉଛି।

## ବିଦ୍ୟା ବାଲାନ ପିନ୍ଧିଥିବା ଶାଢ଼ିକୁ କିଣିଲେ ଓଡ଼ିଆ ଝିଅ ଦେବାଂଶୀ

ଭୁବନେଶ୍ୱର, ୨୧।୮(ବ୍ୟୁରୋ)

'ଶକୁନ୍ତଳା ଦେବୀ' ଫିଲ୍ମ ପ୍ରମୋଶନରେ ଅଭିନେତ୍ରୀ ବିଦ୍ୟା ବାଲାନ ପିନ୍ଧିଥିବା ସମ୍ବଲପୁରୀ ଶାଢ଼ି ବିକ୍ରି ହୋଇଛି। ଏହି ଚର୍ଚ୍ଚିତ ଶାଢ଼ିକୁ ଅନ୍‌ଲାଇନ୍ ନିଲାମରେ ୫୫ହଜାର ଟଙ୍କାରେ କିଣିଛନ୍ତି ଓଡ଼ିଆ ଝିଅ ଦେବାଂଶୀ ମିଶ୍ର। ଭଦ୍ରକର ଝିଅ ଦିବାଂଶୀ ଏବେ ଗୁଆହାଟୀ ଆଇଆଇଟିର ଛାତ୍ରୀ। ଶାଢ଼ି ସହ ସେ ମଧ୍ୟ ଏବେ ଚର୍ଚ୍ଚାକୁ ଆସିଛନ୍ତି।

ଫିଲ୍ମ ପ୍ରମୋଶନରେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା ବିଦ୍ୟା ପିନ୍ଧିଥିବା ସମ୍ବଲପୁରୀ ଶାଢ଼ି। କାରଣ ଶାଢ଼ିଟିରେ ବିଦ୍ୟାଙ୍କ ଚରିତ୍ରକୁ ସୁହାଇଲା ଭଳି ଗାଣିତିକ ସୂତ୍ର, ସମୀକରଣ ଆଦିକୁ ସୁନ୍ଦର ଭାବେ ଚିତ୍ରିତ କରାଯାଇଥିଲା। ସୁବର୍ଣ୍ଣପୁରର ପ୍ରସିଦ୍ଧ ବୁଣାକାର ଭାଗବତ ମେହେର ଏହି ସମ୍ବଲପୁରୀ ରେଶମ ଶାଢ଼ିକୁ ୨୦୧୫-୧୬ରେ ବୁଣିଥିଲେ। ପରେ ଓଡ଼ିଶାର ହସ୍ତକଳା, ବୟନ ଶିଳ୍ପର ପ୍ରଚାର ପ୍ରସାର ଦିଗରେ କାର୍ଯ୍ୟ କରୁଥିବା ସଂସ୍ଥା ଉତ୍କଳ ଅମ୍ରିତା ପକ୍ଷରୁ ଉକ୍ତ ଶାଢ଼ିକୁ ବିଦ୍ୟାଙ୍କୁ ଦିଆଯାଇଥିଲା।



ଦେବାଂଶୀ ମିଶ୍ର

ଶାଢ଼ିଟିକୁ ବିଦ୍ୟା ବହୁତ ପସନ୍ଦ କରିବା ସହ ବହୁତ ଭଲ ଲାଗୁଛି ବୋଲି କହୁଥିବାର ଏକ ଭିଡିଓ ଜାରି କରିଥିଲେ। ଉକ୍ତ ଭିଡିଓରେ ବିଦ୍ୟା ସମ୍ବଲପୁରୀ ହସ୍ତଶିଳ୍ପ ଏବଂ ଏହାର ବୁଣାକାରମାନଙ୍କୁ ଭୂରି ଭୂରି ପ୍ରଶଂସା କରିଥିଲେ। ପରେ ସେହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ସେହି ଶାଢ଼ିର ନିଲାମ ନେଇ ଗତ ୧୫ ତାରିଖରେ ଉତ୍କଳ ଅମ୍ରିତା ପକ୍ଷରୁ ଘୋଷଣା କରାଯାଇଥିଲା। ଶେଷରେ ସର୍ବାଧିକ ୫୫ହଜାର ଟଙ୍କାରେ ଏହାକୁ କିଣିଥିଲେ ଦେବାଂଶୀ। ତେବେ ନିଲାମରୁ ମିଳିଥିବା ଲାଭାଂଶକୁ ଏହାର ବୁଣାକାର ଭାଗବତ ମେହେରଙ୍କୁ ପ୍ରଦାନ କରାଯିବ ବୋଲି ଉତ୍କଳ ଅମ୍ରିତା ପକ୍ଷରୁ କୁହାଯାଇଛି।

ସେପଟେ ଏହି ଶାଢ଼ିକୁ କିଣିବା ପରେ ନିଜର ଖୁସି ବ୍ୟକ୍ତ କରିଛନ୍ତି ଦେବାଂଶୀ। ସେ କହିଛନ୍ତି ଯେ, ଛୋଟ ବେଳୁ ମୋର ଗଣିତ ପ୍ରତି ବହୁତ ଦୁର୍ବଳତା ରହିଛି। ଯେତେବେଳେ ଜାଣିଲି ଯେ, ଗଣିତକୁ ନେଇ ବୁଣା ହୋଇଥିବା ଏକ ସମ୍ବଲପୁରୀ ଶାଢ଼ି ନିଲାମ ହେଉଛି, ତାହା ପୁଣି ବିଦ୍ୟା ବାଲାନ ପିନ୍ଧିଥିଲେ, ସେତେବେଳ ସେହି ଶାଢ଼ିଟି କିଣିବା ପାଇଁ ମୋର ବହୁତ ଇଚ୍ଛା ଥିଲା। ସଙ୍ଗେ ସଙ୍ଗେ ବାପାଙ୍କୁ ଜଣାଇ ତାହାକୁ କିଣିବାରେ ସାହାଯ୍ୟ କରିବା ପାଇଁ କହିଥିଲି। ଏହାପରେ ମୁଁ ନିଲାମରେ ଭାଗ ନେଇଥିଲି। ଆଉ ଯେତେବେଳେ ଉତ୍କଳ ଅମ୍ରିତା ପକ୍ଷରୁ ମୋ ପାଖକୁ କଲ୍ ଆସିଥିଲା ଯେ ମୁଁ ଏହି ନିଲାମ ଜିତିଛି, ସେତେବେଳେ ମୋତେ ବହୁତ ଖୁସି ଲାଗିଲା। ସବୁଠୁ ଅଧିକ ଖୁସି ଲାଗୁଛି ଯେ, ନିଲାମ ଅର୍ଥ ଶାଢ଼ିଟିକୁ ବୁଣିଥିବା ଆମ ଓଡ଼ିଆ ବୁଣାକାର ଭାଗବତ ମେହେରଙ୍କୁ ମିଳୁଛି।

## ପ୍ରଥମ ପୃଷ୍ଠାରୁ...

### ଓଡ଼ିଶାରେ ସାଇବର ...

ପ୍ରଥମ ପୃଷ୍ଠାରୁ...

ସହାୟତା ଲୋଡ଼ିଥିଲେ ଓ ତାଙ୍କୁ ମ୍ୟାନେଜର ଭାବେ ନିଯୁକ୍ତି ଦେବାକୁ କହିଥିଲେ। ଏଥିସହ କମ୍ପାନୀର ସମସ୍ତ ଏଗ୍ରିମେଣ୍ଟ କାଗଜ ତାଙ୍କୁ ମେଲ୍‌ରେ ପଠାଇଥିଲେ। ଏହି ପ୍ରସ୍ତାବକୁ ପଢି ମାନସ ତାଙ୍କ ଜାଲରେ ଫସି ଯାଇଥିଲେ। ଖୁବ୍‌ଶୀଘ୍ର ଭାରତ ଆସିବେ ବୋଲି ଏଲିଜାବେଥ୍ କହିଥିଲେ। ତେବେ ଏହାର କିଛିଦିନ ପରେ ସେ ଭାରତରେ ପହଞ୍ଚିଥିବା ଜଣାଇଥିଲେ। ତେବେ ଦିଲ୍ଲୀ ବିମାନ ବନ୍ଦରରେ ତାଙ୍କୁ କଷ୍ଟମବିଭାଗ ଅଫିସରମାନେ ଅଟକାଇ ରଖିଥିବାର ମିଛ କାହାଣୀ ରଚିଥିଲେ। ତାଙ୍କ ନିକଟରେ ଗ୍ରେଟ୍ ବ୍ରିଟେନ୍ ପାଉଣ୍ଡ ରହିଥିବାରୁ ସେ ମୁମ୍ବାଇ ଆସି ଜରିମାନା ବାବଦକୁ କିଛି ଗ୍ରେଟ୍ ବ୍ରିଟେନ୍ ପାଉଣ୍ଡ କଷ୍ଟମ୍ସ ବିଭାଗରେ ଜମା କରିଛନ୍ତି। ପାଖରେ ଥିବା ବାକି ୧.୫ ମିଲିୟନ୍ ଗ୍ରେଟ ବ୍ରିଟେନ୍ ପାଉଣ୍ଡ(ପାଖାପାଖି ୧୫ କୋଟି)କୁ ସ୍ଥାନୀୟ ସିଆଇଟିଆଇ ବ୍ୟାଙ୍କ୍‌ରେ ଏଫ୍‌ଡି ଆକାରରେ ଜମା କରି ମାନସଙ୍କୁ ନୋମିନି ରଖିଥିବା ଜଣାଇଥିଲେ। ଏହାପରେ ବିଦେଶିନୀ ଜଣକ ସେଠାରୁ ଭୁବନେଶ୍ୱରରେ ପହଞ୍ଚିବା ପରେ ଏକ ତାରକା ହୋଟେଲରେ ରହିଥିଲେ। ସେଠାରେ ମାନସଙ୍କ ସହ କମ୍ପାନୀ ପାଇଁ ଡିଲ୍ କରି ସମସ୍ତ କାଗଜପତ୍ରର ଦସ୍ତଖତ ନେଇ ସେ ଲଣ୍ଡନ ପଳାଇଥିଲେ। ଏହାର କିଛି ମାସ ପରେ ମାନସଙ୍କ ନିକଟକୁ ଏକ ଫୋନ୍ କଲ୍ ଆସିଥିଲା। କଲ୍ କରିଥିବା ବ୍ୟକ୍ତିଜଣକ ମୁମ୍ବାଇ ସିଆଟିଆଇ ବ୍ୟାଙ୍କ୍‌ର କର୍ମଚାରୀ ପରିଚୟ ଦେଇ ଏଲିଜାବେଥ୍‌ଙ୍କ ମୃତ୍ୟୁ ଘଟିଥିବା ସୂଚନା ଦେଇଥିଲେ। ତେବେ ସେ ଜମା ରଖିଥିବା ୧୫ କୋଟି ଟଙ୍କାରେ ମାନସ ନୋମିନି ଥିବା ଜଣାଇଥିଲେ। ଉକ୍ତ ଟଙ୍କା ପାଇବା ପାଇଁ ୪୨.୩୨ ଲକ୍ଷ ଡିପୋଜିଟ୍ କରିବାକୁ ହେବ ଓ ଏଥିପାଇଁ ସେ କେତେକ ପରାମର୍ଶ ଦେଇଥିଲେ। ତାଙ୍କ କଥାରେ ବିଶ୍ୱାସ କରି ମାନସ ସେ ଦେଇଥିବା ବିଭିନ୍ନ ଆକାଉଣ୍ଟରେ ୪୨.୩୨ଲକ୍ଷ ଟଙ୍କା ଜମା କରିଥିଲେ। ଏହାପରେ ମାନସ ଉକ୍ତ ନମ୍ବରକୁ କଲ୍ କରିଥିଲେ ମଧ୍ୟ ତାହା ବନ୍ଦ ରହିଥିଲା। ଏଥିସହ ଏଲିଜାବେଥ୍‌ଙ୍କ ସହ କଥା ହୋଇଥିବା ସମସ୍ତ ନମ୍ବରକୁ ଯୋଗାଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ବିଦେଶିନୀ ଜଣକ ଦେଇଥିବା କମ୍ପାନୀ କାଗଜପତ୍ର ଯାଞ୍ଚ କରିବାରୁ ତାହା ଜାଲ ଥିବା ମାନସ ଜାଣିବାକୁ ପାଇ ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ।

### ନିର୍ବାଚନ ଲାଗି...

ବ୍ୟବହାର କରାଯାଇପାରିବ ନାହିଁ। କରୋନା ସଂକ୍ରମିତ ଏବଂ କ୍ୱାରାଣ୍ଟାଇନରେ ଥିବା ଭୋଟର ଶେଷ ମୁହୂର୍ତ୍ତରେ ସେମାନଙ୍କ ବୁଥ୍‌ରେ ଭୋଟ ଦେବାକୁ ସୁଯୋଗ ପାଇବେ। ସ୍ୱାସ୍ଥ୍ୟାଧିକାରୀ ଏବଂ ମାଜିଷ୍ଟ୍ରେଟ୍‌ଙ୍କ କଡ଼ା ତତ୍ତ୍ୱାବଧାନରେ ଏହି ଭୋଟ ନିଆଯିବ। କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ଥିବା ଭୋଟରଙ୍କ ପାଇଁ ଇସି ଅଲଗା ଗାଇଡ୍‌ଲାଇନ ଜାରି କରିବେ।

### ଦୂତୀଙ୍କୁ ଅର୍ଜୁନ ...

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏସିଆନ ଆଥଲେଟିକ୍ ଚାମ୍ପିୟନଶିପ୍‌ରେ ୨ଟି ବ୍ରୋଞ୍ଜପଦକ ହାସଲ କରିଥିଲେ। ୨୦୧୪ରେ ହାଇପରଆଣ୍ଡ୍ରୋଜେନିଜମ୍ ବିବାଦରୁ ମୁକୁଳିଥିବା ଦୂତୀ ୨୦୧୯ରେ ସମଲିଙ୍ଗୀ ସମ୍ପର୍କରେ ଥିବାକଥା ପ୍ରକାଶ କରି ଚର୍ଚ୍ଚାକୁ ଆସିଥିଲେ।


## classifieds Everyday 0674-2580101, 2549302

automobile

**SALE**

Renault Duster RXZ 110ps M/F-2019, k/m. run-12000 in Showroom condition. For detail please call: 9777752210, 9040087500. D-18001

real estate

**SALE**

Plot sale near Sum Hospital @ 1750/-, Krishnapuri, Malipada 4250 Sq.ft. @ 600/-, One acre Main Road @ 12,00,000/- P Guntha, 7735768268. D-69329

**Plot for immediate sale at Palasuni (200 meters) from NH), Mancheswar (IDCO plot) & Saheed Nagar (GA plot) Bhubaneswar, buyers contact- DEEPAK- 9937329999.** D-69902

Bhubaneswar ସୁନ୍ଦରପଦାରେ ପ୍ଲଟ୍ କିଣି ଆଜି ଘର କରନ୍ତୁ। sqft. 950/. 9938016295. D-69145

**ଭୁବନେଶ୍ୱର, ମଞ୍ଚେଶ୍ୱର, ହଂସପାଳ, ପାହାଳ, କେଶୁରାରେ ଘର କଲାଭଳି ଘରବାରି boundary plot ମିଳୁଅଛି। 8249728525, 9090142564.** D-69146

3' boundary developed gharabari plot near Synergy College, Phulnakhara. 9937166932. D-69327

**Plot sale near AIIMS Hospital, Bhubaneswar with 30' road. 9439206202.** D-69143

2BHK/ 1BHK new resale flat on Cuttack-Bhubaneswar highway side. Contact: 9090196181, 9438121068. D-69724

**Earthquake proof 2BHK flat in Apartment of Avantika near Gokul Residency of Rasulgarh GGP Pandra road for immediate sale. Contact: 9938095118, 8763935874 during office hour.** D-69904

Contact for complete Simplex/ Duplex/ Triplex/ Apartment Construction and Interior Design of Ceiling, TV unit, Wardrobe and Modular Kitchen from the experts. MPlanets: 7008550473. D-18007

healthcare

Get refreshment body massage by expert therapist contact for. 9556978408. D-69722

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କୋଭିଡ୍ ଟେଷ୍ଟରେ ଓଡ଼ିଶା ଦେଶରେ ଦ୍ୱିତୀୟ

ଭୁବନେଶ୍ୱର,୨୧।୮(ବ୍ୟୁରୋ)

- ପ୍ରତି ନିୟୁତ ଜନସଂଖ୍ୟାରେ ଦୈନିକ ପରୀକ୍ଷା ୧୨୬୫
- ବଡ଼ ରାଜ୍ୟକୁ ପଛରେ ପକାଇଲା
- ଦେଶ ଓ ବିଶ୍ୱ ପାଇଁ ରୋଲ୍ ମଡେଲ

କୋଭିଡ୍-୧୯ ଟେଷ୍ଟରେ ଓଡ଼ିଶା ସମଗ୍ର ଦେଶରେ ଦ୍ୱିତୀୟ ସ୍ଥାନ ହାସଲ କରିଛି। ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନେଇ ଦୈନିକ ପ୍ରତି ନିୟୁତ(୧୦ ଲକ୍ଷ)ରେ ୧୪୦ରୁ ଅଧିକ କରାଯାଉଥିବା ଟେଷ୍ଟ ସୂଚକାଙ୍କରେ ଉକ୍ତ ସ୍ଥାନ ହାସଲ କରିଥିବା ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ଦୈନିକ ପ୍ରତି ନିୟୁତ ଜନସଂଖ୍ୟାରେ ଓଡ଼ିଶାରେ ୧୨୬୫ କୋଭିଡ୍ ପରୀକ୍ଷା କରି ବଡ ବଡ ରାଜ୍ୟକୁ ପଛରେ ପକାଇ ଦେଇଛି। ଅନ୍ୟପକ୍ଷରେ ଗୋଆ ଦୈନିକ ପ୍ରତି ନିୟୁତ ଜନସଂଖ୍ୟାରେ ୧୮୨୬ ଟେଷ୍ଟ କରି ଦେଶରେ ପ୍ରଥମ ସ୍ଥାନରେ ରହିଛି। ଓଡ଼ିଶାର କୋଭିଡ୍ ପରୀକ୍ଷା ଜାତୀୟ ହାରଠାରୁ ମଧ୍ୟ ଅଧିକ ରହିଛି। ଜାତୀୟ ସ୍ତରରେ କୋଭିଡ୍ ପରୀକ୍ଷା ହାର ୫୮୦ ଥିବା ବେଳେ ଓଡ଼ିଶାର ପରୀକ୍ଷା ହାର ହେଉଛି ୬୮୫ । ବୃହତ୍ ରାଜ୍ୟ ମଧ୍ୟପ୍ରଦେଶରେ ପ୍ରତି ନିୟୁତରେ ଦୈନିକ ୨୪୪ ପରୀକ୍ଷା ହେଉଥିବା ବେଳେ ରାଜସ୍ଥାନ ୩୦୯, ପଶ୍ଚିମବଙ୍ଗ ୩୬୫, ବିହାର ୪୦୮, କେରଳ ୫୩୪, ପଞ୍ଜାବ ୫୪୬, ମହାରାଷ୍ଟ୍ରରେ ୫୭୯ ପରୀକ୍ଷା କରାଯାଉଛି ; ଯାହାକି ଓଡ଼ିଶାଠାରୁ ଏହି ସବୁ ରାଜ୍ୟରେ ପରୀକ୍ଷା ହାର ବହୁ ପଛରେ ରହିଛି। ଦିଲ୍ଲୀ, କର୍ନାଟକ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ ଏବଂ ଗୁଜରାଟ ଭଳି ବିକଶିତ ରାଜ୍ୟ ମଧ ଓଡ଼ିଶାଠାରୁ ପଛରେ ରହିଛନ୍ତି। ଓଡ଼ିଶାରେ ଦୈନିକ ୫୦ ହଜାର କୋଭିଡ୍ ପରୀକ୍ଷା କରାଯାଉଛି। ଏଥିଯୋଗୁ ଓଡ଼ିଶା ଅଧିକାଂଶ ରାଜ୍ୟ ପାଇଁ ମଧ ରୋଲ୍‌ମଡେଲ୍ ହୋଇପାରିଛି। ଓଡ଼ିଶା ଦେଶର ଅନ୍ୟାନ୍ୟ ଭାଗଠାରୁ ଦ୍ରୁତ ପରୀକ୍ଷା କରିପାରିଛି। ଏହାଦ୍ୱାରା କୋଭିଡ୍-୧୯ ଶୀଘ୍ର ଚିହ୍ନଟ କରିବା ସହ ମୃତ୍ୟୁହାର ମଧ ଆହୁରି କମାଯାଇପାରିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

## କରୋନା ସଂକ୍ରମଣ ସ୍ଥିତି

(ଶୁକ୍ରବାର ରାତି ୯ଟା ସୁଦ୍ଧା)

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨,୨୯,୨୫,୬୭୭ | ୭,୯୮,୨୩୯ | ୧,୫୫,୭୧,୨୦୭ |
| ଭାରତ | ୨୯,୨୫,୩୩୭ | ୫୫,୧୭୪ | ୨୧,୭୫,୪୯୨ |
| ଓଡ଼ିଶା | ୭୨,୭୧୮ | ୩୯୦(+୫୩) | ୫୦,୫୦୪ |

(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ବନ୍ୟା ପୀଡ଼ିତ ଛାତ୍ରୀଙ୍କ ଆଶା ସୋନୁ

କୋରୁକୋଣ୍ଡା,୨୧।୮(ଡି.ଏନ୍.ଏ.)


ବନ୍ୟାରେ ନଷ୍ଟ ହୋଇଯାଇଥିବା ବହିଗୁଡ଼ିକୁ ଦେଖି ଅଞ୍ଜଳି କାନ୍ଦୁଛନ୍ତି।

ବନ୍ୟାରେ ଘରଦ୍ୱାର ହରାଇଥିବା ଜଣେ ଆଦିବାସୀ ଛାତ୍ରୀଙ୍କ ପାଇଁ ଆଶାର କିରଣ ପାଲଟିଛନ୍ତି ବଲିଉଡ ଅଭିନେତା ସୋନୁ ସୁଦ। ବହିପତ୍ର ନଷ୍ଟ ହୋଇଯାଇଥିବାରୁ ଛାତ୍ରୀ ଜଣକ କାନ୍ଦୁଥିବାର ଏକ ଭିଡିଓ ଟୁଇଟରରେ ଦେଖିବା ପରେ ସହାୟତା ପାଇଁ ସୋନୁ ଆଗେଇ ଆସିଛନ୍ତି। ନୂଆ ବହି ଆସିବ ଏବଂ ଘର ବି ନୂଆ ତିଆରି ହେବ ବୋଲି ଛାତ୍ରୀଙ୍କୁ ପ୍ରତିଶ୍ରୁତି ଦେଇ ପୁଣି ସମସ୍ତଙ୍କ ମନ ଛୁଇଁଛନ୍ତି ଏହି ଅଭିନେତା। ଛାତ୍ରୀ ଜଣକ ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲାର ବୋଲି ଜଣାପଡିଛି। ବର୍ଷା ବିପ୍ରାତ ଯୋଗୁ ଗତ ୧୫, ୧୬ ତାରିଖରେ ଆସିଥିବା ବନ୍ୟାରେ ବିଜାପୁର ଜିଲାର ଆଦିବାସୀ ଝିଅ ଅଞ୍ଜଳିଙ୍କ ଘର ଭାଙ୍ଗି ମାଟିରେ ମିଶିଛି। ମା' ବାପାଙ୍କ ମୂଲ ମଜୁରୀ ଟଙ୍କାରେ ବହୁ କଷ୍ଟରେ ଯୋଗାଡ କରିଥିବା ତାଙ୍କ ବହିପତ୍ର ବି ଏଥିରୁ ବାଦ ପଡିନି। ବାଉଁଶ ଟୋକେଇରେ ସାଇତି ରଖିଥିବା ବହିଖାତା ବନ୍ୟାପାଣିରେ ଭିଜି ନଷ୍ଟ ହୋଇଛି। ଘର ଭାଙ୍ଗିବାଠାରୁ ବହି ନଷ୍ଟ ହେବା ଅଞ୍ଜଳିଙ୍କୁ ଅଧିକ ଦୁଃଖ ଦେଇଛି, ଯାହାକୁ ଦେଖି ସେ କଇଁକଇଁ ହୋଇ କାନ୍ଦୁଥିବାର ଭିଡିଓ ମୁକେଶ ଚନ୍ଦ୍ରକର୍ ନାମକ ଜଣେ ଯୁବକ ଟୁଇଟରରେ ଶେୟାର କରିଛନ୍ତି। ଜଣେ ଆଦିବାସୀ ଛାତ୍ରୀଙ୍କ ବହି ପ୍ରତି

### ବହି, ଘର ଯୋଗାଇବାକୁ ପ୍ରତିଶ୍ରୁତି

ପ୍ରଥମ ଥର ଏପରି ଭଲପାଇବା ଦେଖିଥିବା ଯୁବକ ଜଣକ ଲେଖିବା ସହ ଅଞ୍ଜଳିଙ୍କ ସମସ୍ୟା ମଧ ଉଲ୍ଲେଖ କରିଛନ୍ତି। ଭିଡିଓ ଦେଖିବା ପରେ ଏହାକୁ ରିଟୁଇଟ କରିଛନ୍ତି ସୋନୁ ସୁଦ୍। ସେଥିରେ ସୋନୁ ଲେଖିଛନ୍ତି, ଲୁହ ପୋଛ ଭଉଣୀ। ବହି ବି ନୂଆ ଆସିବ, ଘର ବି ନୂଆ ହେବ। ଲକଡାଉନ୍ ସମୟରେ ପ୍ରବାସୀଙ୍କୁ ସହାୟତା କରି ଚର୍ଚ୍ଚାକୁ ଆସିଥିବା ସୋନୁ ଏବେ ଏହି ଛାତ୍ରୀଙ୍କୁ ସାହାଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇ ପୁଣି ଉଦାହରଣ ସୃଷ୍ଟି କରିଛନ୍ତି।

# ରାଜ୍ୟରେ କରୋନା ମୃତ୍ୟୁ ୩୯୦କୁ ବୃଦ୍ଧି

## ଆକ୍ରାନ୍ତ ହେଲେ ଆଉ ୨,୬୯୮

**ଭୁବନେଶ୍ୱର, ୨୧।୮(ବ୍ୟୁରୋ)-** ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଗତ ୨୪ ଘଣ୍ଟାରେ ଆଉ ୧୦ଜଣଙ୍କ ଜୀବନ ନେଇଛି ମହାମାରୀ। ଗଞ୍ଜାମ ଜିଲାରେ ସର୍ବାଧିକ ୪ଜଣ ଥିବାବେଳେ ଖୋର୍ଦ୍ଧାରେ ୨, କୋରାପୁଟ, ଅନୁଗୋଳ, ସୁବର୍ଣ୍ଣପୁର ଓ ନୟାଗଡ଼ରେ ଜଣେ ଲେଖାଏ ରହିଛନ୍ତି। ଏହାକୁ ମିଶାଇ ରାଜ୍ୟରେ କରୋନା ମୃତ୍ୟୁ ୩୯୦କୁ ବୃଦ୍ଧି ପାଇଛି। ମୃତକଙ୍କ ମଧ୍ୟରେ ଗଞ୍ଜାମ ଜିଲାରୁ ସର୍ବାଧିକ ୧୭୦ଜଣ ଅଛନ୍ତି। ସେପଟେ ରାଜ୍ୟରେ ଗୋଟିଏ ଦିନରେ ୨,୬୯୮ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। କ୍ୱାରାଣ୍ଟାଇନ ସେଣ୍ଟରରୁ ୧,୬୭୫ଜଣ ଥିବାବେଳେ ୧,୦୨୩ଜଣ ସ୍ଥାନୀୟ ଆକ୍ରାନ୍ତ ଥିବା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜଣାପଡ଼ିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୪୭୫ଜଣ, କଟକ ୨୦୭, ଗଞ୍ଜାମ ୧୬୨, ରାୟଗଡ଼ା ୧୫୪, କୋରାପୁଟ ୧୪୬, ମୟୂରଭଞ୍ଜ ୧୨୮, ସୁନ୍ଦରଗଡ଼ ୧୦୩, ବାଲେଶ୍ୱର ୧୦୨, ନୟାଗଡ଼ ୯୪, ନବରଙ୍ଗପୁର ୯୧, ଭଦ୍ରକ ଓ କେନ୍ଦ୍ରାପଡ଼ାରୁ ୮୯ଜଣ ଲେଖାଏ, ପୁରୀ ୮୭, କନ୍ଧମାଳ ଓ ମାଲକାନଗିରିରୁ ୮୧ଜଣ ଲେଖାଏ, ଯାଜପୁର ୮୦, ସମ୍ବଲପୁର ୭୮, ଝାରସୁଗୁଡ଼ା ୭୨, ବଲାଙ୍ଗୀର ୭୧, ଗଜପତି ୫୮, ବରଗଡ଼ ୫୬, କଳାହାଣ୍ଡି ୪୯, ସୁବର୍ଣ୍ଣପୁର ୩୧, ଅନୁଗୋଳ ୨୯, ଢେଙ୍କାନାଳ ୨୭, ଜଗତ୍‌ସିଂହପୁର ଓ କେନ୍ଦୁଝରରୁ ୨୧ଜଣ ଲେଖାଏ, ବୌଦ୍ଧ ୧୧, ନୂଆପଡ଼ା ୩ ଓ ଦେବଗଡ଼ରେ ୨ଜଣ ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ଏବେ ମୋଟ ସଂକ୍ରମିତ ସଂଖ୍ୟା ୭୨,୭୧୮ରେ ପହଞ୍ଚିଛି।

# ଏନ୍‌ଏଚ୍-୫୫ରେ ୩୯ ହାତୀ


ହାତୀପଲ ରାସ୍ତା ପାର ହେଉଛନ୍ତି।

ଢେଙ୍କାନାଳ ଅଫିସ, ୨୧।୮

ଢେଙ୍କାନାଳ ସଦର ରେଞ୍ଜ୍ ଅଧୀନ ରସାସିଂହ ନିକଟ ୫୫ନଂ. ଜାତୀୟ ରାଜପଥରେ ଶୁକ୍ରବାର ହାତୀ ଆତଙ୍କ ଦେଖାଦେଇଛି। ସକାଳ ୮ଟା ଏବଂ ସନ୍ଧ୍ୟା ୬ଟାରେ ଏକ ପଲରେ ୩୯ ହାତୀ ରାସ୍ତା ପାର ହୋଇଥିଲେ। ଫଳରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଉକ୍ତ ହାତୀପଲ ପରଜଙ୍ଗ ଅଞ୍ଚଳରୁ ବ୍ରାହ୍ମଣୀ ନଦୀ ପାର ହୋଇ ସଦର ରେଞ୍ଜ୍ ମଠରଗଡି ଜଙ୍ଗଲକୁ ଚାଲି ଆସିଛନ୍ତି। ହେଲେ ବ୍ରାହ୍ମଣୀରେ ବଢ଼ି ଆସିଥିବାରୁ ନଦୀ ପାର ହୋଇପାରୁନାହାନ୍ତି। ସେମାନେ ୫୫ନଂ. ଜାତୀୟ ରାଜପଥ ପାର ହୋଇ ସୁଧାଡ଼ିହକାଟେଣୀ ଅଞ୍ଚଳରେ ଥିବା ତାଳଗଛରୁ ପଡ଼ିଥିବା ପାଚିଲା ତାଳ ଖାଉଛନ୍ତି। ପୁଣି ମଠରଗଡ଼ି ଜଙ୍ଗଲକୁ ପଳାଉଛନ୍ତି। ଏ ସମ୍ପର୍କରେ ଗଦାଶିଳା ଫରେଷ୍ଟର ରବିନାରାୟଣ ନାୟକ କୁହନ୍ତି, ଲଗାଣବର୍ଷାରେ ନଦୀରେ ଜଳପତନ ବଢ଼ିଥିବାରୁ ହାତୀପଲ ସେମାନଙ୍କ ଆବାସସ୍ଥଳୀକୁ ଫେରିପାରୁନାହାନ୍ତି। ଖାଦ୍ୟ ଅନ୍ୱେଷଣରେ ବାରମ୍ବାର ରାଜପଥ ପାର ହେଉଛନ୍ତି। ସେମାନଙ୍କ ଉପରେ ବନ ବିଭାଗ ପକ୍ଷରୁ ନଜର ରଖାଯାଇଛି। ଆଖପାଖ ଅଞ୍ଚଳବାସୀଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

# ଆସୁଛି ଲଘୁଚାପ: ୨୪, ୨୫ ଅତି ପ୍ରବଳ ବର୍ଷା

ଭୁବନେଶ୍ୱର,୨୧।୮(ବ୍ୟୁରୋ)

ଆସନ୍ତା ୨୩ ତାରିଖରେ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆସନ୍ତା ୨୪ ଓ ୨୫ ତାରିଖରେ ଉପକୂଳ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଲଘୁଚାପ ଯୋଗୁ ୨୩ ତାରିଖ ରାତିରୁ ବର୍ଷା ଆରମ୍ଭ ହେବ। ୨୪ ତାରିଖରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ମୟୂରଭଞ୍ଜ, କେନ୍ଦୁଝର ଏବଂ ଢେଙ୍କାନାଳ ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲାପାଇଁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହି ସମୟରେ ଅନୁଗୋଳ, ସମ୍ବଲପୁର, ମାଲକାନଗିରି, କୋରାପୁଟ, କଳାହାଣ୍ଡି, କନ୍ଧମାଳ, ସୁନ୍ଦରଗଡ଼, ଦେବଗଡ଼ ଏବଂ ନବରଙ୍ଗପୁର ଜିଲାରେ ପ୍ରବଳ ବର୍ଷା ହେବ । ପାଣିପାଗ ବିଭାଗ ପକ୍ଷରୁ ଏ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ୨୫ ତାରିଖରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତ୍‌ସିଂହପୁର, କଟକ, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ସମ୍ବଲପୁର, ବରଗଡ଼, ସୋନପୁର, ବଲାଙ୍ଗୀର, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ, ମାଲକାନଗିରି ଏବଂ କେନ୍ଦୁଝର ଜିଲାରେ ପ୍ରବଳ ବର୍ଷା ହେବ। ପାଣିପାଗ ବିଭାଗ ପକ୍ଷରୁ ଏ ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଲଘୁଚାପ ଯୋଗୁ ଉପକୂଳରେ ଘଣ୍ଟାକୁ ୪୫ରୁ ୫୫ କି.ମି. ବେଗରେ ପବନ ବହିବା ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୨୪ ଓ ୨୫ ତାରିଖରେ ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଯାଇଛି। ପରିସ୍ଥିତି ଉପରେ କଡ଼ା ନଜର ରଖିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

Wanted Life Insurance Advisor, * Unlimited Income Source, *Flexible working hours *Qualification: 10th / +2/ Graduate, Area of Operation – Cuttack, Athagarh, Badamba, Tigiria & Narsingpur.
Contact : 7008823334

ଚେନ୍ନାଇରେ ଚାକିରି। ହିନ୍ଦୀ କହିପାରୁଥିବା ଜରୁରୀ। ବେତନ ୧୩୦୦୦ - ୧୮୦୦୦ + ରୁମ୍/ ଘର ରୋଷେୟା / ହେଲ୍‌ପର/ ଘରୋଇ ଚାକର/ ଅଫିସ୍ ଆସିଷ୍ଟାଣ୍ଟ/ ଘର ସଫେଇ କର୍ମଚାରୀ ।
ଏଫ୍‌ଏଫ୍‌ଏଫ୍ ଲିଃ:
9884761210

# ଶିଶୁକନ୍ୟାକୁ ହତ୍ୟା ପରେ ମା'ଙ୍କ ଆତ୍ମହତ୍ୟା ଉଦ୍ୟମ

ବ୍ରହ୍ମପୁର ଅଫିସ,୨୧।୮

ଗଞ୍ଜାମ ଜିଲା ସଦର ଥାନା ଅନ୍ତର୍ଗତ ଭାବିନୀପୁର ଗ୍ରାମରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ ଅଶାନ୍ତିରୁ ଜଣେ ମହିଳା ନିଜର ୧ବର୍ଷ ୭ ମାସର ଝିଅକୁ ହତ୍ୟାକରି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଖବରପାଇ ପୋଲିସ ପହଞ୍ଚି ଶିଶୁକନ୍ୟା ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ହତ୍ୟା ଅଭିଯୁକ୍ତା ମା' ସାବିତ୍ରୀ ଗୌଡ଼ଙ୍କୁ ଥାନାରେ ଅଟକ ରଖାଯାଇ ତଦନ୍ତ ଚାଲିଛି। ପୋଲିସ ସୂଚନା ଅନୁଯାୟୀ, ଭାବିନୀପୁର ମହାନ୍ତି ସାହିର କୁଳମଣି ଗୌଡ଼ ଗତ ପ୍ରାୟ ଅଢ଼େଇ ବର୍ଷ ତଳେ ରମ୍ଭା ଥାନା ଅନ୍ତର୍ଗତ ବେଲପଡ଼ାର ସାବିତ୍ରୀଙ୍କୁ ବିବାହ କରିଥିଲେ। ବିବାହର କିଛିଦିନ ପରେ ସାବିତ୍ରୀ ପରିବାରରେ ନ ରହି ଅନ୍ୟତ୍ର ରହିବାକୁ ଜିଦ୍ କରୁଥିଲେ। ରାଜମିସ୍ତ୍ରି କାମ କରି ପରିବାର ଚଳାଉଥିବା କୁଳମଣି ଏଥିରେ ରାଜି ହୋଇ ନ ଥିଲେ। ଝିଅ ଜନ୍ମ ପରେ ସ୍ତ୍ରୀଙ୍କୁ ସେ ବୁଝାଶୁଝା କରି ରଖିଥିଲେ ମଧ ଉଭୟଙ୍କ ମଧ୍ୟରେ ବାରମ୍ବାର ଝଗଡ଼ା ଲାଗୁଥିଲା। କରୋନା ଲାଗି ଲକ୍‌ଡାଉନ୍ ଯୋଗୁ କାମଧନ୍ଦା ନ ମିଳିବାରୁ କୁଳମଣିଙ୍କ ଆର୍ଥିକ ସ୍ଥିତି ଭଲ ନ ଥିଲା। ଏଭଳି ସ୍ଥିତିରେ ସାବିତ୍ରୀ ପୁଣି ଅଲଗା ରହିବା ପାଇଁ ତାଙ୍କ ଉପରେ ଚାପ ପକାଇଥିଲେ। ଶୁକ୍ରବାର ସକାଳେ କୁଳମଣି ଓ ପରିବାର ଅନ୍ୟମାନେ ବିଲକୁ କାମ କରିବାକୁ ଯାଇଥିଲେ। ଝିଅକୁ ଧରି ସାବିତ୍ରୀ ଘରେ ରହିଥିଲେ। ମଧ୍ୟାହ୍ନରେ ପରିବାର ଲୋକେ ଫେରିବାରେ ଝିଅ ତଳେ ପଡ଼ି ରହିଥିବା ଓ ସାବିତ୍ରୀ ବସି କାନ୍ଦୁଥିବା ଦେଖିବାକୁ ପାଇଥିଲେ। କୁଳମଣି କ'ଣ ହୋଇଛି ବୋଲି ପଚାରିବାରୁ, ଝିଅର ପାଟି ଚିପି ଦେଇଥିବା ସାବିତ୍ରୀ କହିଥିଲେ। ପରେ ସେ ନିଜ ହାତକାଟି ଆତ୍ମହତ୍ୟା ଉଦ୍ୟମ କରୁଥିବା ବେଳେ ପରିବାର ଲୋକେ ତାଙ୍କୁ ଉଦ୍ଧାରକରି ପୋଲିସକୁ ଖବର ଦେଇଥିଲେ। ଏ ନେଇ ସଦର ଥାନାରେ ହତ୍ୟା ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ସନ୍ତୋଷିନୀ ଓରାମ ସୂଚନା ଦେଇଛନ୍ତି।

ବିଜ୍ଞାପନ
ଓଡ଼ିଶା ସରକାର
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ
ଅନ୍ୟାନ୍ୟ ପଛୁଆବର୍ଗ ତଥା ସାମାଜିକ ଏବଂ ଶିକ୍ଷାଗତ ଅନଗ୍ରସର ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ୨୦୨୦-୨୧ ବର୍ଷ ପାଇଁ ପ୍ରାକ୍‌ମାଟ୍ରିକ ବୃତ୍ତି ପ୍ରଦାନ ନିମନ୍ତେ ଦରଖାସ୍ତ ଆହ୍ୱାନ।
No. V-07:- ରାଜ୍ୟ ମଧ୍ୟରେ ଥିବା ସମସ୍ତ ସରକାରୀ ତଥା ସ୍ୱୀକୃତିପ୍ରାପ୍ତ ଶିକ୍ଷାନୁଷ୍ଠାନମାନଙ୍କରେ ୯ମ ଓ ୧୦ମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଅନ୍ୟାନ୍ୟ ପଛୁଆବର୍ଗ ଓ ସାମାଜିକ ଏବଂ ଶିକ୍ଷାଗତ ଅନଗ୍ରସର ଶ୍ରେଣୀର ଛାତ୍ରଛାତ୍ରୀମାନେ ଯେଉଁମାନଙ୍କର ପିତାମାତା/ଅଭିଭାବକଙ୍କର ବାର୍ଷିକ ଆୟ ଟ. ୨,୫୦,୦୦୦/-ରୁ ଅଧିକ ହୋଇ ନ ଥିବ, ସେମାନେ ଏହି ବିଭାଗ ୱେବସାଇଟ୍ http://www.stscodisha.gov.inରେ ଦିଆଯାଇଥିବା ଦରଖାସ୍ତ ଫର୍ମରେ ବିଧିବଦ୍ଧଭାବେ ପୂରଣ କରି ଶିକ୍ଷାନୁଷ୍ଠାନ ମୁଖ୍ୟଙ୍କ ମାଧ୍ୟମରେ ସମ୍ପୃକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ନିକଟରେ ତା୩୦.୦୯.୨୦୨୦ ସୁଦ୍ଧା ଦାଖଲ କରିବେ। ଯେଉଁ ଛାତ୍ରଛାତ୍ରୀମାନଙ୍କର ପିତାମାତା BPL ଶ୍ରେଣୀ ଅନ୍ତର୍ଭୁକ୍ତ ହୋଇଥିବେ ସେମାନଙ୍କୁ ଅଗ୍ରାଧିକାର ଦିଆଯିବ। ଚଳିତ ବର୍ଷ ଉକ୍ତ ବୃତ୍ତି ଟଙ୍କା ଛାତ୍ରଛାତ୍ରୀମାନଙ୍କର ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ପ୍ରଦାନ କରାଯିବ।
ମାଟ୍ରିକ ପୂର୍ବ (ନବମ ଓ ଦଶମ ଶ୍ରେଣୀ) ଛାତ୍ରବୃତ୍ତି ନିମନ୍ତେ ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀମାନେ, ନୂତନ ଦରଖାସ୍ତ କିମ୍ବା ନବୀକରଣ ସମୟରେ "ଆଧାର" ନମ୍ବର ପ୍ରଦାନ କରିବେ ଏବଂ ସେମାନଙ୍କର ଆଧାର ନମ୍ବର ବ୍ୟାଙ୍କ ଆକାଉଣ୍ଟ ସହିତ ସଂଯୁକ୍ତ କରାଇବେ। ଯେଉଁ ଛାତ୍ରଛାତ୍ରୀମାନଙ୍କର ଅଦ୍ୟାବଧି "ଆଧାର" ନମ୍ବର ନାହିଁ କିମ୍ବା ପଞ୍ଜୀକୃତ ହୋଇନାହାନ୍ତି, ସେମାନେ ଯେ କୌଣସି ଆଧାର ପଞ୍ଜୀକରଣ କେନ୍ଦ୍ରରେ ନିଜକୁ ପଞ୍ଜୀକୃତ କରିବେ। ଯଦି ଦରଖାସ୍ତ ଦାଖଲ ସମୟରେ ଆଧାର ମିଳି ନ ଥିବ, ତେବେ ଦରଖାସ୍ତକାରୀ ଆଧାର ପଞ୍ଜୀକରଣ ଚିଠାର ଏକ ନକଲ ଆବେଦନ ପତ୍ର ସହିତ ପ୍ରଦାନ କରିବେ।
ଜିଲ୍ଲା ମଙ୍ଗଳ ଅଧିକାରୀମାନେ ଦରଖାସ୍ତଗୁଡ଼ିକର ତନଖିକରି ଶ୍ରେଣୀୱାରୀ ବାଳକ-ବାଳିକା ତାଲିକା ସହ ଏହି ବିଭାଗକୁ ଆବଶ୍ୟକ ଅର୍ଥର ବିବରଣୀ ପ୍ରେରଣ କରିବେ।
ସ୍ୱା./- ନିର୍ଦ୍ଦେଶକ (ଓ.ବି.ସି.)
OIPR-26001/11/0003/2021

DSPL - 29
ଜଳସମ୍ପଦ ବିଭାଗ
ବର୍ଷାଋତୁ ପାଇଁ ସତର୍କ ସୂଚନା
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଚଳିତ ବର୍ଷାଋତୁରେ ବିଭିନ୍ନ ନଦୀଗୁଡିକର ଜଳସ୍ତର ଯେକୌଣସି ସମୟରେ ବଢ଼ିବାର ସମ୍ଭାବନା ଅଛି । ତେଣୁ ଜନସାଧାରଣ ନଦୀ ବା ଜଳଭଣ୍ଡାର ମଧ୍ୟକୁ ଯିବା ସମୟରେ ନିମ୍ନଲିଖିତ ସତର୍କତା ଅବଲମ୍ବନ କରନ୍ତୁ;
✓ ଏହା କରନ୍ତୁ
- ଗଭୀର ଜଳ ଓ ପ୍ରଖର ସ୍ରୋତଠାରୁ ଦୂରେଇ ରୁହନ୍ତୁ ।
- ସ୍କୁଲ ଓ କଲେଜ ଯାଉଥିବା ପିଲାମାନଙ୍କ ପ୍ରତି ତଥା ବୃଦ୍ଧ ଓ ବୟସ୍କ ବ୍ୟକ୍ତିମାନଙ୍କ ପ୍ରତି ଅଧିକ ଧ୍ୟାନ ଦିଅନ୍ତୁ ।
- ବନ୍ୟା ସମୟରେ ବୁଡ଼ି ଯିବାକୁ ଥିବା ସ୍ଥାନରୁ ଯଥାଶୀଘ୍ର ଆବଶ୍ୟକୀୟ ଜିନିଷପତ୍ର ଧରି ଉଚ୍ଚ ସ୍ଥାନକୁ ଚାଲି ଯାଆନ୍ତୁ ।
- ନଦୀ, ନାଳ, ହ୍ରଦ ଓ ଜଳଭଣ୍ଡାର ମଧ୍ୟରେ ଯାତାୟତ ସମୟରେ ଜୀବନସୁରକ୍ଷା ଜ୍ୟାକେଟ୍ (Life Jacket) ବ୍ୟବହାର କରନ୍ତୁ ।
- ଟେଲିଭିଜନ୍, ରେଡିଓ, ବିଭିନ୍ନ ଖବର କାଗଜ ଏବଂ ଡାକବାଜି ଯନ୍ତ୍ର ସାହାଯ୍ୟରେ ଦିଆଯାଉଥିବା ବନ୍ୟା ସମ୍ପର୍କିତ ସୂଚନା ଜାଣନ୍ତୁ ଏବଂ ଆବଶ୍ୟକୀୟ ସତର୍କତା ଅବଲମ୍ବନ କରନ୍ତୁ ।
- ନଦୀବନ୍ଧରେ ଘଳିଆ ହେଲେ କିମ୍ବା ଘାଇ ହେବାର ସମ୍ଭାବନା ଦେଖିଲେ ଜଳସମ୍ପଦ ବିଭାଗର ଅଧିକାରୀଙ୍କ ସହ ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ବନ୍ଧ ମରାମତି କାର୍ଯ୍ୟରେ ସମ୍ପୂର୍ଣ୍ଣ ସହଯୋଗ କରନ୍ତୁ ।
✗ ଏଭଳି କରନ୍ତୁ ନାହିଁ
- ବୁଡ଼ି ଯାଇଥିବା ନଦୀବନ୍ଧ ଉପରେ ଯାତାୟତ କରନ୍ତୁ ନାହିଁ ।
- ପହଁରା ଜାଣିଥିଲେ ମଧ୍ୟ ସୁଅ ଥିବା ପାଣିରେ ପ୍ରବେଶ କରନ୍ତୁ ନାହିଁ ।
- ଚପଳମତି କିଶୋର/କିଶୋରୀମାନଙ୍କୁ ଦୁଃସାହସିକ ଭାବେ ବନ୍ୟା ଦେଖିବାକୁ ବା ମାଛ ଧରିବାକୁ ଛାଡନ୍ତୁ ନାହିଁ ।
- ଜଳଭଣ୍ଡାରରୁ ପାଣି ଛଡ଼ା ଯାଉଥିବା ସୂଚନା ଥିଲେ ନଦୀ ଶଯ୍ୟା ଭିତରକୁ ନିଜେ ପ୍ରବେଶ କରନ୍ତୁ ନାହିଁ ଓ ଗୃହପାଳିତ ପଶୁମାନଙ୍କୁ ଛାଡ଼ନ୍ତୁ ନାହିଁ ।
- ଅଣଲାଇସେନ୍ସପ୍ରାପ୍ତ ନୌକାରେ ଯାତାୟତ କରନ୍ତୁ ନାହିଁ ତଥା ଧାର୍ଯ୍ୟ କ୍ଷମତାଠାରୁ ଅଧିକ ସଂଖ୍ୟକ ଯାତ୍ରୀ ଯାତାୟତ କରିବାରୁ କ୍ଷାନ୍ତ ରୁହନ୍ତୁ ।

ବୁଡ଼ି ଯାଇଥିବା ପୋଲ ଉପରେ ଯାତାୟତ କରନ୍ତୁ ନାହିଁ

ଅତଡ଼ା ଖାଉଥିବା ବନ୍ଧ ଉପରେ ଛିଡ଼ା ହୁଅନ୍ତୁ ନାହିଁ

ଲାଇସେନ୍ସପ୍ରାପ୍ତ ନୌକାରେ ଯାତାୟତ କରନ୍ତୁ ଜୀବନସୁରକ୍ଷା ଜ୍ୟାକେଟ୍ ବ୍ୟବହାର କରନ୍ତୁ
ସର୍ବୋଚ୍ଚ ଯନ୍ତ୍ରୀ, ଜଳସମ୍ପଦ ବିଭାଗ
OIPR-32031/13/0001/2021

ପ୍ରତ୍ୟେକ ମଣିଷ ଯେ ଜଣେ କଳାକାର ହେବ, ତା'ନୁହେଁ। କିନ୍ତୁ ପ୍ରତି ମଣିଷର କଳାତ୍ମକ ଚିତ୍ତବୃତ୍ତି ଉନ୍ନତ ହେବା ଉଚିତ। ତା'ର ରୁଚି ସୁଶିକ୍ଷିତ –ତା'ର ମାର୍ଜିତ ସୌନ୍ଦର୍ଯ୍ୟବୋଧ–ରୂପ ଓ ରଙ୍ଗ ପ୍ରତି ଅନ୍ତର୍ଦୃଷ୍ଟି ଏବଂ ତା'ଭିତରେ ଯାହା ପ୍ରକାଶ ପାଏ – ତାହା ଅଭ୍ୟାସଗତ ଭାବେ ସକ୍ରିୟ, ସଂଶୋଧିତ, ଯଥାଯଥ ଓ ସମ୍ବେଦନଶୀଳ ହେବା ଉଚିତ। –ଶ୍ରୀଅରବିନ୍ଦ



# ଅସ୍ଥାନା ଭରସା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ( ସିବିଆଇ)ରୁ ପୂର୍ବତନ ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନାଙ୍କ ବହୁଚର୍ଚ୍ଚିତ ବିଦାୟ ଘଟଣାର ଦୁଇ ବର୍ଷ ପରେ ତାଙ୍କୁ ସୀମା ସୁରକ୍ଷା ବଳ( ବିଏସ୍ଏଫ୍)ର ମହାନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। କୌତୂହଳର କଥା ସେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ( ଏନ୍ସିବି)ର ମହାନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ମଧ୍ୟ ତୁଲାଇବେ। ନାର୍କୋଟିକ୍ସର ଚୋରା କାରବାର ଉପରେ ଲଗାମ ଲଗାଇବା ଏବେ ଏକ ବଡ ସମସ୍ୟା ହୋଇ ଉଭା ହୋଇଛି। ସୀମାରେ ପାଟ୍ରୋଲିଂ କରୁଥିବା ବିଏସ୍ଏଫ୍ରେ ଅସ୍ଥାନା ମହାନିର୍ଦ୍ଦେଶକ ଭାବେ ନିଯୁକ୍ତି ପାଇବା ପରେ ଏ କ୍ଷେତ୍ରରେ ସକ୍ରିୟ ଭୂମିକା ଗ୍ରହଣ କରିପାରିବେ ବୋଲି ଆଶା କରାଯାଉଛି। ଅସ୍ଥାନା ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅଧୀନରେ ବିଭିନ୍ନ ପଦରେ ରହି ଦାୟିତ୍ୱ ତୁଲାଇବା ସହ ଦୁଇଥର ସିବିଆଇରେ କାର୍ଯ୍ୟ କରିଛନ୍ତି। ଗୁଜରାଟ କ୍ୟାଡର୍ ୧୯୮୪ ବ୍ୟାଚର୍ ଏହି ଆଇପିଏସ୍ ଅଧିକାରୀ ବ୍ୟୁରୋ ଅଫ୍ ସିଭିଲ ଏଭିଏଶନ ଆଣ୍ଡ୍ ସକ୍ୟୁରିଟିର ତଳ ପାହ୍ୟାରେ ରହି ମଧ୍ୟ ଦାୟିତ୍ୱ ନିର୍ବାହ କରିଥିଲେ। ସିବିଆଇରେ ସେ ବହୁ ହାଇ ପ୍ରୋଫାଇଲ କେସ୍ର ତଦନ୍ତରେ ଜଡିତ ଥିଲେ। ଏହି ସଂସ୍ଥାରେ ତାଙ୍କର ପ୍ରଥମ କାର୍ଯ୍ୟକାଳରେ ସେ ଚାରା ଘୋଟାଲାର ତଦନ୍ତ କରିଥିଲେ, ଯାହା ଫଳରେ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବ ଦୋଷୀ ସାବ୍ୟସ୍ତ ହୋଇଥିଲେ। ପଳାୟନ କରିଥିବା ମଦ ସମ୍ରାଟ ବିଜୟ ମାଲ୍ୟାଙ୍କୁ ଇଂଲଣ୍ଡରୁ ପ୍ରତ୍ୟର୍ପଣ ପାଇଁ କରାଯାଇଥିବା ଜଟିଳ କେସ୍ରେ ମଧ୍ୟ ସେ ଏକାକୀ ସଫଳତା ପାଇପାରିଥିଲେ। ଇଂଲଣ୍ଡର କୋର୍ଟରେ ସିବିଆଇ କେସ୍ର ସେ ନେତୃତ୍ୱ ନେଇଥିଲେ। ଗୁଜରାଟରେ ନରେନ୍ଦ୍ର ମୋଦି ମୁଖ୍ୟମନ୍ତ୍ରୀ ଥିଲାବେଳେ ଅସ୍ଥାନା ଭଦୋଦରାର ପୋଲିସ କମିଶନର ଭାବେ ବି ଦାୟିତ୍ୱ ତୁଲାଇଥିଲେ।

### ସିଏଜିଙ୍କ ପାଇଁ ବିପରୀତ ହାୱା

ଜମ୍ମୁ–କଶ୍ମୀରର ପୂର୍ବତନ ଲ୍ୟୁଟ୍ନାଣ୍ଟ ଗଭର୍ନର ଗିରିଶ ଚନ୍ଦ୍ର ମୁର୍ମୁଙ୍କୁ ଭାରତର ମହାଲେଖା ସମୀକ୍ଷକ ଓ ମହା ପରୀକ୍ଷକ ( ସିଏଜି)ଭାବେ ନିଯୁକ୍ତି ଦିଆଯାଇଛି। ଏହାକୁ ଇଣ୍ଡିଆନ୍ ଅଡିଟ୍ ଆଣ୍ଡ୍ ଆକାଉଣ୍ଟସ୍ ସର୍ଭିସ୍( ଆଇଏ ଆଣ୍ଡ୍ ଏଏସ୍) ଅଧିକାରୀମାନେ ସ୍ୱାଗତ କରିନାହାନ୍ତି। ଅନ୍ୟ ଭାରତୀୟ ସେବା ଉପରେ ଆଇଏଏସ୍ କ୍ୟାଡର୍ ଆଧିପତ୍ୟ ଜାହିର କରିବାର ଏହା ଆଉ ଏକ ଦୃଷ୍ଟାନ୍ତ। ଥରେ ସରକାର ଏଭଳି ବିଭେଦ କରିବାକୁ ସ୍ଥିର କରିଛନ୍ତି ମାନେ ଯେ କୌଣସି ପରିସ୍ଥିତିରେ ଏହା ସୃଷ୍ଟି କରିବାରେ ତାଙ୍କୁ କିଛି ଫରକ ପଡିବ ନାହିଁ। ସିଏଜି ହେବାରେ ୧୯୮୫ ବ୍ୟାଚ୍ର ଗୁଜରାଟ କ୍ୟାଡର ଆଇଏଏସ୍ ଅଧିକାରୀ ମୁର୍ମୁ ଅତି କମ୍ରେ ୬ ଜଣ ଆଇଏ ଆଣ୍ଡ୍ ଏଏସ୍ ଅଧିକାରୀଙ୍କୁ ଟପି ଆଗକୁ ଚାଲି ଯାଇଛନ୍ତି । କିନ୍ତୁ ଦେଶର ଶୀର୍ଷ ଅଡିଟର ହେବାରେ ସେ ପ୍ରଥମ ଆଇଏଏସ ଅଧିକାରୀ ନୁହନ୍ତି । ମୁର୍ମୁଙ୍କ ଠିକ୍ ପୂର୍ବାଧିକାରୀ ଥିଲେ ୧୯୭୮ କ୍ୟାଡର ଆଇଏଏସ୍ ରାଜୀବ ମହର୍ଷି ଏବଂ ତାଙ୍କ ପୂର୍ବରୁ ୧୯୭୬ ବ୍ୟାଚ୍ ଆଇଏଏସ୍ ଶଶିକାନ୍ତ ଶର୍ମା ଏହି ପଦବୀରେ ରହିଥିଲେ। ସିଏଜି ଭାବେ ୧୯୭୨ ବ୍ୟାଚ ଆଇଏଏସ୍ ବିନୋଦ ରାୟଙ୍କୁ ଅନେକେ ମଧ୍ୟ ମନେ ରଖିଥିବେ। ଉଲ୍ଲେଖ ଯୋଗ୍ୟ ଯେ,ଏ. ବକ୍ସି ସିଏଜି ହେବାରେ ଶେଷ ଆଇଏ ଆଣ୍ଡ୍ ଏଏସ୍ ଅଧିକାରୀ ଥିଲେ, ଯାହାଙ୍କ କାର୍ଯ୍ୟକାଳ ୧୯୭୮ରେ ଶେଷ ହୋଇଥିଲା। ତା'ପରଠାରୁ ସ୍ୱର୍ଗରେ ଜନ୍ମିତ( ଆଇଏଏସ୍) ବର୍ଗରୁ ସିଏଜି ହୋଇ ଆସିଛନ୍ତି। ସିଏଜି ରେସ୍ର ପଛରେ ପଡିଯାଇଥିବା ଆଇଏ ଆଣ୍ଡ ଏଏସ୍ ଅଧିକାରୀମାନେ ବାହାରୁ ଆଇଏଏସ୍ଙ୍କୁ ଗ୍ରହଣ କରିବାକୁ ଅମଙ୍ଗ ଥିବା ସ୍ପଷ୍ଟ ଜଣାପଡୁଛି। ଏବକାର ନିଯୁକ୍ତିକୁ ନେଇ ରହିଥିବା ବିପରୀତ ହାୱା ସ୍ୱାଭାବିକ ଭାବେ ଥମିଯିବ ନା ମୁର୍ମୁ କଠିନ ପରିସ୍ଥିତିର ସାମ୍ନା କରିବେ ତାହା ଦେଖିବାକୁ ଆମକୁ ଅପେକ୍ଷା କରିବାକୁ ହେବ।

### ବହିର ଭିତିରି କଥା

ବିରଳ ଆଚାର୍ଯ୍ୟ ଏବଂ ଉର୍ଜିତ ପଟେଲଙ୍କ ଦ୍ୱାରା 'ଟେଲ–ଅଲ୍'ବହିମାନ ପ୍ରକାଶ ପାଇଛି। ଏଥିରୁ କିଛି ରହସ୍ୟ ବା ଭିତିରି କଥା ଜାଣିବା ଲାଗି ଅନେକଙ୍କ ଜିଜ୍ଞାସା ବଢିଯାଇଛି। ଏହି ଦୁଇ ଅର୍ଥନୀତିଜ୍ଞ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ( ଆର୍ବିଆଇ)ରେ କାର୍ଯ୍ୟ କରିଥିଲେ ଏବଂ ଦୁହେଁ ସେମାନଙ୍କ କାର୍ଯ୍ୟକାଳ ପୂରଣ ନ ହେବା ପୂର୍ବରୁ ପ୍ରାୟ ଏକାପ୍ରକାର ପରିସ୍ଥିତିରେ ପଦ ଛାଡିଥିଲେ। ପଟେଲ ଆର୍ବିଆଇର ଗଭର୍ନର ଥିଲେ ଓ ଆଚାର୍ଯ୍ୟ ଥିଲେ ଡେପୁଟି ଗଭର୍ନର। ଆଚାର୍ଯ୍ୟଙ୍କ କାର୍ଯ୍ୟକାଳ ୨୦୧୯ରେ ଶେଷ ହେବାକୁ ଥିଲେ ମଧ୍ୟ ଏହାର ୬ ମାସ ପୂର୍ବରୁ ସେ ପଦ ଛାଡିଦେଇଥିଲେ। ଆଚାର୍ଯ୍ୟଙ୍କ କହିବା ଅନୁସାରେ, ବ୍ୟାଙ୍କର ସ୍ୱାୟତ୍ତତା ପ୍ରତି କ୍ଷତି ପହଞ୍ଚାଇବାକୁ ସରକାର ବହୁବାର ପ୍ରୟାସ କରିବା ଯୋଗୁ ପଟେଲ ତାଙ୍କ ପଦ ଛାଡିଦେଇଥିଲେ। ସେ ସମୟରେ ଗଣମାଧ୍ୟମରେ ଏ ବିଷୟରେ ବହୁ ଚର୍ଚ୍ଚା ହୋଇଥିଲା। ତେବେ ପଟେଲ ବ୍ୟକ୍ତିଗତ କାରଣ ଯୋଗୁ ଇସ୍ତଫା ଦେଇଥିବା ପ୍ରକାଶ କରିଥିଲେ। ଯଦିଓ ସରକାରଙ୍କ ସହ ଏକମତ ନ ହେବା କାରଣରୁ ସେ ସେଣ୍ଟ୍ରାଲ ବ୍ୟାଙ୍କ ପଦରୁ ଓହରି ଆସିଥିଲେ ବୋଲି ଅଧିକ ଅନୁମାନ କରାଯାଉଥିଲା। ତେବେ ସେ ଏବେ ତାଳି ପକାଇ ସରକାରଙ୍କ ସହ ସମ୍ବନ୍ଧ ସୁଧାରିଲା ଭଳି ଜଣାପଡୁଛି, କାରଣ ସେ ନ୍ୟାଶନାଲ ଇନଷ୍ଟିଚ୍ୟୁଟ ଅଫ୍ ପବ୍ଲିକ ଫାଇନାନ୍ସ ଆଣ୍ଡ ପଲିସିର ଚେୟାର୍ମ୍ୟାନ ଭାବେ ନିଯୁକ୍ତି ପାଇଛନ୍ତି। ସରକାରୀ ଅଧିକାରୀମାନଙ୍କ ସହ ବହୁବାର ମତଭେଦ ଯୋଗୁ ଆଚାର୍ଯ୍ୟ ମଧ୍ୟ ପଦ ଛାଡିଥିଲେ। ପଟେଲଙ୍କ ବହି ପ୍ରକାଶ ପାଇବାର ପାଖାପାଖି ସମୟରେ ଆଚାର୍ଯ୍ୟଙ୍କ ବହି ପ୍ରକାଶ ପାଇଥିଲା । ଏହା ବ୍ୟାଙ୍କିଙ୍ଗ ବ୍ୟବସ୍ଥା ମଧ୍ୟରେ ଇଣ୍ଡିଆସ୍ ବ୍ୟାକ୍ରିପ୍ସ କୋଡ୍କୁ କିପରି ପକ୍ଷମାନେ ଦୁର୍ବଳ କରିଥିଲେ ତା'ର ଏକ ଝଲକ ପ୍ରଦାନ କରିଛି। ଆଚାର୍ଯ୍ୟ ଯୁକ୍ତି ବାଢ଼ିଛନ୍ତି ଯେ,୨୦୧୭ ଜାନୁୟାରୀ ପ୍ରାରମ୍ଭରୁ ୨୦୧୯ ମଧ୍ୟଜୁଲାଇ ଯାଏ ସେ ଆର୍ବିଆଇର ଡେପୁଟି ଗଭର୍ନର ଥିଲାବେଳେ ସରକାରଙ୍କ ସଂଖ୍ୟାଧିକ ନୀତି ଦେଶରେ ଅର୍ଥବ୍ୟବସ୍ଥାକୁ ଦୁର୍ବଳ କରିଦେଇଥିଲା।

Email: dilipcherian@gmail.com

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | | 3 | | | | | E | | | | | C | | |
| 1 | | 4 | A | | B | | | | D | | 0 | | | 8 |
| | | | 1 | D | | 2 | | | | 5 | 8 | | 7 | |
| | | | | | | | A | 9 | 4 | | B | 2 | | 6 |
| | 2 | | | 5 | | | 3 | | E | | | | | 9 |
| | 6 | | | | D | 8 | | | 3 | | 2 | 9 | | 7 |
| D | | | 3 | | | | 9 | B | 5 | | 6 | | 2 | 4 |
| | | | 8 | E | | 0 | | | | | D | | | |
| C | | | 5 | | | | | | | E | | | B | 3 |
| | | | | | | D | 1 | 2 | | 7 | C | | | |
| 4 | | | | | 0 | | B | | | | | | 3 | |
| | | 5 | | | 9 | E | | | 0 | | | 4 | 6 | |
| | 1 | | | 7 | | | 2 | | | | A | | C | E |
| | | | C | | | | 7 | A | | | | | | 0 |
| E | | | | | | 4 | 8 | | 2 | B | 7 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | E | 5 | 8 | 9 | 4 | C | 3 | 0 | D | 1 | 6 | 7 | B | A |
| B | 1 | 4 | 3 | 2 | C | 6 | D | 8 | 0 | A | 7 | E | 9 | 5 |
| 9 | A | 6 | D | 1 | 0 | E | 7 | 2 | B | 8 | 5 | C | 3 | 4 |
| 3 | 8 | D | A | 6 | 7 | 9 | B | 5 | 4 | E | C | 0 | 1 | 2 |
| 7 | 0 | C | B | E | 5 | 1 | A | 4 | 2 | 3 | 9 | 6 | 8 | D |
| 5 | 9 | B | 1 | 0 | A | 2 | 6 | C | E | D | 8 | 3 | 4 | 7 |
| E | 2 | 7 | 4 | C | 8 | B | 1 | 9 | 3 | 0 | A | 5 | D | 6 |
| A | 6 | 1 | E | 7 | D | 0 | 8 | 3 | 5 | 9 | 4 | 2 | C | B |
| C | 4 | 8 | 6 | 3 | B | 5 | E | D | 1 | 7 | 2 | A | 0 | 9 |
| 0 | D | 3 | 2 | 5 | 9 | 7 | 4 | A | C | 6 | B | 1 | E | 8 |
| 8 | 7 | 2 | C | D | 6 | 3 | 5 | E | 9 | 4 | 0 | B | A | 1 |
| 6 | B | 9 | 5 | 8 | 3 | D | 2 | 1 | A | C | E | 4 | 7 | 0 |
| 1 | 3 | A | 0 | B | E | 4 | 9 | 6 | 7 | 2 | D | 8 | 5 | C |
| D | C | E | 7 | 4 | 2 | A | 0 | B | 8 | 5 | 1 | 9 | 6 | 3 |
| 4 | 5 | 0 | 9 | A | 1 | 8 | C | 7 | 6 | B | 3 | D | 2 | E |

ଗତକାଲିର ଉତ୍ତର

# ମୁଁ ଆଶାର କିରଣ



ଉପେନ୍ଦ୍ର ବିଶ୍ୱାଳ

ବହୁଚର୍ଚ୍ଚିତ ସୁଶାନ୍ତ ରାଜପୁତଙ୍କଠାରୁ ଅଭିନେତ୍ରୀ ଅନୁପମା ପାଠକଙ୍କ ପର୍ଯ୍ୟନ୍ତ ଶହ ଶହ ସଂଖ୍ୟାର ଆତ୍ମହତ୍ୟା ଖବରମାନ ଝୁନ୍ଦି ହୋଇଯାଉଛି ଗଣମାଧ୍ୟମରେ ଆଜି। କେବଳ ଏମ୍ସ, ନୂଆଦିଲ୍ଲୀରେ ତ ଗତ ଦୁଇମାସ ମଧ୍ୟରେ ପାଞ୍ଚ ଜଣ। ଏମାନଙ୍କ ଭିତରେ ଅଛନ୍ତି ଯୁବ ଡାକ୍ତର, ଡାକ୍ତରୀ ଛାତ୍ର, ଯୁବ ସାମ୍ବାଦିକ ପ୍ରମୁଖ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁଯାୟୀ ଆତ୍ମହତ୍ୟାକାରୀଙ୍କ ଭିତରେ ବିଶ୍ୱର ଅଠର ଭାଗରୁ ଉର୍ଦ୍ଧ୍ୱ କେବଳ ଭାରତରେ। ଯେଉଁଠି ବାର୍ଷିକ ପ୍ରାୟ ଦେଢ଼ ଲକ୍ଷ ଲୋକ ଆତ୍ମହତ୍ୟାକୁ ଆପଣାଇ ନେଇଥାନ୍ତି। ଏମାନଙ୍କ ମଧ୍ୟରେ ସର୍ବାଧିକ ଅଛନ୍ତି ଯୁବବର୍ଗ, ଯେଉଁମାନେ କି ଅତି ଉଚ୍ଚ ଶିକ୍ଷିତ ଓ ସମ୍ଭ୍ରାନ୍ତ ଶ୍ରେଣୀର। ଗତ କିଛିବର୍ଷ ଧରି ଏହି ସଂଖ୍ୟା ଦ୍ରୁତଗତିରେ ବଢୁଥିବାରୁ ଖୁବ୍ ମର୍ମାହତ ହୋଇ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର 'ମନ କି ବାତ୍'ରେ ମାର୍ଚ୍ଚ ୨୭, ୨୦୧୭ରେ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହିତ ଆଶାଭରା ଜୀବନ ନେଇ ବଞ୍ଚିବାକୁ ପରାମର୍ଶ ଦେଇଥିଲେ। ଅତ୍ୟନ୍ତ ବିଷାଦ ଓ ବିଡ଼ମ୍ବନାର ବିଷୟ ଏହି ଯେ ଆମ ଦେଶ ଭାରତ ଯିଏ କି ସାରା ବିଶ୍ୱକୁ ପଢେଇଥାଏ ଧୈର୍ଯ୍ୟ, ଶାନ୍ତି ଓ ସହନଶୀଳତାର ପାଠ, ସେଇଠି ଆଜି ଆତ୍ମହତ୍ୟା ଘଟଣା ବଢି ଚାଲିଛି ଅଣାୟତ୍ତ ହୋଇ। ତାଲା ବନ୍ଦ ପରି କଠିନ ପର୍ଯ୍ୟାୟରେ ରାମାୟଣ ଓ ମହାଭାରତକୁ ପୁନଃ ପ୍ରସାରିତ କରାଯାଇଥିଲା, ସମୟର ଠିକ ଉପଯୋଗ ସହିତ ପ୍ରତିକୂଳ ପରିସ୍ଥିତିକୁ ମୁକାବିଲା କରିବାର ମନ୍ତ୍ର ଶିକ୍ଷା କରିବାର ଲକ୍ଷ୍ୟରେ। କିନ୍ତୁ, ମହନୀୟ ସେ କାଳଜୟୀ କାହାଣୀମାଳା ଦ୍ୱୟରୁ ଆମେ କ'ଣ ଶିଖିଲୁ?

ବିପତ୍ତି ବିରୋଧରେ ଲଢ଼ିବା ଓ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଶ୍ରୀ ରାମଚନ୍ଦ୍ର ହେଉଛନ୍ତି ଦୁନିଆର ଶ୍ରେଷ୍ଠ ମନ୍ତ୍ରଦାତା। ତାଙ୍କର ତମାମ ଜୀବନ ବିତିଛି ସଂଘାତ ଓ ସଂଘର୍ଷରେ। ପ୍ରତି ପଦପାତରେ ପ୍ରତିକୂଳ ପରିସ୍ଥିତି। ଆଦ୍ୟ ଯୌବନରୁ ଆରମ୍ଭ ହେଲା ଯନ୍ତ୍ରଣାଭରା ଜୀବନ। ଆଖି ଆଗରେ ରାଜ ଅଭିଷେକର ଅମୃତ ଅବସର। ହଠାତ୍ ଚଡକ ପଡିଲା ତାଙ୍କ ଭାଗ୍ୟରେ। ବିନା ପ୍ରତିବାଦରେ ବାଧ୍ୟ ପୁତ୍ର ଜଣକ ମଧ୍ୟ ବରଣ କରିନେଇଥିଲେ ବନବାସକୁ। ବେଡି ଉପରେ କୋରଡା ମାଡ଼ ପରି ପୁଣି ଘଟୁଛି, ପ୍ରାଣପ୍ରିୟା ପତ୍ନୀଙ୍କ ବିଚ୍ଛେଦ। ଏପରି ଗୋଟେ ପରେ ଗୋଟେ ଦାରୁଣ ଦୁଃସ୍ଥିତିରେ ତ ସେ କାହିଁ ହାରି ନ ଥିଲେ ନିଜ ଜୀବନକୁ? ବରଂ ଦମ୍ଭଧରି ଦୃଢ଼ ମନୋବଳ ସହିତ ଯୁଝିଛନ୍ତି ଦୁର୍ଯୋଗ ବିରୋଧରେ। ନିଜକୁ ଆହୁରି ଦୃଢ଼ ଭାବେ ଗଢିବାକୁ ବେଳଟିଏ ପାଇଛନ୍ତି ବୋଲି ବିଚାରକରି, ପାରୁପର୍ଯ୍ୟନ୍ତ ପ୍ରୟାସ କରିଛନ୍ତି, ତାକୁ ସୁଯୋଗରେ ପରିଣତ କରିବାକୁ; ଯେଉଁଥିପାଇଁ କି ରାଜକୁମାର ରାମ ପରିବର୍ତ୍ତିତ ହୋଇଛନ୍ତି ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀ ରାମଚନ୍ଦ୍ରରେ। ମହାଭାରତର ମହାନାୟିକା ଦ୍ରୌପଦୀ, ସେମିତି ବି ଜଣେ ଅତ୍ୟନ୍ତ ଧୈର୍ଯ୍ୟଶିଳା ମହିଳା। ଯନ୍ତ୍ରଣାକୁ ପିଇ ପିଇ ଜିଇଛନ୍ତି ଜୀବନ। ତାଙ୍କ ପରି ଦୁଃଖ ଓ ଦୁର୍ଦ୍ଦଶା, କଷଣ ଓ ଦୂଷଣକୁ ସାମ୍ନା କରିଥିବା ନାରୀଟିଏ ଜନ୍ମି ନାହାନ୍ତି ଏଯାଏ। ସ୍ୱୟମ୍ବର ସଭାରେ ଜଣେ ଯୋଗ୍ୟବରଙ୍କୁ ପାଇଥିବା ନାରୀଟି, ଭାଗ୍ୟର ବିଡମ୍ବନାରେ ନିଜେ ଭାଗ ହୋଇଛନ୍ତି ପାଞ୍ଚଜଣ ପୁରୁଷଙ୍କ ମଧ୍ୟରେ। ଟିକେ କଳନା କରନ୍ତୁ ତ, ଜଣେ ଲଳନାର ଭାଗ୍ୟର ଏପରି ଯନ୍ତ୍ରଣାକୁ। ସେଥିପାଇଁ କେତେ କଟୁକ୍ତି, କଟାକ୍ଷର ତୀକ୍ଷ୍ଣ ତୀରରେ ଲହୁ ଲୁହାଣ ବି ହୋଇଥିବେ। ସ୍ୱାମୀଙ୍କ ପଶାଖେଳର ସୁଆଙ୍ଗ ସହିତ କି ବା ସମ୍ବନ୍ଧ ଥିଲା ପାଞ୍ଚାଳିଙ୍କର? ପରିଣତିରେ ନିରିହା ନାରୀଟିଏ ଭୟଙ୍କର ଭାବେ ଲାଞ୍ଛିତା ହୋଇଥିଲେ ଭରା କୁରୁସଭା ତଳେ। ସ୍ୱାମୀମାନଙ୍କ ସହିତ ବିଷାଦଯୁକ୍ତ ବାରବର୍ଷର ବନବାସ ଜୀବନ ପରେ ବି ଦୁର୍ଦ୍ଦଶା ତାଙ୍କ ପିଛା ଛାଡିନି। ପାଞ୍ଚ ପାଞ୍ଚଟି ବାଳୁତ ପୁତ୍ର ବିଚ୍ଛେଦରେ ହାହାକାର କରି ଉଠିଛି ତାଙ୍କ ମାତୃ ହୃଦୟ। ଏହାସତ୍ତ୍ୱେ ବି କେବେ କ'ଣ ତାଙ୍କ ମନକୁ ଆସିଛି ଜୀବନ ହାରିବାକୁ? ବରଂ ଅସୀମ ଧୈର୍ଯ୍ୟ ଓ ସହନଶୀଳତାର ସହିତ ପଣ କରିଛନ୍ତି ଜିଣିବାକୁ।

ଇତିହାସ ପୃଷ୍ଠା ଓଲଟାଇ ଟିକେ ଆଖି ପକାନ୍ତୁ ତ ଭୀମାରାଓ ଆମ୍ବେଦକରଙ୍କ ଜୀବନୀକୁ। ଆଜି ସମୟରେ ତାଙ୍କ ପରି କିଏ ବା ପାଇଛି ଅକଳନ୍ତି ଦୁଃଖ ଓ ଯନ୍ତ୍ରଣା, ଲାଞ୍ଛନା ଓ ତାଡନା? ସବୁ ପ୍ରତିକୂଳତା, ପ୍ରତିବନ୍ଧକକୁ ପଛକରି ଆଗେଇ ଆସିଛନ୍ତି ଓ ଭାଗ୍ୟଦେବୀଙ୍କୁ ବାଧ୍ୟ କରିଛନ୍ତି, ତାଙ୍କୁ ବିଜୟମାଳା ପିନ୍ଧାଇବାକୁ। ସେ ଦିନର ଅଜସ୍ର ଅପମାନିତ ଆମ୍ବେଦକର ଆଜି ଜଣେ ଦେଦୀପ୍ୟମାନ ଶିଖା। ଆଉ, ଆମ ଓଡ଼ିଶାର ଅନ୍ଧକବି ଭୀମଭୋଇ ତ ଭୀଷଣ ଭାବେ କ୍ଷତାକ୍ତ ହୋଇଛନ୍ତି ସାରା ଜୀବନ। ସାମାଜିକ ଭେଦଭାବଜନିତ ନିର୍ଯାତନା, ଦାରିଦ୍ର୍ୟର କଷାଘାତ, ନାନାଦି ଶୋଷଣ, କଷଣ ଦିନ ଦିନ ଧରି ଭୋକ ଉପାସରେ ଆଉଟୁ ପାଉଟୁ ହୋଇ ବି, କେବେ ତ କାହିଁ ମନରେ ଭାଳି ନାହାନ୍ତି ଜୀବନ ହାରିବାକୁ? ଯନ୍ତ୍ରଣାଭରା ଜୀବନକୁ ସେ ଆହୁରି ଜାଜ୍ଜ୍ୱଲ୍ୟମାନ କରି ଯାଇଛନ୍ତି। ଆଜି ଆମେ ସାମାନ୍ୟ ସଙ୍କଟରେ, ଟିକିଏ ଟିକିଏ କଥା କଟାକଟି ବା କଳି ଝଗଡ଼ାରେ, ଅପମାନ– ଅପବାଦ– ଅବସାଦରେ ଅବା ବିଫଳତାରେ ଭାଙ୍ଗି ଯିବାଟା କ'ଣ ଭୀରୁତା ନୁହଁ? ଆମେ କ'ଣ ଏପରି କାପୁରୁଷ ଯେ ଟିକେ ଝଞ୍ଜା ବା ଜଞ୍ଜାଳରେ ନିମିଷକେ ହାରି ଦେଉଛୁ ମହାର୍ଘ୍ୟ ମଣିଷ ଜୀବନକୁ?? ଜନ୍ମ ଯେମିତି ଆମ ଇଚ୍ଛାଧୀନ ନୁହଁ, ମରଣ ବି ସେମିତି ଆମର ଇଚ୍ଛାରେ ନୁହେଁ। ଆତ୍ମହତ୍ୟା କରିବା ଅର୍ଥ ଈଶ୍ୱରଙ୍କ ଇଚ୍ଛା ବିରୋଧରେ ଯିବା। ଅନ୍ୟ ଓଠରେ ହସ ଭରିବା ହେଉଛି ମାନବୀୟ ଧର୍ମ। ଏହା ପରିବର୍ତ୍ତେ ଅସମୟରେ ନିଜକୁ ନିଃଶେଷ କରିଦେଇ ଆତ୍ମୀୟ ସ୍ୱଜନଙ୍କ ଆଖିରେ ଅଜସ୍ର ଅଶ୍ରୁ ଭରିବା କ'ଣ ଅପରାଧ ନୁହେଁ କି? ଏପରି ନିର୍ମମ ନିଷ୍ପତ୍ତି ନେବା ପୂର୍ବରୁ ନିଜର ଅତି ଆପଣା ଜନଙ୍କ ବେଦନାଭରା କାନ୍ଦୁରା ମୁହଁଟିକୁ ଥରେ ମାତ୍ର ଦେଖିବାକୁ ଚେଷ୍ଟା କରନ୍ତୁ ତ। ''ସଂସାର ବିଷବୃକ୍ଷସ୍ୟ ଦ୍ୱେଫଳେ ଅମୃତୋପମମ। କାବ୍ୟାମୃତରସାସ୍ୱାଦଂ ସଂଗତିଃ ସଜ୍ଜନୈଃ ସହ''। ଅର୍ଥାତ ସଂସାରର ଚାରିଦିଗେ ବିଷବୃକ୍ଷ ସମ ବିଷାକ୍ତ ବାତାବରଣ। ନାନାଦି ଘାତ–ପ୍ରତିଘାତ, ସଙ୍କଟ–ସଙ୍ଘର୍ଷ, କୁଟିଳତା –ଜଟିଳତାରେ ଭରା ଏ ସମାଜ। ଏଥିରୁ ବର୍ତ୍ତିବାକୁ ନିଇତି ଅମୃତ ଆସ୍ୱାଦନ କରିବା ଉଚିତ। ସଜ୍ଜନ, ସଂଗତି ଏବଂ କାବ୍ୟରସ ସମ ସ୍ୱାଧ୍ୟାୟର ସେବନ ଜରୁରୀ। ଆଉ, କରୋନାକାଳୀନ ଏପରି ଦୀର୍ଘ ବନ୍ଦୀ ଜୀବନ ପାଇଁ ତ ଏହା ମହୌଷଧି।

ସାଗରର ଜୁଆର –ଭଟ୍ଟା ପରି ସଂସାରଟା ବି ଉତ୍ଥାନ– ପତନର ସମାହାର। ଏଠି ଜଞ୍ଜାଳ ଓ ଯନ୍ତ୍ରଣା ତ ଅଛି, ତା ସହିତ ଫୁଲ ଓ ଫଗୁଣ ବି ଅଛି। କେବେ ଗୋଲାପର ସ୍ନିଗ୍ଧ କୋମଳତା ତ ଆଉ କେବେ ଅନୁଭୂତ ହୁଏ କଣ୍ଟାର ଶକ୍ତ ଆଘାତ। ସେଇଥିପାଇଁ ତ ମହାମତି ଚାଣକ୍ୟ ସୂଚାଇ ଯାଇଛି – ପରିସ୍ଥିତି ଓ ସାଧନ ଅନୁକୂଳ ନ ଥିଲେ ବି ଦୃଢ଼ ମନୋବଳ ଆଧାରରେ ସବୁ କିଛି କରାଯାଇପାରେ। ଆଉ ଗୋଟେ କଥା, ଆମ ଦୃଷ୍ଟିକୋଣ ସଦା ସକାରାତ୍ମକ, ସୁନ୍ଦର ବା ମଧୁର ହେଲେ ଯେକୌଣସି ପରିସ୍ଥିତିକୁ ସହଜେ ସାମ୍ନା କରିପାରିବା। ପ୍ରତିଟି ଘଟଣା ପଛରେ କିଛି ଉଦ୍ଦେଶ୍ୟ ଥିଲାପରି, ପ୍ରତିଟି ବିପର୍ଯ୍ୟୟ, ବିଘ୍ନ, ବିଫଳତା ପଛରେ ବି କିଛି ପ୍ରେରଣା ଥାଏ, କିଛି ଶିକ୍ଷା ଥାଏ। ତେବେ ଆମର ଡର କାହିଁକି? ଭୟ, ହତାଶ, ନିରାଶାଭାବ ହେଉଛି ଜୀବନ ଶୋଷକ। ଏହା ଆମର ଶକ୍ତି, ସାମର୍ଥ୍ୟ, ଗୁଣବତ୍ତାଗୁଡିକୁ ଧ୍ୱଂସ କରିଦିଏ। ଏଣୁ ଆମେ ପ୍ରତିଟି ପ୍ରାଣ ପଣ କରିବା ଉଚିତ 'ମୁଁ ଆଲୋକ ସନ୍ଧାନୀ ହେବି, ଆଶାର କିରଣ ସାଜିବି।' ଅନ୍ଧାରି ଆକାଶରେ ମୁଁ ତାରାର ଚକମକ, ଘନ ବରଫ ଉପରେ ହୀରକର ଦ୍ୟୋତକ, ପାଚିଲା କ୍ଷେତରେ ସୁନାର ଝଲକ। ଅତଏବ, ଦୁଃଖ ବା କାତରରେ, ସଙ୍କଟ ଅବା ସଂଘାତରେ ନୁହେଁ ବିଚଳିତ। ନାହିଁ ନାହିଁରେ, ଅବା ନିରାଶାର ଅନ୍ଧକାରେ, ନୁହେଁ ମୁଁ ନିକ୍ଷେପିତ। କାରଣ ମୁଁ ଦୁର୍ଜୟ, ମୁଁ ନିର୍ଭୟ ମୁଁ ଆଶାର କିରଣ, ଆଶାର କିରଣ।।

ଗୋଡିଶୂଳ, ସଜନାଗଡ଼, ବାଲେଶ୍ୱର,
ମୋ:୯୪୩୭୪୩୬୦୭୩

# ବଦଳୁଛି ଅନ୍ତ୍ୟେଷ୍ଟି କ୍ରିୟାର ସଂଜ୍ଞା



ଡ. ଅଜୟ କୁମାର ନନ୍ଦ

ଜନ୍ମ ଓ ମୃତ୍ୟୁ ଭଳି ଏକ ମହାନ୍ ସତ୍ୟକୁ ସାମ୍ନା କରିବା ପାଇଁ ଈଶ୍ୱର ଆମକୁ ଶକ୍ତି ଦେଇଛନ୍ତି। ଏହା ବି ସତ୍ୟ ଯେ, ଜନ୍ମ ସମୟରେ ସୁଖ ଓ ମୃତ୍ୟୁ ସମୟରେ ଦୁଃଖରେ ମ୍ରିୟମାଣ ହୋଇ ଈଶ୍ୱରଙ୍କ ଅଙ୍ଗୁଳି ନିର୍ଦ୍ଦେଶପୂର୍ବକ ଅଭିମାନ ବ୍ୟକ୍ତ କରୁ। ପରେ ଏଥିରେ ଈଶ୍ୱରଙ୍କ ମହତ୍ତ ଉଦ୍ଦେଶ୍ୟ ଥିବା ନେଇ ଆତ୍ମୀୟସ୍ୱଜନମାନେ ସାନ୍ତ୍ୱନା ଦେଇ ଆଗକୁ ବଢ଼ିବାକୁ ସାହସ ଜୁଟାନ୍ତି। ସମୟେ ସମୟେ ଶ୍ରୀମଦ୍ ଭାଗବତର ମହାଉକ୍ତି ''ମର୍ତ୍ତ୍ୟ ମଣ୍ଡଳେ ଦେହ ବହି, ଦେବତା ହେଲେ ବି ମରଇ'' ଅର୍ଥାତ ସ୍ୱୟଂ ଭଗବାନଙ୍କ ଅବତାର ନିଜେ ମଧ୍ୟ ମୃତ୍ୟୁକୁ ସ୍ୱୀକାର କରିଛନ୍ତି। ଏହି ମର୍ତ୍ତ୍ୟରେ ଆମେ ତ ଛାର ମଣିଷ! କେହି କେହି ଯଶୋଦାଙ୍କ ଖୁସି ବ୍ୟକ୍ତକୁ ସୁଖ ରୂପେ ବର୍ଣ୍ଣନା କରୁଥିଲେ ଶ୍ରୀକୃଷ୍ଣଙ୍କୁ ପୁତ୍ର ରୂପେ ପାଇ ଏବଂ ଶାନ୍ତନୁ ଦୁଃଖରେ ଆତ୍ମହରା ହେଉଥିଲେ ଅନ୍ଧର ଲଉଡି ଶ୍ରବଣ କୁମାରଙ୍କୁ ହରାଇ। ଜନ୍ମ ଓ ମୃତ୍ୟୁର ପରିଧିରେ ଶୈଶବରୁ ବୃଦ୍ଧ ଏକ ବୃତ୍ତାକାର ପଥ ଅତିକ୍ରମ କଲା ବେଳେ ମୃତ୍ୟୁ ହିଁ ଏକ ଜନ୍ମର ଅନ୍ତ ଘଟାଏ, ଏହା ଧ୍ରୁବ ସତ୍ୟ। ବିଶେଷ କରି ଆମ ଓଡ଼ିଆ ସଂସ୍କୃତି କହିଲେ ଉତ୍କଳରେ ବସବାସ କରୁଥିବା ବିଭିନ୍ନ ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକ ତାଙ୍କର ଅନ୍ତିମ ସଂସ୍କାରଜନିତ ଶେଷ ଇଚ୍ଛା ଉତ୍ତର ପିଢ଼ିଙ୍କଠାରୁ ଆଶା ବ୍ୟକ୍ତ କରନ୍ତି।

ପୁଅଟିଏ ହେଲେ ମୁଖାଗ୍ନି ଦେବ ଓ ପରେ ପ୍ରତି ବର୍ଷ ପୁଣ୍ୟ ତିଥିରେ ପିଣ୍ଡଦାନ କରିବା ସହ ପରଲୋକରେ ସ୍ୱର୍ଗ ପ୍ରାପ୍ତି ଲାଭ କରିବେ ଇତ୍ୟାଦି। ଆଉ କେତେ ତାଙ୍କର ପରିଣତ ବୟସରେ ପୁଅ ଝିଅ ତଥା ଆତ୍ମୀୟସ୍ୱଜନଙ୍କୁ ଡାକି ତାଙ୍କର ଅନ୍ତିମ ସଂସ୍କାରର ସ୍ଥାନ, ବିଧି ବ୍ୟବସ୍ଥାର ଏକ ବୃହତ୍ ଚିଠା ପ୍ରସ୍ତୁତ କରନ୍ତି। ମୁକ୍ତିଧାମ କହିଲେ ପୁରୀର ସ୍ୱର୍ଗଦ୍ୱାର ଓ ରାଉରକେଲାର ବେଦବ୍ୟାସ ଇତ୍ୟାଦି । ବହୁ ପୁରାତନ ଭାବନା ଓ ବିଶ୍ୱାସ ଯେ ଏଠାରେ ଶବ ଦାହ କଲେ ସ୍ୱର୍ଗପ୍ରାପ୍ତି ଓ ମୋକ୍ଷ ମିଳେ। ମଣିଷ ଯେତେ ବଡ଼ ହେଉ ନା କାହିଁକି ଯୋଗୀଠାରୁ ଭୋଗୀ, ରାଜାଠାରୁ ଭିକାରି ଆଦି ସମସ୍ତଙ୍କର ଅନ୍ତିମ ଯାତ୍ରା ପଦ୍ଧତି ପ୍ରାୟ ଏକା। ଛ ଖଣ୍ଡ ବାଉଁଶରେ ତିଆରି ହୁଏ କୋକେଇ; ତାହା ପୁଣି ନିଜ ଆତ୍ମୀୟସ୍ୱଜନ, ଭାଇ କୁଟୁମ୍ବଙ୍କ ଉପସ୍ଥିତିରେ। ପୁଅ ଯଦି ବିଦେଶରେ ରହୁଥାଏ, ତେବେ ଅପେକ୍ଷା କରାଯାଏ ତା'ର ଆସିବା ପଥକୁ। ପରେ ପରେ ପୂରଣ କରିବାକୁ ହୁଏ ମୃତ ଆତ୍ମୀୟଙ୍କ ଶେଷ ଇଚ୍ଛା। ସ୍ୱର୍ଗଦ୍ୱାର ଓ ବେଦବ୍ୟାସ ଯାତ୍ରା ସମ୍ଭବ ନ ହେଲେ ଜନ୍ମିତ ଗାଁ ଶ୍ମଶାନରେ ସଂସ୍କାର ପୂର୍ବକ ପଞ୍ଚଭୂତରେ ଲୀନ କରନ୍ତି। ପରବର୍ତ୍ତୀ ବିଧି ବ୍ୟବସ୍ଥା ଅନୁଯାୟୀ, ବାପା ଅଜାଙ୍କ ଅମଳରୁ ଚଳି ଆସିଥିବା ଶୁଦ୍ଧିକ୍ରିୟା ପ୍ରଥାର କଠୋର ନିୟମର ଅନୁପାଳନ। କିଛି ଧାର୍ମିକ ପରାମର୍ଶଦାତାଙ୍କ ମତରେ ମାଆ ଯେଉଁ ଦଶ ମାସ ଗର୍ଭ ବେଦନା ସହି ନିଜ ସନ୍ତାନମାନଙ୍କୁ ଦୁନିଆକୁ ଆଣିଥିଲେ ତା'ର ପ୍ରତିବଦଳରେ ସନ୍ତାନ ସନ୍ତତିଙ୍କ ମାତୃ ପିତୃ ଋଣ ବାବଦରେ ଏହା ତାଙ୍କର ତ୍ୟାଗ ସଦୃଶ ଦଶଦିନ ପାଳନ କରିବା। ଅନ୍ୟ ଧର୍ମରେ ଏହାର ଟିକେ ଟିକେ ବ୍ୟତିକ୍ରମ ଥିଲେ ମଧ୍ୟ ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ। କିନ୍ତୁ ବର୍ତ୍ତମାନ ଉପୁଜିଥିବା ପରିସ୍ଥିତି ପୂରା ନିଆରା। କରୋନା ମହାମାରୀଠାରୁ ସୁରକ୍ଷା ନିମିତ୍ତ ଅସ୍ଥାୟୀ କବଚ ରୂପେ ସରକାର ଜାରି କରିଥିବା ଶଟ୍ଡାଉନ୍ ଓ ଲକ୍ଡାଉନ୍ ନିୟମରେ ପ୍ରାୟତଃ ସମସ୍ତେ ଅଭ୍ୟସ୍ତ ହୋଇ ଗଲେଣି। କିନ୍ତୁ କ୍ରମଶଃ ପରିବର୍ତ୍ତନଶୀଳ କୋଭିଡ୍ ନିୟମରେ ଧାର୍ମିକ ଓ ସାମାଜିକ ବ୍ୟବସ୍ଥାରେ ଅବିଶ୍ୱସନୀୟ ନିଷ୍ପତ୍ତି ଅନେକଙ୍କୁ ବିସ୍ମିତ କରିଛି। ପୃଥିବୀ ପ୍ରସିଦ୍ଧ ଘୋଷଯାତ୍ରା ମଧ୍ୟ ଏଥିରୁ ବାଦ ପଡି ନ ଥିଲା। ଲୀଳାମୟଙ୍କ ସଦିଚ୍ଛା ତଥା ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତି ବିଶେଷ କରି ଚାରିକୋଟି ଓଡ଼ିଆଙ୍କୁ ଆଶ୍ୱସ୍ତି ଦେଇଥିଲା ଓ ମହାପ୍ରଭୁଙ୍କ ରଥଯାତ୍ରା ସୁରୁଖୁରୁରେ ସମ୍ପାଦନ ହେଲା ମଧ୍ୟ। ପରେ ପରେ ସଂକ୍ରମଣର ଭୟରେ କୋଭିଡ୍ର ପରିବର୍ତ୍ତିତ ନିୟମ ଅନୁସାରେ ସ୍ଥାନୀୟ ପ୍ରଶାସନ ପୁରୀ ସ୍ୱର୍ଗଦ୍ୱାର ଯାତ୍ରାରେ ଲକ୍ଷ୍ମଣରେଖା ଟାଣିଲେ ପୁରୀବାସୀଙ୍କ ଛଡା ଅନ୍ୟମାନଙ୍କ ଅନ୍ତିମ ସଂସ୍କାର ପାଇଁ। ଏଭଳି ନିଷ୍ପତ୍ତିକୁ ଅନେକ ବୁଦ୍ଧିଜୀବୀ ନାପସନ୍ଦ କରୁଛନ୍ତି, କେମିତି ନ କରନ୍ତେ, ଏହା ମଣିଷର ଧର୍ମଗତ ଅଧିକାର। ସାମ୍ବିଧାନିକ ବ୍ୟବସ୍ଥାରେ ମନୁଷ୍ୟର ଶେଷଇଚ୍ଛା ପ୍ରତି ସମ୍ମାନ ଦେବା ଉଲ୍ଲେଖ ଅଛି; ତେବେ ପ୍ରଶ୍ନ ଉଠୁଛି, ପ୍ରତି କଥାରେ ଆମେ ସର୍ବୋଚ୍ଚ ନ୍ୟାୟାଳୟର ଦୃଷ୍ଟି ଆକର୍ଷଣ କରିବା କି ?

କୋଭିଡ୍ ନିୟମ ପାଳନ କରି ସରକାର ବିକଳ୍ପ ବ୍ୟବସ୍ଥା କରିବା ସ୍ୱାଗତଯୋଗ୍ୟ ହେବ। ବର୍ତ୍ତମାନ ସରକାର କରିଥିବା ନୂତନ ଅନ୍ତିମ ସଂସ୍କାର ନିୟମ ଅନେକଙ୍କୁ ଯଦିଓ ଆଶ୍ୱସ୍ତ କରିଛି ତେବେ ଏହାର କାର୍ଯ୍ୟକାରିତା ନେଇ ସରକାର ଯତ୍ନବାନ ହୁଅନ୍ତୁ। ଏଇ ନିକଟରେ ଜଣେ ଆତ୍ମୀୟଙ୍କ ଅନ୍ତିମ ସଂସ୍କାର ନେଇ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହେଲା। ଉକ୍ତ ବ୍ୟକ୍ତି ଦୀର୍ଘଦିନ ହେବ ସ୍ୱାସ୍ଥ୍ୟଗତ ସମସ୍ୟା ନେଇ ଅସୁସ୍ଥ ଥିଲେ। ଦୁର୍ଭାଗ୍ୟବଶତଃ ମହାମାରୀ କରୋନା ଭୂତାଣୁ ସଂକ୍ରମିତ ହୋଇ ସରକାରଙ୍କ ସ୍ଥାପିତ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି ହେଲେ। ପରେ ପରେ ଘରର ଅନ୍ୟ ସଦସ୍ୟମାନେ ସଂକ୍ରମିତ ହେବାରୁ ନିୟମ ଅନୁସାରେ ପରିବାରର ସମସ୍ତ ସଦସ୍ୟ ୧୪ ଦିନ ସଙ୍ଗରୋଧରେ ରହିଲେ। ଏଣେ ହସ୍ପିଟାଲର ଶୀତତାପ ନିୟନ୍ତ୍ରଣ କକ୍ଷରେ ବାପା ଜୀନ ଯୁଦ୍ଧରେ ହାରି ପ୍ରାଣତ୍ୟାଗ କଲେ ପରଦିନ ସକାଳୁ। ବିଧିର ବିଧାନ ଓ ମହାମାରୀ କଟକଣା ମୁତାବକ ପରିବାରର କୌଣସି ସଦସ୍ୟ ବାପାଙ୍କ ଅନ୍ତ୍ୟେଷ୍ଟି କ୍ରିୟାରୁ ବଞ୍ଚିତ ହେଲେ। ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶରେ କେତେକ କର୍ମଚାରୀ ଆମ୍ବୁଲାନ୍ସରେ ନେଇ ଇଲେକ୍ଟ୍ରିକ ଚୁଲାରେ ଦାହ ସଂସ୍କାର କଲେ ବିନା ମୁଖାଗ୍ନିରେ। ମୃତ୍ୟୁ ପରବର୍ତ୍ତୀ ବିଧିବିଧାନ ପରିବାର ସଦସ୍ୟଙ୍କ ସଙ୍ଗରୋଧ ଅବଧି ମଧ୍ୟରେ ଥିବାରୁ ପ୍ରଚଳିତ ଶୁଦ୍ଧିକ୍ରିୟା ଓ ଦଶାହ କାର୍ଯ୍ୟରୁ ପରିବାର ବଞ୍ଚିତ ହେଲେ। ତେଣେ ଜ୍ଞାତିକୁଟୁମ୍ବ କେଇଜଣ ଦଶାହ କାର୍ଯ୍ୟ ସ୍ୱଳ୍ପ ମତେ ସମ୍ପନ୍ନ କଲେ। ଏଥିରେ ଜୀବାତ୍ମା କେତେ ଯେ ଶାନ୍ତି ପାଇଲେ, ତାହା ପ୍ରତ୍ୟେକ ପରିବାର ସଦସ୍ୟଙ୍କର ଏକ ଅସମାହିତ ପ୍ରଶ୍ନ ହୋଇ ରହିଲା। ଅତଏବ ମହାମାରୀ ସଂକ୍ରମଣ ସମୟରେ ଏପରି ଅନେକ ଜୀବାତ୍ମା ଅତୃପ୍ତ ଆତ୍ମା ହୋଇ ଘୂରି ବୁଲିଲେ। ଏହା କିଭଳି ବ୍ୟବସ୍ଥା ? ଏହା ମାନବ ଜାତିର ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ ସରକାର କୋଭିଡ୍ ନିୟମକୁ ପାଳନ କରିବା ସହିତ ଏହି ସାମାଜିକ ତଥା ଧାର୍ମିକ ବ୍ୟବସ୍ଥାକୁ ସରଳୀକରଣ କରନ୍ତୁ। ସରକାର କୋଭିଡ୍ ନିୟମ ବଦଳାନ୍ତୁ ହେଲେ ଅନ୍ତିମ ସଂସ୍କାର ସଂଜ୍ଞା ନ ବଦଳାନ୍ତୁ। ସମୟ ବଦଳିଯିବ, କରୋନା ଚାଲିଯିବ, କେବଳ ମନେ ରହିଯିବ ସଂସ୍କାରବିହୀନ ଶେଷଯାତ୍ରା।

ନୀଳକଣ୍ଠପୁର, ପୁରୀ
ajayakumarnanda@gmail.com

## ଏଇ ଭାରତରେ

ଘର ଅଫିସ୍ ଯେଉଁ ଆଡେ ଚାହିଁଲେ କାଗଜ ବର୍ଜ୍ୟ ଅଖିରେ ପଡେ। ଏହାକୁ ବିଭିନ୍ନ ଉପାୟରେ ଉପଯୋଗ କରାଯାଉଥିଲେ ବି ଏଥିରୁ ୱାଟର୍ ରେଜିଷ୍ଟାଣ୍ଟ ବା ଜଳପ୍ରତିରୋଧୀ ଜିନିଷ ପ୍ରସ୍ତୁତ କରିବାର ଶ୍ରେୟ ପାଇଛନ୍ତି ଜୟପୁରର ସିପ୍ରା ଚୋଖାନି। ଜଣେ ପ୍ରଡକ୍ଟ ଡିଜାଇନର ତଥା ଇଣ୍ଟରପ୍ରିନ୍ୟୁୟର ଭାବେ ଜଣାଶୁଣା ସିପ୍ରାଙ୍କର ଏକ ପ୍ଲପ୍ ଫ୍ୟାକ୍ଟ୍ରି ଓ ଡିଜାଇନ ଷ୍ଟୁଡିଓ ରହିଛି। ଏହା ମାଧ୍ୟମରେ ସେ ବର୍ଜ୍ୟ କାଗଜ ଉପଯୋଗ କରି ପାଉଚ୍, ବଡ଼ ବ୍ୟାଗ ଓ ବକ୍ସ ବ୍ୟାଗ ଆଦି ଜିନିଷ ତିଆରି କରୁଛନ୍ତି। ୮୦ରୁ ୧୦୦ କେଜି ଓଜନର ଜିନିଷ ନେବା ଭଳି ବଡ଼ ବ୍ୟାଗ ବି ପ୍ରସ୍ତୁତ କରିବାକୁ ସକ୍ଷମ ହୋଇପାରିଛନ୍ତି। ଜିନିଷଗୁଡିକୁ ତିଆରି କରିବା ପାଇଁ ସେଥିରେ କିଛି ପ୍ରାକୃତିକ ଦ୍ରବ୍ୟ ବ୍ୟବହାର କରୁଛନ୍ତି ଯାହାଫଳରେ ତାହା ସମ୍ପୂର୍ଣ୍ଣ ମାଟିରେ ମିଶିଯାଉଛି। ୧୦ ବର୍ଷ ତଳେ ସିପ୍ରା ଡିଜାଇନ ସ୍କୁଲ୍ରେ ପଢୁଥିବାବେଳେ ବର୍ଜ୍ୟ କାଗଜରୁ ଜିନିଷ ତିଆରି କରିବାର ଧାରଣା ତାଙ୍କ ମୁଣ୍ଡକୁ ଢୁକିଥିଲ, ଯାହାକୁ ଏବେ ସେ କାର୍ଯ୍ୟକାରୀ କରିଛନ୍ତି। ଜିନିଷଗୁଡ଼ିକୁ ସେ ପ୍ଲପ୍ ଫ୍ୟାକ୍ଟ୍ରି ବ୍ରାଣ୍ଡରେ ବିକ୍ରି କରୁଛନ୍ତି। ସେ ଏହି କାର୍ଯ୍ୟ ୫ ଜଣ ଲୋକଙ୍କୁ ନେଇ କରୁଛନ୍ତି। ଜିନିଷ ପ୍ରସ୍ତୁତ ହୋଇଗଲା ପରେ ସିପ୍ରା ଓ ତାଙ୍କର ଆଉ ଜଣେ ସହକର୍ମୀ ସେଥିରେ ହସ୍ତକଳାକୃତିର ସ୍ପର୍ଶ ଦେଉଛନ୍ତି। ଯେକୌଣସି ଗୋଟିଏ ଜିନିଷ ତିଆରି କରିବାକୁ ୫ରୁ ୮ କେଜି ବର୍ଜ୍ୟ କାଗଜ ଆବଶ୍ୟକ ହେଉଛି। ୩୨ ବର୍ଷୀୟା ସିପ୍ରାଙ୍କ ଜନ୍ମ ଆସାମରେ । ପଢ଼ିଛନ୍ତି ବେଙ୍ଗାଲୁରୁରେ ଓ କର୍ମସ୍ଥଳୀ ପାଲଟିଛି ଜୟପୁର।

## ୨୫ ବର୍ଷ ତଳର ଧରିତ୍ରୀ

୨୨ ଅଗଷ୍ଟ ୧୯୯୫

- ଶତାଧିକ ଆରବ ବନ୍ଦୀମାନଙ୍କୁ ହତ୍ୟା କରିଥିବା ବିଷୟ ଇସ୍ରାଏଲ୍ ସ୍ୱୀକାର କରିବା ପରେ ଏହିଅପରାଧ ପାଇଁ କ୍ଷତିପୂରଣ ଦେବା ନେଇ ଇଜିପ୍ଟ ପକ୍ଷରୁ ଦାବି କରାଯାଇଛି।
- ରମାଦେବୀ ମହିଳା ମହାବିଦ୍ୟାଳୟରେ ହିନ୍ଦୀ ଓ ଗୃହବିଜ୍ଞାନ ସ୍ନାତକୋତ୍ତର ଶ୍ରେଣୀ ଖୋଲିବା ପାଇଁ ରାଜ୍ୟ ସରକାର ଅନୁମତି ପ୍ରଦାନ କରିଛନ୍ତି।
- ମଧ୍ୟପ୍ରଦେଶ ରାଜ୍ୟ ସଡ଼କ ପରିବହନ ନିଗମର ଏକ ବସ୍ ପେଞ୍ଚନଦୀ ବନ୍ୟାସ୍ରୋତରେ ଭାସିଯିବାରୁ ୩୫ ଜଣ ଯାତ୍ରୀ ମୃତ୍ୟୁବରଣ କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ପୁଞ୍ଜିପତି ରାଷ୍ଟ୍ର ଦିଗରେ ଭାରତ

ମହାଶୟ,

ଆଇଟିୟୁସି (ଇଣ୍ଟରନ୍ୟାଶନାଲ୍ ଟ୍ରେଡ୍ ୟୁନିୟନ୍ କନ୍ଫେଡେରେଶନ) ପକ୍ଷରୁ ଏହାର ଗ୍ଲୋବାଲ ରାଇଟ୍ସ ଇଣ୍ଡେକ୍ସ ୨୦୨୦ ପ୍ରକାଶ ପାଇଛି। ଏହି ସୂଚକରେ ଭାରତର ସ୍ଥାନ ୧୦ ଅତ୍ୟନ୍ତ ଖରାପ ରାଷ୍ଟ୍ର ମଧ୍ୟରେ ଆସିଛି। ଏହି ତାଲିକାର ଶୀର୍ଷରେ ରହିଛି ଅଷ୍ଟ୍ରିଆ। ଏଥିରେ ଦର୍ଶାଯାଇଛି ଯେ, ଭାରତରେ ଶ୍ରମିକମାନଙ୍କ ଅବସ୍ଥା ଅତ୍ୟନ୍ତ ନଗଣ୍ୟ। ଭାରତରେ ଶ୍ରମିକମାନେ ସେମାନଙ୍କର ଉଚିତ୍ ପ୍ରାପ୍ୟ ପାଉନାହାନ୍ତି, କାର୍ଯ୍ୟ କରିବାର ପାରିପାର୍ଶ୍ୱିକ ସ୍ଥିତି ନିରାପଦ ରହୁନାହିଁ, ଶ୍ରମିକମାନଙ୍କ ସାମାଜିକ ସୁରକ୍ଷା ପ୍ରତି ଆଦୌ ଗୁରୁତ୍ୱ ଦିଆଯାଉନି, ମୋଟ୍ ଉପରେ କହିବାକୁ ଗଲେ ଶ୍ରମିକ ଶ୍ରେଣୀ ପ୍ରତି ହିଂସାତ୍ମକ ଆଚରଣ ବଢ଼ିଚାଲିଛି। ବିଶେଷକରି ମୋଦି ସରକାରଙ୍କ ଅମଳରେ ଶ୍ରମିକମାନଙ୍କ ଅଧିକାର ସଙ୍କୁଚିତ ହୋଇଯାଉଛି। ଏହି ରିପୋର୍ଟରେ ତାମିଲନାଡୁ ଓ ତେଲେଙ୍ଗାନା ରାଜ୍ୟର ଦୁଇଟି କମ୍ପାନୀର ନାମ ନିଆଯାଇଛି, ଯେଉଁମାନେ ବିଭିନ୍ନ ଦାବି ନେଇ ଧାରଣାରେ ବସିଥିବା ଶ୍ରମିକମାନଙ୍କୁ ପୋଲିସ ଓ ଗୁଣ୍ଡା ଲଗାଇ ମାଡ଼ ମାରିଥିଲେ। ଏଥିରେ କେତେକ ଶ୍ରମିକଙ୍କୁ ଗିରଫ ମଧ୍ୟ କରାଯାଇଥିଲା। ଭାରତ ଭଳି ଗଣତନ୍ତ୍ର ରାଷ୍ଟ୍ରରେ ଶ୍ରମିକମାନଙ୍କ ପ୍ରତି ଏଭଳି ଆଚରଣ ଅତ୍ୟନ୍ତ ନିନ୍ଦନୀୟ। ଏସବୁ କଥାକୁ ବିଚାରକୁ ନେଲେ ଏହା ନିଃସନ୍ଦେହ ଯେ ଭାରତ ଏକ ପୁଞ୍ଜିପତି ରାଷ୍ଟ୍ର ଆଡ଼କୁ ଗତିକରୁଛି।

ସନ୍ନ୍ୟାସୀ ମହାରଣା, ଆଦିମାତା କଲୋନୀ, ଭୁବନେଶ୍ୱର

### ସୂଚନା ଅଧିକାର ଆଇନ କଡ଼ାକଡ଼ି ହେଉ

ରାଜ୍ୟରେ ସୂଚନା ଅଧିକାର ଆଇନ କାର୍ଯ୍ୟକାରୀ ଯୋଗୁ ସାଧାରଣଙ୍କ ପାଇଁ ସୂଚନା ପାଇବାରେ ବିଳମ୍ବ ହେବନାହିଁ। ଏଥିପାଇଁ ତୁରନ୍ତ ସମୟସୀମା ମଧ୍ୟରେ ଅଧିକାରୀ ସୂଚନା ନ ଦେଲେ ଆବେଦନକାରୀ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟିଗୋଚର କରିବା ଆବଶ୍ୟକ। ପୂର୍ବରୁ ବହୁ ଆବେଦନକାରୀ ନିରାଶ ହେଉଥିଲେ। ସଂପୃକ୍ତ ଅଧିକାରୀଙ୍କ ବିରୋଧରେ ଆବେଦନ କରିବାର ଅଧିକାର ସରକାର ଦେଇଛନ୍ତି। କେବଳ ସଚେତନତା ହେଲେ ସମସ୍ୟା ସୁଧୁରିଯିବ।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

### ଚିରନ୍ତନୀ

ସଖିରେ ଏହି ବେଳେ
ଗୋପନ କଥା ହେଲେ
କହିବା ପାଇଁ ପୀଡ଼େ ପରାଣ
କୁମୁଦ ଦଳେ ଜଳ
ହୁଅଇ ଟଳମଳ
ଶୁଣସି ପଦେ କଥା, ମୋ ରାଣ।
(ବର୍ଷାରତି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ DHARITRI
ବାଲେଶ୍ୱର, ଶନିବାର, ୨୨ ଅଗଷ୍ଟ, ୨୦୨୦



## ସଂକ୍ଷେପରେ

### ସୁଧାଂଶୁ ଶେଖର ରଥ, ବିଭୂତି ଭୂଷଣ ପଟ୍ଟନାୟକ ଓପିଏସ୍‌ସି ସଦସ୍ୟ ନିଯୁକ୍ତ

**ଭୁବନେଶ୍ୱର, ୨୧।୮(ବ୍ୟୁରୋ):** ରାଜ୍ୟ ସରକାର ଶୁକ୍ରବାର ପ୍ରଫେସର ସୁଧାଂଶୁ ଶେଖର ରଥ ଓ ଅବସରପ୍ରାପ୍ତ ଆଇଏଏସ୍ ଅଫିସର ବିଭୂତି ଭୂଷଣ ପଟ୍ଟନାୟକଙ୍କୁ ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ସଦସ୍ୟ ଭାବେ ନିଯୁକ୍ତି ଦେଇଛନ୍ତି। ପ୍ରଫେସର ରଥ ଜଣେ ବିଶିଷ୍ଟ ଅର୍ଥନୀତିଜ୍ଞ ଭାବେ ଜଣାଶୁଣା। ସେ ସମ୍ବଲପୁରସ୍ଥିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ଥିଲେ। ଏଥିସହ ସେ ମଧ୍ୟ ଉକ୍ତ ବିଶ୍ୱବିଦ୍ୟାଳୟର ଓଏସ୍‌ଡି ଏବଂ ରେଜିଷ୍ଟ୍ରାର ଭାବେ କାର୍ଯ୍ୟ କରିଛନ୍ତି। ତାଙ୍କର ଅନେକ ଲେଖା ଜାତୀୟ ଓ ଅନ୍ତର୍ଜାତୀୟ ପତ୍ରିକାରେ ପ୍ରକାଶିତ ହୋଇଛି। ସେହିପରି ଗତ ଜୁଲାଇ ୩୧ରେ ରାଜ୍ୟ ସମବାୟ ସମିତି ରେଜିଷ୍ଟ୍ରାର ଭାବେ ଚାକିରିରୁ ଅବସର ନେଇଥିବା ଆଇଏଏସ୍ ଅଫିସର ବିଭୂତି ଭୂଷଣ ପଟ୍ଟନାୟକଙ୍କୁ ଓପିଏସ୍‌ସି ସଦସ୍ୟ ଭାବେ ନିଯୁକ୍ତି ଦିଆଯାଇଛି। ସେ ମଧ୍ୟ ଝାରସୁଗୁଡ଼ା ଜିଲାପାଳ, ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ। ସୂଚନାଯୋଗ୍ୟ, ଗୁରୁବାର ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଜଗନ୍ନାଥ ଲେଙ୍କାଙ୍କୁ ଓପିଏସ୍‌ସି ସଦସ୍ୟ ଭାବେ ନିଯୁକ୍ତି ଦିଆଯାଇଥିଲା।

### ଶିକ୍ଷାର ବିକାଶ ଚାହୁଁନାହାନ୍ତି ରାଜ୍ୟ ସରକାର: ଭାଜପା

**ଭୁବନେଶ୍ୱର,୨୧।୮(ବ୍ୟୁରୋ):** ଯୁବଶକ୍ତିରେ ଭରପୂର ଭାରତ। ଏଠାରେ ବସବାସ କରୁଥିବା ୫୦%ରୁ ଊର୍ଦ୍ଧ୍ୱ ଯୁବତୀଯୁବକ। ବିଶ୍ୱସ୍ତରରେ ହେଉଥିବା ପରିବର୍ତ୍ତନ ଏବଂ ଭବିଷ୍ୟତରେ ଏହାର ପ୍ରଭାବକୁ ଲକ୍ଷ୍ୟ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ନୂତନ ଶିକ୍ଷାନୀତି-୨୦୨୦' ଆଣିଛନ୍ତି। ହେଲେ ଓଡ଼ିଶାରେ ଶିକ୍ଷାର ବିକାଶ ହେଉ ବୋଲି ରାଜ୍ୟ ସରକାର ଚାହୁଁନାହାନ୍ତି। କର୍ମନିଯୁକ୍ତି ନ ପାଇ ଲୋକେ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଥିବାବେଳେ ଉଚ୍ଚ ଶିକ୍ଷା ପାଇଁ ମଧ୍ୟ ଏହି ଧାରା ଆପଣାନ୍ତୁ ବୋଲି ରାଜ୍ୟ ସରକାର ଚାହୁଁଛନ୍ତି ବୋଲି ଅଭିଯୋଗ କରିଛନ୍ତି ଭାଜପା ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟ। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଇରାଶିଷ କହିଛନ୍ତି, ଦେଶରେ ରାଜ୍ୟପାଳ, ବିଚାରପତି, ବରିଷ୍ଠ ଅଧିକାରୀଙ୍କ ନିଯୁକ୍ତି ପ୍ରକ୍ରିୟା ଚାଲୁ ରହିଛି। ରାଜ୍ୟରେ ସୂଚନା କମିଶନର ଓ ପ୍ରଶାସନିକ ଅଧିକାରୀ ପଦବୀରେ ନିଯୁକ୍ତି ଦିଆଯାଉଥିବାବେଳେ ୬ଜଣ କୁଳପତିଙ୍କ ନିଯୁକ୍ତିକୁ ପକାଇ ରଖିବା ଦୁର୍ଭାଗ୍ୟଜନକ ବୋଲି ସେ କ୍ଷୋଭବ୍ୟକ୍ତ କରିଛନ୍ତି।

# କରୋନା କବଳରେ ମନ୍ତ୍ରୀ, ବିଧାୟକ

ଭୁବନେଶ୍ୱର, ୨୧।୮(ବ୍ୟୁରୋ)

ଜଣକ ପରେ ଜଣେ ଜନପ୍ରତିନିଧି କରୋନା ସଂକ୍ରମିତ ହେଉଛନ୍ତି। ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବିଧାୟକ ଓ ମନ୍ତ୍ରୀ ମଧ୍ୟ ଏହି ମହାମାରୀ କବଳରେ ପଡୁଛନ୍ତି। ରାଜ୍ୟରେ ୯ ଜଣ ବିଧାୟକ, ଏମପି ଓ ମନ୍ତ୍ରୀ କୋଭିଡ-୧୯ ପଜିଟିଭ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୭ ଜଣ ବିଧାୟକ ଥିବା ବେଳେ ଜଣେ ଏମପି ଓ ଜଣେ ମନ୍ତ୍ରୀ କରୋନା ସଂକ୍ରମିତ ହୋଇଛନ୍ତି।

ଶୁକ୍ରବାର ଭଦ୍ରକ ବିଜେଡି ବିଧାୟକ ସଞ୍ଜୀବ ମଲ୍ଲିକ କୋଭିଡ୍ ପଜିଟିଭ ଚିହ୍ନଟ ହୋଇଥିବା ଟୁଇଟ୍ କରି ଜଣାଇଛନ୍ତି। ତାଙ୍କ ପୂର୍ବରୁ ବରଗଡ ଏମପି ସୁରେଶ ପୂଜାରୀ,

### ୯ ଜଣ ସଂକ୍ରମିତ

ଭଟଲି ବିଧାୟକ ତଥା ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ, ନୀଳଗିରି ବିଧାୟକ ସୁକାନ୍ତ ନାୟକ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ଖଣ୍ଡପଡ଼ା ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା କରୋନା ସଂକ୍ରମିତ ହୋଇଛନ୍ତି। ଅଧିକ ଜନସମ୍ପର୍କ ଯୋଗୁ ଏହି ଜନ ପ୍ରତିଧିମାନେ କରୋନା ସଂକ୍ରମିତ ହେଉଥିବା କୁହାଯାଉଛି।

### ସଞ୍ଜୀବଙ୍କୁ କରୋନା

**ଭଦ୍ରକ ଅଫିସ, ୨୧।୮:** ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ବିଧାୟକ ଶୁକ୍ରବାର ନିଜେ ଟୁଇଟ୍ କରି ଏହି ସୂଚନା ଦେଇଛନ୍ତି। ସେ ଏବେ ଭଦ୍ରକ ସହର ଅପର୍ତ୍ତବିନ୍ଧାସ୍ଥିତ ବାସଭବନରେ ହୋମ ଆଇସୋଲେଶନରେ ଅଛନ୍ତି। ବିଧାୟକ ମଲ୍ଲିକ ଗତ କିଛି ଦିନ ପୂର୍ବରୁ ବିଭିନ୍ନ ପ୍ରଶାସନିକ ବୈଠକ ଓ ଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଯେଉଁମାନେ ତାଙ୍କ ସଂସ୍ପର୍ଶରେ ଆସିଛନ୍ତି ସେମାନେ ହୋମ ଆଇସୋଲେଶନ ରହିବା ସହ କୋଭିଡ ପରୀକ୍ଷା କରାଇ ନେବାକୁ ସେ ପରାମର୍ଶ ଦେଇଛନ୍ତି।



ସଞ୍ଜୀବ କୁମାର ମଲ୍ଲିକ

# ଭରା ନଦୀ ପାରି ହେଲେ ଗର୍ଭବତୀ



ପରିବାର ଲୋକଙ୍କ ସହାୟତାରେ ସୁକାନ୍ତୀ ନଦୀ ପାର ହେଉଛନ୍ତି।

ଉଦଳା,୨୧।୮(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ଉଦଳା ବ୍ଲକ ଅଧୀନ ବାଲ୍‌ମା ଗ୍ରାମର ଜଣେ ଗର୍ଭବତୀ ବିପଦସଙ୍କୁଳ ଭାବେ ଭରାନଦୀ ପାରି ହୋଇ ଆମ୍ବୁଲାନ୍ସ ପାଖକୁ ଯିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ଶୁକ୍ରବାର ମଧ୍ୟାହ୍ନରେ ବାଲମା ଗ୍ରାମର ସୁକାନ୍ତୀ ହେମ୍ବ୍ରମଙ୍କ ପ୍ରସବ ଯନ୍ତ୍ରଣା ହୋଇଥିଲା। ପରିବାର ଲୋକେ ତାଙ୍କୁ ଡାକ୍ତରଖାନା ନେବା ନିମନ୍ତେ ଜନନୀ ଏକ୍ସପ୍ରେସ୍‌କୁ ଫୋନ କରିଥିଲେ। ଖବର ପାଇ ଜନନୀ ଏକ୍ସପ୍ରେସ୍ ଆସି ବାଲ୍‌ମା ଗ୍ରାମ ନିକଟରେ ପହଞ୍ଚିଥିଲା। ମାତ୍ର ଗ୍ରାମକୁ ଯିବା ନିମନ୍ତେ ଶିମିଳିପାଳରୁ ବାହାରିଥିବା ବାଲ୍‌ମା ନଦୀର ଶାଖା ସଞ୍ଜ ନଦୀ ବାଧକ ସାଜିଥିବାରୁ ନଦୀର ଆରପାଖରେ ଛିଡ଼ା ହୋଇ ରହିଥିଲା ଆମ୍ବୁଲାନ୍ସ। ପରିବାର ଲୋକେ ସୁକାନ୍ତୀଙ୍କୁ ପ୍ରଥମେ ସାଇକେଲରେ ୨ କି.ମି ଆଣିବା ପରେ ସଞ୍ଜ ନଦୀର ଭରା ପାଣି ଭିତରେ ପଶି ବିପଦପୂର୍ଣ୍ଣ ଭାବେ ଆମ୍ବୁଲାନ୍ସ ପାଖରେ ପହଞ୍ଚାଇଥିଲେ। ସେଠାରୁ ତାଙ୍କୁ ଜନନୀ ଏକ୍ସପ୍ରେସ୍ ଯୋଗେ ଚିକିତ୍ସା ନିମନ୍ତେ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

ଉଲ୍ଲେଖଯୋଗ୍ୟ ଯେ, ବାଲ୍‌ମା ଗ୍ରାମକୁ ରାସ୍ତା ଓ ନଦୀରେ ଏକ ପୋଲ ନିର୍ମାଣ ପାଇଁ ଗ୍ରାମବାସୀ ପୂର୍ବରୁ ଅନେକ ଥର ପ୍ରଶାସନ ଓ ସ୍ଥାନୀୟ ରାଜନେତାଙ୍କଠାରେ ଦାବି କରି ଆସୁଥିଲେ ମଧ୍ୟ ସେମାନଙ୍କ କଥା କେହି ଶୁଣୁ ନ ଥିବା ଗର୍ଭବତୀ ସୁକାନ୍ତୀଙ୍କ ସ୍ୱାମୀ ଠାକୁରା ହେମ୍ବ୍ରମ ଓ ସମ୍ପର୍କୀୟା ବାସନ୍ତୀ ମୁର୍ମୁ କହିଛନ୍ତି। ସେହିଭଳି ଏହି ଘଟଣା ଅତ୍ୟନ୍ତ ନିନ୍ଦନୀୟ ବୋଲି ବୁଦ୍ଧିଜୀବୀ ଦୀପକ କୁମାର ପାଣିଗ୍ରାହୀ କହନ୍ତି। ଉଦଳା ଉପ ଜିଲାପାଳ ଭଗବାନ ବେହେରାଙ୍କୁ ପଚାରିବାରୁ ଏଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ।

# କୂଅରୁ ମିଳିଲା ମହିଳା, ଦୁଇ ଶିଶୁଙ୍କ ମୃତଦେହ

- ୨ ଦିନ ତଳୁ ନିଖୋଜ ଥିଲେ
- ସ୍ୱାମୀଙ୍କୁ ଅଟକ ରଖି ପଚରାଉଚରା କରୁଛି ପୋଲିସ

କୋଟପାଡ଼, ୨୧।୮(ଡି.ଏନ୍.ଏ.)

କୋରାପୁଟ ଜିଲା କୋଟପାଡ଼ ବିଜ୍ଞପିତ ଅଞ୍ଚଳ ପରିଷଦର ୧୩ ନଂ ୱାର୍ଡରେ ଶୁକ୍ରବାର ଏକ କୂଅରୁ ଜଣେ ମହିଳା ଓ ତାଙ୍କ ଦୁଇ ଶିଶୁଙ୍କ ମୃତଦେହ ମିଳିଛି। ମୃତକ ହେଲେ ବଣ୍ଡାଗୁଡ଼ା ମାଝି ସାହିର କେଶବ ଭତରାଙ୍କ ସ୍ତ୍ରୀ ଲକ୍ଷ୍ମୀ(୨୫), ତାଙ୍କର ୩ବର୍ଷର ଝିଅ ଓ ଦେଢ ବର୍ଷର ପୁଅ। ସେମାନେ ଦୁଇଦିନ ତଳୁ ନିଖୋଜ ଥିଲେ। କୋଟପାଡ଼ ପୋଲିସ କେଶବଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସୂଚନା ଅନୁଯାୟୀ ବଣ୍ଡାଗୁଡ଼ା ନିକଟ ମାଝି ସାହିସ୍ଥିତ କୂଅକୁ ମହିଳାମାନେ ପାଣି ଆଣିବାକୁ ଯାଇଥିବାବେଳେ ସେଥିରେ ମୃତଦେହଗୁଡିକ ଭାସୁଥିବା ଦେଖି ପୋଲିସକୁ ଜଣାଇଥିଲେ। ପୋଲିସ ସେଠାରେ ପହଞ୍ଚି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲା। ଅଗ୍ନିଶମ ବାହିନୀ ସେଠାରେ ପହଞ୍ଚି କୂଅ ଭିତରୁ ମୃତଦେହ ଉଦ୍ଧାର କରିଥିଲା। ମହିଳା ଜଣକ ଆତ୍ମହତ୍ୟା କରିଛନ୍ତି ନା କେହି ତାଙ୍କୁ କୂଅ ଭିତରକୁ ଠେଲି ଦେଇଛି ପ୍ରାଥମିକ ତଦନ୍ତରୁ କିଛି ସ୍ପଷ୍ଟ ହୋଇନି। ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କିଛିଦିନ ହେବ ଗଣ୍ଡଗୋଳ ଚାଲିଥିଲା ବୋଲି ଗ୍ରାମବାସୀ ପୋଲିସକୁ କହିଥିଲେ। ଏହାପରେ ପୋଲିସ କେଶବଙ୍କୁ ଅଟକ ରଖି ପଚରାଉଚରା କରୁଛି। ସେମାନେ ୨ଦିନ ତଳୁ ନିଖୋଜ ଥିବା କେଶବ ପୋଲିସକୁ ସୂଚନା ଦେଇଛି। ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହକୁ ପରିବାରକୁ ହସ୍ତାନ୍ତର କରିଛି। କେସ୍ ନଂ.୧୩୧/୨୦ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି ବୋଲି ଏସ୍‌ଡିପିଓ ହରେକୃଷ୍ଣ ମାଝି, ଥାନାଧିକାରୀ ଉଲ୍ଲାସ ମାଝି କହିଛନ୍ତି।

# 'ଚାଷୀଙ୍କୁ କ୍ଷତିପୂରଣ ଦିଅନ୍ତୁ ସରକାର'

ଭୁବନେଶ୍ୱର,୨୧।୮(ବ୍ୟୁରୋ)

- ଲଘୁଚାପ ବର୍ଷାରେ ଧାନଜମି ଜଳମଗ୍ନ
- କ୍ଷୟକ୍ଷତି ଆକଳନ ସହ କ୍ଷତିପୂରଣ ମିଳୁ
- ଦାବି ଜଣାଇଲେ ବିରୋଧୀ ଦଳ ନେତା

କିଛିଦିନ ତଳେ ଉପକୂଳ ଅଞ୍ଚଳର ବାଲେଶ୍ୱର, ଭଦ୍ରକ, ଯାଜପୁର ଏବଂ କେନ୍ଦ୍ରାପଡା ଜଲାରେ ଲଘୁଚାପ ବର୍ଷା ପ୍ରଭାବରେ ହଜାର ହଜାର ହେକ୍ଟର ଚାଷଜମି ଜଳମଗ୍ନ ହୋଇଛି। ଜମିରେ ପାଣି ଥିବାରୁ ରୁଆ ବେଉଷଣ କାର୍ଯ୍ୟ ବନ୍ଦ ରହିଛି। ଅଥଚ ଏଭଳି ପରିସ୍ଥିତିରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଜଳମଗ୍ନ ଜମିର କ୍ଷୟକ୍ଷତି ଆକଳନ କରାଯାଇ ନାହିଁ କିମ୍ବା ଚାଷୀଙ୍କୁ କ୍ଷତିପୂରଣ ଦିଆଯାଇନାହିଁ ବୋଲି ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ଅଭିଯୋଗ କରିଛନ୍ତି।

ବର୍ତ୍ତମାନ ଆଉଥରେ ଲଘୁଚାପ ବର୍ଷା ହେବାର ସମ୍ଭାବନା ଅଛି। ସରକାର ଏନେଇ କ'ଣ ଯୋଜନା କରିଛନ୍ତି ତାହା ଚାଷୀଙ୍କୁ ଅବଗତ କରାନ୍ତୁ। ବର୍ଷାର ପରିମାଣ ବୃଦ୍ଧି ହେଲେ ଧାନ ଫସଲ ପୂରା ଧୋଇଯିବାର ଆଶଙ୍କା ରହିଛି। ବିପତ୍ତି ସମୟରେ ରାଜ୍ୟ ସରକାର ଚାଷୀଙ୍କ ପାଖରେ ଛିଡା ହୋଇ ସେମାନଙ୍କ ମନୋବଳ ବୃଦ୍ଧି କରିବା ସହ ଜଳମଗ୍ନ ଜମିର କ୍ଷୟକ୍ଷତି ଆକଳନ କରି ଆର୍ଥିକ ସହାୟତା ପ୍ରଦାନ କରିବାକୁ ବିରୋଧୀ ଦଳ ନେତା ଦାବି କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ରୁଆ ଯାଇଥିବା ଜମିରେ ପାଣି ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ଧାନ ଗଛ ନଷ୍ଟ ହୋଇଯିବାର ଆଶଙ୍କା ରହିଛି। ଏନେଇ ଚାଷୀକୁଳ ଆଶଙ୍କିତ ହୋଇପଡ଼ିଛନ୍ତି। ଏହି ପାଣିକୁ ନିଷ୍କାସନ କରିବା ପାଇଁ ରାଜ୍ୟ ସରକାର ଏ ପର୍ଯ୍ୟନ୍ତ କୌଣସି ସଠିକ୍ ପଦ୍ଧତି ନ ଆପଣାଇବା ଦୁର୍ଭାଗ୍ୟଜନକ। କରୋନା ମୁକାବିଲା କରୁଥିବା ସମୟରେ ଆର୍ଥିକ ଅଭିବୃଦ୍ଧି ୬ ପ୍ରତିଶତରୁ କମ ରହିଛି। ତେଣୁ ଚାଷୀମାନେ ଦିନ ରାତି କଠିନ ପରିଶ୍ରମକରି ରାଜ୍ୟକୁ ଆର୍ଥିକ ଅଭିବୃଦ୍ଧିରେ ନିଜକୁ ସାମିଲ କରିଛନ୍ତି। କିନ୍ତୁ ଲଘୁଚାପ ଜନିତ ଲଗାଣ ବର୍ଷାରେ ଚାଷୀର ଅଣ୍ଟାଭାଙ୍ଗି ପଡିଛି ବୋଲି ସେ କହିଛନ୍ତି।

# ନୂଆଖାଇ ପାଇଁ ରାଉରକେଲାରେ ରବିବାର ଶଟ୍‌ଡାଉନ୍ କଟକଣା କୋହଳ ହେବ

ଭୁବନେଶ୍ୱର,୨୧।୮(ବ୍ୟୁରୋ)

ଆସନ୍ତା ୨୩ ତାରିଖରେ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ପାଳିତ ହେବ। ଏହା ରବିବାର ପଡୁଛି। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ରାଉରକେଲା ମହାନଗର ନିଗମରେ ଅଗଷ୍ଟ ଶନିବାର ଓ ରବିବାର ସପ୍ତାହାନ୍ତ କଟକଣା କରାଯାଇଛି। ନୂଆଖାଇ ପର୍ବ ପାଇଁ ଆସନ୍ତା ରବିବାର କୋହଳ କରାଯାଇଛି। ଏ ନେଇ ଶୁକ୍ରବାର ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ମହାନଗର ନିଗମ ଅଞ୍ଚଳରେ ଲୋକମାନେ କୌଣସି ସ୍ଥାନରେ ଏକତ୍ରିତ ନ ହୋଇ ନିଜ ନିଜ ଘରେ ରହି ନୂଆଖାଇ ପର୍ବ ପାଳନ କରିବାକୁ କୁହାଯାଇଛି। ଏଥିସହିତ କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ସାମାଜିକ ଦୂରତ୍ୱ ରକ୍ଷା ସାଙ୍ଗକୁ ମୁହଁରେ ମାସ୍କ ଲଗାଇବା ଏବଂ ପରିବେଶକୁ ବିଶୁଦ୍ଧୀକରଣ କରିବାକୁ ପରାମର୍ଶ ଦିଆଯାଇଛି।

# 'ସଫଳତା ପାଇଁ ସମୟର ସଦୁପଯୋଗ କର'

### କୃତୀ ଛାତ୍ରୀଛାତ୍ରଙ୍କୁ ମେଧା ସମ୍ମାନ ଦେଲେ ଉଚ୍ଚଶିକ୍ଷା ମନ୍ତ୍ରୀ

**ଭୁବନେଶ୍ୱର,୨୧।୮(ବ୍ୟୁରୋ):** ଛାତ୍ର-ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ସମନ୍ୱୟ ଠିକ୍ ରହିଲେ ଜଣେ ଛାତ୍ର ପରୀକ୍ଷାରେ ସଫଳତା ହାସଲ କରେ। ସଫଳତା ପାଇଁ ସମୟର ସଦୁପଯୋଗ ସହିତ ଛାତ୍ରୀଛାତ୍ରମାନେ କଠିନ ପରିଶ୍ରମ କରିବା ଦରକାର। ରାଜ୍ୟ ସରକାର ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ଲାଗି ଅନେକ ପଦକ୍ଷେପ ନେଇଛନ୍ତି। ଶିକ୍ଷାନୁଷ୍ଠାନଗୁଡ଼ିକରେ ଶୈକ୍ଷିକ ବାତାବରଣ ସୃଷ୍ଟି କରି ମେଧାବୀ ଛାତ୍ରୀଛାତ୍ର ସୃଷ୍ଟି କରିବା ଦିଗରେ ଆମେ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ। ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ନୟାଗଡ଼ ନିର୍ବାଚନ ମଣ୍ଡଳୀର ଛାତ୍ରୀଛାତ୍ରଙ୍କୁ ମେଧା ସମ୍ମାନ ପ୍ରଦାନ କରିବା ଅବସରରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ଏହା କହିଛନ୍ତି।

ଏଥିପାଇଁ ଆୟୋଜିତ ଭର୍ଚୁଆଲ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି, କୋଭିଡ୍-୧୯ ସ୍ଥିତିରେ ପରୀକ୍ଷା ଫଳ ପ୍ରକାଶନ ଆହ୍ୱାନ ଥିଲା। ମହାବିଦ୍ୟାଳୟଠାରୁ ବିଦ୍ୟାଳୟର ଶିକ୍ଷାଦାନ ପଦ୍ଧତି ଓ ପରିବେଶଠାରୁ ଅଲଗା ହୋଇଥିବାରୁ ଛାତ୍ରୀଛାତ୍ରଙ୍କୁ ସେ ବିଷୟରେ ଅଧିକ ସଚେତନ ଓ ଯତ୍ନବାନ ହେବାକୁ ମନ୍ତ୍ରୀ ଦାଶ କହିଛନ୍ତି। ମୁଖ୍ୟବକ୍ତା ଭାବେ ଯୋଗଦେଇ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହିଲେ, ଶିକ୍ଷା ହିଁ ସବୁ ସମାଧାନର ସୂତ୍ର। ଶିକ୍ଷା ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଇଛନ୍ତି ବୋଲି ମନ୍ତ୍ରୀ ମିଶ୍ର କହିଛନ୍ତି। ଏହି ଅବସରରେ ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନର ବ୍ୟବସ୍ଥା କରାଯାଇଛି।

# ଯୁକ୍ତ୨ ନାମଲେଖା ଆବେଦନ ଆରମ୍ଭ

### ସେପ୍ଟେମ୍ବର ୯ରେ ପ୍ରଥମ ମେରିଟ୍ ଲିଷ୍ଟ

**ଭୁବନେଶ୍ୱର, ୨୧।୮(ବ୍ୟୁରୋ):** ଯୁକ୍ତ୨ ପ୍ରଥମ ବର୍ଷ ନାମଲେଖା ପାଇଁ ଆବେଦନ ପ୍ରକ୍ରିୟା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ସାମ୍ସ ୱେବ୍‌ସାଇଟ୍‌ରେ ସେପ୍ଟେମ୍ବର ୪ ତାରିଖ ରାତି ୧୧ଟା ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ଆବେଦନ କରିପାରିବେ। ସେପ୍ଟେମ୍ବର ୯ରେ ପ୍ରଥମ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ ଓ ମନୋନୀତ ହୋଇଥିବା ଛାତ୍ରୀଛାତ୍ରମାନେ ୧୧ରୁ ୧୮ତାରିଖ ପର୍ଯ୍ୟନ୍ତ ନାମଲେଖାଇ ପାରିବେ। ୨୩ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ। ଏହି ପର୍ଯ୍ୟାୟ ପାଇଁ ନାମଲେଖା ୨୪ରୁ ୨୮ତାରିଖ ମଧ୍ୟରେ ହେବ। ସେହିପରି ଅକ୍ଟୋବର ୧ରୁ ୩ ପର୍ଯ୍ୟନ୍ତ ସ୍ପଟ୍ ଆଡ୍‌ମିଶନ ପାଇଁ ନାମ ପଞ୍ଜୀକରଣ ଓ ସେହିମାସ ୫ତାରିଖରେ ନାମଲେଖା ହେବ। ସୂଚନାଯୋଗ୍ୟ, ଚଳିତବର୍ଷ ୫ଲକ୍ଷ ୬୦ହଜାରରୁ ଅଧିକ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେଇଥିଲେ। ଏଥର ପାସ୍ ହାର ୭୮.୭୬% ରହିଥିଲା।

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ମହୁମାଛି ଚାଷ
ମହୁମାଛି ଚାଷ କରିବା ପାଇଁ ଆଗ୍ରହୀ ଫାର୍ମ ହାଉସ୍ ମାଲିକମାନଙ୍କ ପାଇଁ ଉଦ୍ଦିଷ୍ଟ, (ସରକାରୀ ପ୍ରୋତ୍ସାହନ ଉଦ୍ଦିଷ୍ଟ 40%)
ଯୋଗାଯୋଗ:
8763499150
OMM HONEY

BDFC Finance
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ନିଅନ୍ତୁ ମାତ୍ର ୧୦ ଦିନ ମଧ୍ୟରେ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁଉଦ୍ୟୋଗ ପାଇଁ ଋଣ ନେବାକୁ ଯୋଗାଯୋଗ କରନ୍ତୁ
ସୁଧ ୧% ଘରେ ବସି ପାଆନ୍ତୁ
Ratanpur, Balbaspur, Sundergarh
8895873257
7656825247

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ZILLA SWASTHYA SAMITI, KEONJHAR
CHIEF DISTRICT MEDICAL & PUBLIC HEALTH OFFICER, KEONJHAR
(DISTRICT PROGRAMME MANAGEMENT UNIT, NHM)
Advt. No. 3201 Date: 21.08.2020
TENDER CALL NOTICE
No. E-197: Sealed tenders are invited from registered distributor/ agencies/retailer for supply COVID-19 Home Isolation and Safety Kit under DMF, Keonjhar. Details regarding the terms and conditions and tender papers may be downloaded from the district NIC website i.e. **www.kendujhar.nic.in**. The tender document should reach to the Office of the undersigned by **31.08.2020 upto 5.00 P.M.** through Reg. Post/Speed Post only along with all the relevant documents and E.M.D. The tenders will be opened on dated **01.09.2020 at 11.00 A.M.** in DTU Conference Hall, DHH, Keonjhar in presence of the bidders/ their authorized representatives.
The undersigned has reserves the right to reject or cancel any or all the tender without assigning any reason thereof.
Sd./- Chief District Medical & Public Health Officer, Keonjhar
OIPR-10033/11/0016/2021

e-PROCUREMENT NOTICE
Tender Online No. 04 of 2020-21
No.O-266:-

| | | |
|---|---|---|
| 1 | Name of the Work | Road works for 2020-21 mentioned in column 2 of table of N.I.T. |
| 2 | No. of works | 3 Nos. (From 53.00 lakh to 62.00 lakh) |
| 3 | Estimated cost | Specified against each work in column 3 of table of N.I.T. excluding Goods and Services Tax. |
| 4 | Earnest Money Deposit | Specified against each work in column 4 of table of N.I.T. |
| 5 | Period of completion | Specified against each work in column 6 of table of N.I.T. |
| 6 | Class of contractors | Specified against each work in column 5 of table of N.I.T. |
| 7 | Cost of Tender Paper | Specified against each work in column 7 of table of N.I.T. |

Other details for the N.I.T.:

| | | |
|---|---|---|
| 1 | Procurement Officer | Executive Engineer, Rural Works Division, Jagatsinghpur |
| 2 | Date & time of availability of bid documents in Portal. | 10.09.2020 at 11.00 hrs. |
| 3 | Last date & time for receipt of bids in Portal. | 19.09.2020 at 17.00 hrs. |
| 4 | Last date & time of seeking of Bid clarification | 18.09.2020 at 15.00 hrs. |
| 5 | Opening of tender (Technical Bid) | 21.09.2020 at 11.00 hrs at the Office of Executive Engineer, Rural Works Division, Jagatsinghpur. |

Further details can be seen from the Government website: www.tendersorissa.gov.in
Executive Engineer, Rural Works Division, Jagatsinghpur
OIPR-25056/11/0003/2021

E-mail- olicbpd@ymail.com
OFFICE OF THE EXECUTIVE ENGINEER
MAYURBHANJ LIFT IRRIGATION DIVISION, BARIPADA
No. 1410 Dated. 20.08.2020
CORRIGENDUM NOTICE
**No. CAD-390:-** In partial modification to this office Tender Call Notice No. 1315 dt. 05.08.2020 in Terms Condition of clause No: - 2.2. (iv) In case of joint venture Price preference / other financial benefits will not be allowed to SC/ST contractor/ Engineer Contractor/ Physical Handicapped Contractor. All other Terms & Conditions are remained unaltered.
Executive Engineer, M.L.I. Division, Baripada
OIPR-32215/11/0005/2021

अखिल भारतीय आयुर्विज्ञान संस्थान (एम्स), भुवनेश्वर
ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
(A Statutory Body under aegis of Ministry of Health and Family Welfare, Govt. of India)
Engineering Branch (Civil), Sijua (Patrapada), Bhubaneswar(Odisha)-751019
www.aiimsbhubaneswar.nic.in
File No. : AIIMS/BBSR/Engg./ 570/ NIT-014 / 2020-21 Dated : 21st Aug 2020
NOTICE INVITING E-TENDER
The All India Institute of Medical Sciences (AIIMS), Bhubaneswar invites e-Tender for the Work(s) for **Provision of Modular Nursing Station at Hospital (NICU & OT) of AIIMS, Bhubaneswar.** *(NIT No. : AIIMS/BBSR/Engg./ 014 / 2020-21).* The detailed Tender Document along with Last Date & Time of Submission of Tender can be viewed & downloaded from the website **www.aiimsbhubaneswar.nic.in, www.tenderwizard.com/AIIMSBBSR & CPP Portal www.eprocure.gov.in.**
Sd/-
Executive Engineer(Civil) I/C
AIIMS, Bhubaneswar

OFFICE OF THE
BARIPADA MUNICIPAL COUNCIL, BARIPADA
Phone: 06792-252703, Fax: 06792-252703
E-mail: baripadam.hud@nic.in
No. 5703 Date: 20.8.2020
DTCN PART - I (TECHNICAL BID) SECTION - II
COMPETITIVE BIDDING THROUGH 'e' Procurement
No. C-112: The Executive Officer on behalf of Baripada Municipality, Baripada invites percentage rate bids in double cover (Part-I: General & Technical Bid and Part-II: Price Bid) system in **ONLINE MODE** only in conformity with Detailed Tender Call Notice (DTCN).
Bid documents consisting of Work, Estimated Cost, Cost of Tender Paper, EMD and time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. **www.tendersorissa.gov.in**.
Tender Reference No. BPDM-07 of 2020-21 Tender I.D. No.:

| Sl. No. | Description | Critical Dates |
|---|---|---|
| 1 | Procurement Officer - Publisher/ Tender Inviting Authority/Bids | Executive Officer, Baripada Municipality, Baripada |
| 2 | Name of the Work | As per D.T.C.N. |
| 3 | Nos. of Work | 4 Nos. |
| 4 | Tendered cost of the work | Rs.58,89,254.00 to Rs.59,63,361.00 |
| (i) | Period of availability of tenders Online for Bidding | From Dt.24.8.2020 (11.00 A.M.) to Dt.07.9.2020 (5.00 P.M.) |
| (ii) | Last date & time of seeking clarifications Offline | Dt.31.8.2020 (5.00 P.M.) |
| (iii) | Last date & time of bidding Online | Dt.07.9.2020 (5.00 P.M.) |
| (iv) | Date & time of opening of Technical Bids | Dt.08.9.2020 (11.30 A.M. onwards) |
| (v) | Date & time of opening of Financial Bid | Will be intimated to technically successful bidder(s) |
| 5 | Detail Tender Call Notice (DTCN) may also be seen from the Baripada Municipality website i.e. **www.baripadamunicipality.in**. | |

Further details can be seen in the DTCN available in the e-procurment portal i.e. **www.tendersorissa.gov.in**.
Sd./- Executive Officer, Baripada Municipality
OIPR-13078/11/0007/2021

## ସଂକ୍ଷେପରେ

### ଏସ୍‌ଟିପିଆଇ ଭୁବନେଶ୍ୱର ପକ୍ଷରୁ ଆଉଟରିଚ୍ ୱେବିନାର୍

ଭୁବନେଶ୍ୱର,୨୧।୮: ଏସ୍‌ଟିପିଆଇ ଭୁବନେଶ୍ୱର ପକ୍ଷରୁ ନେକ୍ସଟ୍ ଜେନେରେଶନ ଇନ୍‌କ୍ୟୁବେସନ୍ ସ୍କିମ୍(ଏନ୍‌ଜିଆଇଏସ୍) ଆଉଟରିଚ୍ ୱେବିନାର ଆୟୋଜିତ ହୋଇଯାଇଛି। ବର୍ତ୍ତମାନ ସମୟରେ ଭାରତ ଏକ ସଫ୍ଟୱେର ହବ୍‌ରେ ପରିଣତ ହେବା ଲାଗି ଏନ୍‌ଜିଆଇଏସ୍ ଓ ଏସ୍‌ଟିପିଆଇ ସିଓଇ ଜରୁରୀ ହୋଇପଡିଛି। ଏନ୍‌ଜିଆଇଏସ୍ ହେଉଛି ଭବିଷ୍ୟତ ପାଇଁ ଉପଯୋଗୀ ଥିବା ଏକ ଇନ୍‌କ୍ୟୁବେସନ ସ୍କିମ୍ ଯାହା ସାରା ଦେଶରେ ଥିବା ବିଭିନ୍ନ ପ୍ରକାରର ଏସ୍‌ଟିପିଆଇ ଇନକ୍ୟୁବେସନ ଗୁଡିକରେ ପ୍ରଯୁକ୍ତି ଷ୍ଟାର୍ଟଅପ୍ ଗୁଡିକୁ ବ୍ୟାପକ ସହାୟତା ଓ ସେବା ପ୍ରଦାନ କରୁଛି ବୋଲି ଏଠାରେ ମତ ପ୍ରକାଶ ପାଇଛି। ସେହିଭଳି ଏଜିଆଇଏସ୍‌କୁ ଉନ୍ମୋଚନ କରିବା ଲାଗି ଦେଶର ୧୨ଟି ପ୍ରମୁଖ କେନ୍ଦ୍ର ସହ ଭୁବନେଶ୍ୱର କେନ୍ଦ୍ରକୁ ଚୟନ କରାଯାଇଥିବାରୁ ଉଭୟ ଭାରତ ସରକାର ଓ ଏସ୍‌ଟିପିଆଇକୁ ଶାଖା ପକ୍ଷରୁ ଧନ୍ୟବାଦ ପ୍ରଦାନ କରାଯାଇଛି। ଏହି ଅବସରରେ ଏସ୍‌ଟିପିଆଇର ଡାଇରେକ୍ଟର ଜେନେରାଲ ଡ. ଓଁକାର ରାୟ, ଏସ୍‌ଟିପିଆଇ ଭୁବନେଶ୍ୱର ଶାଖାର ନିର୍ଦ୍ଦେଶକ ମାନସ ରଞ୍ଜନ ପଣ୍ଡା,ଏସ୍‌ଟିପିଆଇ ଇନିସିଏଟିଭସ ସିଇଓ, ସୁବୋଧ ସଚ୍ଚାନ, ରାଜେଶ ରାମ ମିଶ୍ର, ପ୍ରଫେସର ରବି ମହାପାତ୍ର ଏବଂ ପ୍ରଶାନ୍ତ ବିଶ୍ୱା ପ୍ରମୁଖ ଏହି ୱେବିନାର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

### କୋଭିଡ୍-୧୯ ସାମଗ୍ରୀ ପ୍ରଦାନ କଲା ପିଏନ୍‌ବି

ଭୁବନେଶ୍ୱର,୨୧।୮: ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ର କଟକ ମଣ୍ଡଳ ପକ୍ଷରୁ ତାଳଚେରରେ ସ୍ଥିତ ଏନ୍‌ଟିପିସି ଡିଏଭି ପବ୍ଲିକ ସ୍କୁଲ କର୍ତ୍ତୃପକ୍ଷଙ୍କୁ କୋଭିଡ୍-୧୯ ସାମଗ୍ରୀ ପ୍ରଦାନ କରାଯାଇଛି। ସ୍କୁଲର ନୂତନ ଗୃହ ଉଦ୍‌ଘାଟନ ଅବସରରେ ବ୍ୟାଙ୍କର କଟକ ମଣ୍ଡଳ ଶାଖା ମୁଖ୍ୟ ଶିବାନନ୍ଦ ଭଞ୍ଜ ଯୋଗଦେଇ ସ୍କୁଲର ରିଜିଓନାଲ ଅଫିସର ଆଇ.ପି. ପ୍ରଧାନଙ୍କୁ ଉକ୍ତ ସାମଗ୍ରୀ ପ୍ରଦାନ କରିଥିଲେ।

# ଗ୍ରାହକ ନିରାପତ୍ତା ହୋଣ୍ଡା ଟୁହ୍ୱିଲର୍ସର ସର୍ବୋଚ୍ଚ ପ୍ରାଥମିକତା: ସିଇଓ

ଭୁବନେଶ୍ୱର,୨୧।୮

ବର୍ତ୍ତମାନ ମହାମାରୀ ଯୋଗୁ ଉପୁଜିଥିବା ଚ୍ୟାଲେଞ୍ଜିଂ ସମୟରେ ଗ୍ରାହକଙ୍କ ନିରାପତ୍ତାକୁ ସର୍ବୋଚ୍ଚ ପ୍ରାଥମିକତା ପ୍ରଦାନ କରାଯାଉଥିବା ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ)ର ଏମ୍‌ଡି ତଥା ସିଇଓ ଆତ୍‌ସୁସି ଓଗାତା ସୂଚନା ଦେଇଛନ୍ତି। ସେ ନୂଆକରି ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମ ଥର ପାଇଁ ଶନିବାର ଡିଜିଟାଲ ମିଡିଆ ଦ୍ୱାରା ଗଣମାଧ୍ୟମ ସହ କମ୍ପାନୀର ବିଭିନ୍ନ ଯୋଜନା ସମ୍ପର୍କରେ ଭାବ ବିନିମୟ କରିଛନ୍ତି। କୋଭିଡ୍-୧୯ ମହାମାରୀ ସାରା ବିଶ୍ୱରେ ଏକ ସଙ୍କଟ ସ୍ଥିତି ସୃଷ୍ଟି କରିଥିବା ବେଳେ ଏହା ନୂଆ ସୁଯୋଗ ଆଣିଛି । ଭାରତ ବଜାରକୁ ନେଇ ବେଶ୍ ଆଶାବାଦୀ ରହିଥିବା ଓଗାତା ଏଠାରେ ମତ ରଖିଛନ୍ତି। ସେ କହିଛନ୍ତି ଯେ, ସଂକ୍ରମଣକୁ ଧ୍ୟାନରେ ରଖି ଲୋକମାନେ ନିଜ ଯାନରେ ଯିବାକୁ ଅଧିକ ପସନ୍ଦ କରୁଛନ୍ତି। ଲୋକ ଯାନ କ୍ରୟକୁ ଉତ୍ସାହିତ କରୁଛି। ଲୋକଙ୍କୁ ଯାନ ଯୋଗାଣ ଦିଗରେ କମ୍ପାନୀ ଏହାକୁ ସୁଯୋଗ ଭାବେ ନେବ। କୋଭିଡ୍ ଲାଗି ଜାରି ହୋଇଥିବା ସମସ୍ତ ଗାଇଡ୍‌ଲାଇନକୁ ନଜରରେ ରଖି କମ୍ପାନୀ ଘରୋଇ ବଜାର ଲାଗି ଏହାର ସବୁ ଯୋଜନାକୁ ପୂର୍ବବତ୍ ଜାରି ରଖିବ। ଏଥିରେ କୌଣସି ପ୍ରଭାବ ପଡିବ ନାହିଁ। ଭାରତର ଗ୍ରାମୀଣ ବଜାର ମୂଲ୍ୟ ଉପରେ ସର୍ବଦା ଯତ୍ନଶୀଳ ରହିଥିବାରୁ ଏହାକୁ କମ୍ପାନୀ ବିଚାରକୁ ନେଇଛି। ଏହାକୁ ଧ୍ୟାନରେ ରଖି ନୂଆ ମଡେଲ ଆଣିବା ନେଇ ମଧ୍ୟ ଯୋଜନା ରହିଥିବା ସେ ସ୍ପଷ୍ଟ କରିଛନ୍ତି। ହେଲେ କେବେ ସୁଦ୍ଧା ଏ ସମ୍ପର୍କରେ ଘୋଷଣା ହେବ ସେ ସମ୍ପର୍କରେ ଓଗାତା କୌଣସି ସ୍ପଷ୍ଟ ସୂଚନା ଦେଇନାହାନ୍ତି। ବ୍ୟକ୍ତିଗତ ଯାନକୁ ଲୋକମାନେ ଗୁରୁତ୍ୱ ଦେଉଥିବାରୁ ତେଲ ଦର ବୃଦ୍ଧି ୨ ଚକିଆ ଯାନ ବିକ୍ରିକୁ ବେଶି ସମୟ ଯାଏ ପ୍ରଭାବିତ କରିପାରିବ ନାହିଁ। ତେଲ ଦର ବୃଦ୍ଧି ସ୍ୱଳ୍ପମିଆଦୀ ଭିତ୍ତିରେ ୨ ଚକିଆ ଯାନ ବୃଦ୍ଧି ଉପରେ ପ୍ରଭାବ ଆଣିପାରେ ବୋଲି ସେ ମତ ରଖିଛନ୍ତି। ସେ ପୁଣି କହିଛନ୍ତି ଯେ, ହୋଣ୍ଡା ସର୍ବଦା ଗ୍ରାହକଙ୍କ ସନ୍ତୁଷ୍ଟି ପ୍ରସଙ୍ଗକୁ ଧ୍ୟାନରେ ରଖିଛି। ବର୍ତ୍ତମାନ ସମୟରେ ଡିଜିଟାଲ ଏବଂ କଣ୍ଟାକ୍ଟଲେସ ଫାସିଲିଟି ଆଣିବା ଉପରେ ଧ୍ୟାନ କେନ୍ଦ୍ରିତ କରାଯାଇଛି। ଏହାଦ୍ୱାରା ଗ୍ରାହକମାନେ ଯାନ ଦେଖିବା, ପସନ୍ଦ କରିବା ଏବଂ କ୍ରୟ କରିବା ସୁବିଧା ପାଇପାରିବେ।

### ଓଗାତାଙ୍କୁ ନୂଆ ଦାୟିତ୍ୱ



୧୯୬୨ରେ ଜନ୍ମିତ ଓଗାତା ୧୯୮୫ରେ ହୋଣ୍ଡାର ମୁଖ୍ୟ କାର୍ଯ୍ୟାଳୟ ଜାପାନରୁ ଅଟୋମୋବାଇଲ ଶିଳ୍ପରେ କ୍ୟାରିୟର ଆରମ୍ଭ କରିଥିଲେ। ୨୦୦୦ରେ ସେ ହୋଣ୍ଡା ମୋଟର୍ସ ୟୁରୋପ ଲିମିଟେଡ୍‌ର ମୋଟର ସାଇକେଲ ସେଲ୍‌ସ ଡିଭିଜନର ଜେନେରାଲ ମ୍ୟାନେଜର ଭାବେ ଅବସ୍ଥାପିତ ହୋଇଥିଲେ। ଜର୍ମାନୀ ଏବଂ ଫ୍ରାନ୍ସରେ ଉତ୍ତର ଏବଂ ଦକ୍ଷିଣ ଭାଗ ଅପରେଶନ୍ସ କାର୍ଯ୍ୟାଳୟରେ ସେ ୬ ବର୍ଷ କାର୍ଯ୍ୟ କରିଛନ୍ତି। ୨୦୦୬ରୁ ୧୫ ଯାଏ ସେ ଚାଇନାରେ କମ୍ପାନୀର କାରବାରକୁ ଦେଖିଥିଲେ। ପରେ ସେ ୱୁଆଙ୍ଗ ହୋଣ୍ଡା ମୋଟର କମ୍ପାନୀର ସଭାପତି ପଦରେ ଅବସ୍ଥାପିତ ହୋଇଥିଲେ। ୨୦୧୫ରେ ସେ ଜାପାନ ଫେରି ମୋଟର ସାଇକେଲ ଅପରେଶନ୍ସ ଅଫିସର ଜେନେରାଲ ମ୍ୟାନେଜର ପଦରେ ନିଯୁକ୍ତ ହେଲେ। ୨୦୧୮ରେ ଏସିଆନ ହୋଣ୍ଡା ମୋଟର କମ୍ପାନୀର ନିର୍ଦ୍ଦେଶକ ଭାବେ ଅବସ୍ଥାପିତ ହୋଇ ମୋଟର ସାଇକେଲ ଆଣ୍ଡ ପାୱାର ପ୍ରଡକ୍ଟ ବିଜନେସ ଦାୟିତ୍ୱରେ ରହିଥିଲେ। ୨୦୧୯ରେ ସେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପଦବୀକୁ ପଦୋନ୍ନତି ପାଇଲେ। ପ୍ରମୁଖ ଅଭିବୃଦ୍ଧିଶୀଳ ବଜାରଗୁଡିକରେ ଓଗାତା ଦୀର୍ଘ ୩୫ ବର୍ଷ କାର୍ଯ୍ୟ ଅଭିଜ୍ଞତା ହାସଲ କରିଛନ୍ତି। ମେ ୨୦୨୦ ଠାରୁ ତାଙ୍କୁ ଏଚ୍‌ଏମ୍‌ଏସ୍‌ଆଇର ଏମ୍‌ଡି ତଥା ସିଇଓ ଭାବେ ନିଯୁକ୍ତ କରାଯାଇଛି।

# ଏସ୍‌ବିଆଇର ନୂଆ ତାଲିମ ସେଣ୍ଟର



ଭୁବନେଶ୍ୱର,୨୧।୮: ଷ୍ଟେଟ ବ୍ୟାଙ୍କ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଲର୍ନିଂ ଆଣ୍ଡ ଡେଭଲପମେଣ୍ଟ (ଏସ୍‌ବିଆଇଏଲ୍‌ଡି) ଭୁବନେଶ୍ୱର ସ୍ଥାନୀୟ ପାହାଲଠାରେ ଶୁଭାରମ୍ଭ ହୋଇଛି। ଏହାକୁ ଚିଫ୍ ଜେନେରାଲ ମ୍ୟାନେଜର ରୁମା ଦେ ଶୁଭାରମ୍ଭ କରିଥିଲେ। କର୍ମଚାରୀଙ୍କୁ ସ୍କିଲ୍ ଏବଂ ତାଲିମ ପ୍ରଦାନ କ୍ଷେତ୍ରରେ ନୂଆ ସେଣ୍ଟର ବେଶ୍ ସହାୟକ ହେବ ବୋଲି ଦେ ମତବ୍ୟକ୍ତ କରିଛନ୍ତି। ଏଠାରେ ଏକାଥରକେ ୧୦୪ ଜଣକୁ ତାଲିମ ପ୍ରଦାନ କରାଯାଇପାରିବ। ଏହାବାଦ ୬୬ କର୍ମଚାରୀଙ୍କ ଲାଗି ଏଠାରେ ହଷ୍ଟେଲ ସୁବିଧା ମଧ୍ୟ ରହିଛି। ସେହିଭଳି କନଫରେନ୍ସ ରୁମ୍ ସୁବିଧା ୧୯୦ ବ୍ୟକ୍ତି ବିଶିଷ୍ଟ ଅଡିଟୋରିୟମ ଏଠାରେ ରହିଛି। ଏହି ସେଣ୍ଟର ପୂର୍ବରୁ ଲୁଇସ୍‌ରୋଡ୍‌ରେ ଥିବା ବେଳେ ନୂଆ ସ୍ଥାନକୁ ସ୍ଥାନାନ୍ତରିତ ହୋଇଛି। କାର୍ଯ୍ୟକ୍ରମରେ ଜେନେରାଲ ମ୍ୟାନେର ସିଏଲ୍‌ଏନ୍ ଟାରୟୁଲୁ, ଜେନେରାଲ ମ୍ୟାନେଜର ବିଜୟ କୁଜୁର, ଡେପୁଟି ଜେନେରାଲ ମ୍ୟାନେଜର ସତ୍ୟଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ଏସ୍‌ବିଆଇଏଲ୍‌ଡିର ଡାଇରେକ୍ଟର ନିବେଦିତା ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

# ୨୦ ହଜାର ଗୃହ ନିର୍ମାଣ କରିବ ହାଉସିଂ ବୋର୍ଡ

ଭୁବନେଶ୍ୱର,୨୧।୮

ରାଜ୍ୟ ସରକାର ଗୃହନିର୍ମାଣ କ୍ଷେତ୍ରରେ ଉତ୍ସାହ ଆଣିବା ପାଇଁ ପୂର୍ବ ପ୍ରଚଳିତ ଥିବା ବିଭିନ୍ନ ନିୟମାବଳୀର ସରଳୀକରଣ କରିଛନ୍ତି। ନୂତନ ଭାବରେ ପ୍ରଣୟନ କରାଯାଇଥିବା ଓଡ଼ିଶା ଡେଭଲପମେଣ୍ଟ ଅଥରିଟିଜ (ପ୍ଲାନିଂ ଆଣ୍ଡ ବିଲ୍‌ଡି) ନିୟମ ୨୦୨୦କୁ ଓଡ଼ିଶା ରାଜ୍ୟ ଗୃହନିର୍ମାଣ ସଂସ୍ଥା (ଓଏସ୍‌ଏଚ୍‌ବି) ପକ୍ଷରୁ ସ୍ୱାଗତ କରାଯାଇଛି। ଏହି ଅବସରରେ ସଂସ୍ଥାର ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ନୂଆ ନିୟମ ଆଗାମୀ ଦିନରେ ରାଜ୍ୟବାସୀ ଓ ଓଏସ୍‌ଏଚ୍‌ବି ପାଇଁ ବେଶ୍ ଲାଭଦାୟକ ହେବ। ଫଳରେ ସଂସ୍ଥା ଆସନ୍ତା ୩ମାସ ମଧ୍ୟରେ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସହରରେ ଅନେକ ଗୃହନିର୍ମାଣ ପ୍ରକଳ୍ପର ଶୁଭାରମ୍ଭ କରିବାକୁ ଯାଉଛି। ଏହିସବୁ ପ୍ରକଳ୍ପ ବିଶେଷକରି ବିଭିନ୍ନ ଆର୍ଥିକ ବର୍ଗର ଆଶାୟୀ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରିବ ବୋଲି ସେ ମତ ଦେଇଥିଲେ। ରାଜ୍ୟରେ ଗୃହ ନିର୍ମାଣ କ୍ଷେତ୍ରରେ ଏହା ଏକ ବୈପ୍ଳବିକ ପଦକ୍ଷେପ ସ୍ୱରୂପ ସଂସ୍ଥା ପକ୍ଷରୁ ଉପରୋକ୍ତ ସମସ୍ତ ଯୋଜନା ଓ ପ୍ରକଳ୍ପ ଜରିଆରେ ପ୍ରାୟ ୨୦ ହଜାର ବାସଗୃହ ଆଗାମୀ ଦିନରେ ନିର୍ମାଣ କରାଯାଇ ଆଶାୟୀ ବ୍ୟକ୍ତିବିଶେଷଙ୍କୁ ଯୋଗାଇ ଦିଆଯିବ ବୋଲି ମିଶ୍ର ସୂଚନା ଦେଇଛନ୍ତି। ସେହିଭଳି ଖୁବ୍‌ଶୀଘ୍ର ଭୁବନେଶ୍ୱର ଓ ରାଉରକେଲାଠାରେ ୪ଟି ବହୁତଳ ବିଶିଷ୍ଟ ଅଟ୍ଟାଳିକା ପ୍ରକଳ୍ପର ଶୁଭାରମ୍ଭ ହେବାକୁ ଯାଉଛି।

# ଫିକିର 'ନ୍ୟୁ ନର୍ମାଲ' ଉପରେ ୱେବିନାର

ଭୁବନେଶ୍ୱର,୨୧।୮

ଫିକି ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ 'ନ୍ୟୁ ନର୍ମାଲ' (କୋଭିଡ୍-୧୯ ସମୟରେ କାର୍ଯ୍ୟକ୍ଷେତ୍ରରେ ପ୍ରତିଷେଧକ ବ୍ୟବସ୍ଥା) ସମ୍ପର୍କିତ ୱେବିନାର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କର୍ମକ୍ଷେତ୍ରରେ ସ୍ୱାସ୍ଥ୍ୟ, ସ୍ୱଚ୍ଛତା ଓ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କର୍ମକ୍ଷେତ୍ରରେ କର୍ମଚାରୀଙ୍କୁ ସୁରକ୍ଷିତ ରଖିବା ଲାଗି ବ୍ୟବସାୟ ପ୍ରତିଷ୍ଠାନ, କର୍ମଚାରୀ ଓ ସେମାନଙ୍କ ପରିବାର, ସର୍ବୋପରି ସମଗ୍ର ସମାଜ ଏବଂ ସାମାଜିକ ସହଯୋଗୀ ଆଦି ସମାଜର ସମସ୍ତ କ୍ଷେତ୍ରକୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ଉପରେ ମତ ପ୍ରକାଶ ପାଇଛି।

# ସାମ୍‌ସଙ୍ଗ୍‌ର ନୂଆ ୟୁଭି ଷ୍ଟେରିଲାଇଜର

ମୁମ୍ବାଇ,୨୧।୮: ସାମ୍‌ସଙ୍ଗ୍ ପକ୍ଷରୁ ୱାୟାରଲେସ୍ ଚାର୍ଜିଂ ସୁବିଧା ସହ ଏହାର ନୂତନ ୟୁଭି ଷ୍ଟେରିଲାଇଜରର ଶୁଭାରମ୍ଭ କରାଯାଇଛି। ଏହା ଦ୍ୱାରା ଗ୍ୟାଲାକ୍ସି ସ୍ମାର୍ଟଫୋନ, ଗ୍ୟାଲାକ୍ସି ବଡ୍‌ସ ଓ ସ୍ମାର୍ଟ ୱାଚକୁ ମାତ୍ର ୧୦ ମିନିଟ ସମୟ ମଧ୍ୟରେ ସଂକ୍ରମଣ ମୁକ୍ତ କରାଯାଇପାରିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଉତ୍ପାଦକୁ ୨ଟି ପ୍ରମୁଖ ପ୍ରମାଣନ ସଂସ୍ଥା ଇଣ୍ଟରଟେକ୍ ଓ ଏସ୍‌ଜିଏସ୍ ଦ୍ୱାରା ଅନୁଧ୍ୟାନ କରାଯାଇଛି। ୟୁଭି ଷ୍ଟେରିଲାଇଜର ଫଳପ୍ରଦ ଭାବରେ ପ୍ରାୟ ୯୯% ଜୀବାଣୁ ନାଶ କରିଥାଏ ବୋଲି ଉକ୍ତ ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହି ୟୁଭି ଷ୍ଟେରିଲାଇଜରକୁ ସାମ୍‌ସଙ୍ଗ୍ ସି ଆଣ୍ଡ ଟି ଦ୍ୱାରା ପ୍ରସ୍ତୁତ କରାଯାଇଛି।

## ଖେଳ ଖବର

# ରାଇନାଙ୍କ କଭର ଡ୍ରାଇଭ ଅବିସ୍ମରଣୀୟ

ନୂଆଦିଲ୍ଲୀ, ୨୧।୮ (ପି.ଟି.)


ସୁରେଶ ରାଇନା

ପୂର୍ବତନ ଅଧିନାୟକ ତଥା ଉଇକେଟକିପର ବ୍ୟାଟ୍ସମ୍ୟାନ ମହେନ୍ଦ୍ର ସିଂ ଧୋନୀଙ୍କ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଲରାଉଣ୍ଡର ସୁରେଶ ରାଇନାଙ୍କ ନିକଟକୁ ମଧ୍ୟ ଏକ ଚିଠି ଲେଖିଛନ୍ତି। ଏଥିରେ ସେ କ୍ରିକେଟରଙ୍କ ଦକ୍ଷତା ଓ ପାରଦର୍ଶିତାର ଉଚ୍ଚ ପ୍ରଶଂସା କରିଛନ୍ତି। ଗତ ଅଗଷ୍ଟ ୧୫ରେ ଧୋନୀଙ୍କ ଅବସର ଘୋଷଣା କରିବାର ମାତ୍ର କେତେ ମିନିଟ ବ୍ୟବଧାନରେ ରାଇନା ଅନ୍ତର୍ଜାତୀୟ କ୍ରିକେଟରୁ ଅବ୍ୟାହତି ନେଇଥିଲେ। ଏହି ଦୁଇ ଖେଳାଳି ହେଉଛନ୍ତି ଅନ୍ତରଙ୍ଗ ବନ୍ଧୁ। ଉଭୟେ ଅନ୍ତର୍ଜାତୀୟ କ୍ରିକେଟରୁ ସନ୍ନ୍ୟାସ ନେଇଥିଲେ ମଧ୍ୟ ୟୁଏଇରେ ହେବାକୁଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଚେନ୍ନାଇ ସୁପର କିଙ୍ଗ୍ସ ତରଫରୁ ଖେଳିବେ। ୩୩ ବର୍ଷୀୟ ରାଇନା ୨୦୧୧ ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ଅନ୍ୟତମ ପ୍ରମୁଖ ସଦସ୍ୟ ଥିଲେ। ପ୍ରଧାନମନ୍ତ୍ରୀ ମୋଦି ରାଇନାଙ୍କ ନିକଟକୁ ଦୁଇ ପୃଷ୍ଠା ବିଶିଷ୍ଟ ପ୍ରଶଂସା ପତ୍ର ଲେଖିଛନ୍ତି, ଯାହାକୁ ସେ ତାଙ୍କ ଟୁଇଟର ପେଜ୍‌ରେ ପୋଷ୍ଟ କରିଛନ୍ତି। ଏଥିରେ ସେ ରାଇନାଙ୍କ ଭଳି ଜଣେ କର୍ମଠ ଓ ଉତ୍ସାହୀ ଯୁବକଙ୍କ କ୍ଷେତ୍ରରେ ଅବସର ଶବ୍ଦ ବ୍ୟବହାର କରିବାକୁ ଉଚିତ ମଣି ନାହାନ୍ତି। ରାଇନା ତାଙ୍କ କ୍ୟାରିୟରରେ ଇଞ୍ଜୁରି ସମେତ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥିଲେ ହେଁ ସେ ସବୁ ଚ୍ୟାଲେଞ୍ଜକୁ ଅତିକ୍ରମ କରିଯାଇଛନ୍ତି। ତାଙ୍କ ଅଧ୍ୟବସାୟ ଯୋଗୁ କେବଳ ଏହା ସମ୍ଭବ ହୋଇପାରିଛି ବୋଲି ମୋଦି କହିଛନ୍ତି। ପ୍ରଶଂସା ପାଇଁ ରାଇନା ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି ଏବଂ କହିଛନ୍ତି ଦେଶ ପାଇଁ ଆମେ ମନ ଓ ପ୍ରାଣ ଦେଇ ଖେଳିଥାଉ। ଏଥିପାଇଁ ଦେଶବାସୀ ଏ ପରିକି ପ୍ରଧାନମନ୍ତ୍ରୀଙ୍କଠାରୁ ଯେଉଁ ସ୍ନେହ ଓ ସଦିଚ୍ଛା ମିଳୁଛି ତାହାଠାରୁ ବଡ଼ କଥା ଆଉ ବା କ'ଣ ଅଛି। ପ୍ରଶଂସା ଓ ଶୁଭକାମନା ପାଇଁ ନରେନ୍ଦ୍ର ମୋଦିଜୀଙ୍କୁ ମୁଁ ଧନ୍ୟବାଦ ଦେଉଛି ବୋଲି କ୍ରିକେଟର ଜଣକ ଟୁଇଟ୍ କରି କହିଛନ୍ତି। ମୋଦି ତାଙ୍କ ଚିଠିରେ ମୋଟେରାରେ ଅନୁଷ୍ଠିତ ଶକ୍ତିଶାଳୀ ଅଷ୍ଟ୍ରେଲିଆ ବିପକ୍ଷ ୨୦୧୧ ବିଶ୍ୱକପ୍

### ପ୍ରଧାନମନ୍ତ୍ରୀଙ୍କ ଚିଠି

କ୍ୱାର୍ଟରଫାଇନାଲ ମ୍ୟାଚରେ ଭାରତର ବିଜୟ ଲକ୍ଷ୍ୟ ଚେଜ୍ ବେଳେ ରାଇନା (୩୪ ନଟ୍‌ଆଉଟ)ଙ୍କ କୁଶଳୀ ଇନିଂସକୁ ମନେପକାଇଛନ୍ତି। ଏହାକୁ ସେ ବେଶ୍ ଉପଭୋଗ କରିଥିବା କହିଛନ୍ତି। ରାଇନା କ୍ରିଜ୍‌ରେ ମହଜୁଦ ରହି ଦଳକୁ ଯେପରି ବିଜୟୀ କରାଇଲେ ତାହା ଭୁଲି ହେବ ନାହିଁ। ଏହି ବିଶ୍ୱକପ୍‌ର ଅନ୍ତିମ ଭାଗରେ ରାଇନା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ମୋଦି ସେତେବେଳେ ଗୁଜରାଟର ମୁଖ୍ୟମନ୍ତ୍ରୀ ଥିଲେ। ସେ କହିଛନ୍ତି, ମୁଁ ଦୃଢତାର ସହିତ କହିପାରେ ବହୁ ଖେଳପ୍ରେମୀ ରାଇନାଙ୍କ ଆକର୍ଷଣୀୟ କଭର ଡ୍ରାଇଭ୍ ଶର୍ଟ ମିସ୍ କରିବେ। ପ୍ରଧାନମନ୍ତ୍ରୀ ରାଇନାଙ୍କୁ ଜଣେ ପରଫେକ୍ଟ ଟିମ୍‌ମ୍ୟାନ ଭାବେ ଅଭିହିତ କରିଛନ୍ତି। ସେ ଏଭଳି ଜଣେ କ୍ରିକେଟର ଯିଏକି ଅନ୍ୟ ସାଥୀ ଖେଳାଳିଙ୍କ ସଫଳତାରେ ମଧ୍ୟ ଖୁବ୍ ଉତ୍‌ଫୁଲ୍ଲିତ ହୋଇଥାନ୍ତି। ପ୍ରଧାନମନ୍ତ୍ରୀ ତାଙ୍କ ଚିଠିରେ ରାଇନାଙ୍କ ବିଚକ୍ଷଣ ଫିଲ୍ଡିଂର ଖୁବ୍ ପ୍ରଶଂସା କରିଛନ୍ତି। କ୍ରିକେଟର ସମସ୍ତ ଫର୍ମାଟରେ ରାଇନା ତାଙ୍କ ପ୍ରତିଭା ଦେଖା ସାରିଛନ୍ତି। କିନ୍ତୁ ବିଶେଷ କରି ଟି୨୦ରେ ତାଙ୍କ ପ୍ରଦର୍ଶନର ବିଶେଷ ଆକର୍ଷଣ ରହିଥାଏ। ଏହାଏକ ସହଜ ଫର୍ମାଟ ନୁହେଁ। ଏଥିରେ ପରିସ୍ଥିତିକୁ ନେଇ ତୁରନ୍ତ ନିଷ୍ପତ୍ତି ନେବାକୁ ହୋଇଥାଏ। କେବଳ ଖେଳ ନୁହେଁ କ୍ରିକେଟର ଏହି ଅଲରାଉଣ୍ଡର ନିଜକୁ ସାମାଜିକ କାର୍ଯ୍ୟରେ ନିୟୋଜିତ କରିଛନ୍ତି। 'ସ୍ୱଚ୍ଛ ଭାରତ ଅଭିଯାନ' ଏବଂ ମହିଳା ସଶକ୍ତୀକରଣ କ୍ଷେତ୍ରରେ ସେ ସମୟ ଦେଇଛନ୍ତି। ରାଇନା ଭବିଷ୍ୟତରେ ଯେ କୌଣସି କ୍ଷେତ୍ରରେ ନିଜକୁ ନିୟୋଜିତ କରିବେ ସେଥିରେ ସଫଳ ହେବେ ମୋର ଏହି ଦୃଢ ବିଶ୍ୱାସ ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି।

# ୱିଲିୟମ୍ସ ଫର୍ମୁଲା ୱାନ୍ ଟିମ୍‌କୁ କିଣିଲା ଆମେରିକୀୟ ଫାର୍ମ

ଗ୍ରୋଭ୍ (ଇଂଲଣ୍ଡ), ୨୧।୮ (ଏପି): ୱିଲିୟମ୍ସକୁ କ୍ରୟ କରିଛି ଏକ ଆମେରିକୀୟ ଇନଭେଷ୍ଟମେଣ୍ଟ ଫାର୍ମ। ଫର୍ମୁଲାୱାନ୍ ଟିମ୍ ବିକ୍ରି ହେବାକୁ ଯାଉଛି ବୋଲି ଗତ ମେ ମାସରେ ଶୁଣିବାକୁ ମିଳିଥିଲା। ବିକ୍ରି ହୋଇଥିଲେ ମଧ୍ୟ ବ୍ରିଟେନର ଏହି ଟିମ୍‌ର ନାମ ପୂର୍ବଭଳି ୱିଲିୟମ୍ସ ରହିବ। ଏହାର ଆସ୍ଥାନ ମଧ୍ୟ ଇଂଲଣ୍ଡର ଅକ୍ସଫୋର୍ଡଶାୟାରରେ ରହିବ। ୧୯୭୭ରେ ଫର୍ମୁଲା ୱାନ୍ ଗ୍ରାଉ୍‌ରେ ପାଦ ଥାପିବା ପରେ ୱିଲିୟମ୍ସ ୭ ଡ୍ରାଇଭର୍ସ ଚାମ୍ପିୟନଶିପ୍ ଏବଂ ୯ କନଷ୍ଟ୍ରକ୍ଟର୍ସ ଟାଇଟଲ ଜିତିପାରିଛି। ଟିମ୍‌କୁ ଶେଷ ସଫଳତା ୧୯୯୭ରେ ଜ୍ୟାକ୍ସ ଭିଲେନ୍ୟୁଭ୍ ଆଣି ଦେଇଥିଲେ। ଡୋରିଲଟନ କ୍ୟାପିଟାଲର ପୁଞ୍ଜି ନିବେଶ ପରେ ଟିମ୍ ପୁନର୍ବାର ବିଜୟ ପଥକୁ ଫେରିପାରିବ ବୋଲି ଆଶା କରାଯାଉଛି। ଚଳିତ ସପ୍ତାହରେ କ୍ରୀଡ଼ାର ପରିଚାଳନା ପାଇଁ ନୂଆ କନକୋର୍ଡ ଏଗ୍ରିମେଣ୍ଟରେ ସମସ୍ତ ୧୦ ଫର୍ମୁଲା ୱାନ ଟିମ୍ ସ୍ୱାକ୍ଷର କରିବା ବେଳେ ୱିଲିୟମ୍ସ ବିକ୍ରି ହୋଇଯାଇଥିବା ବିଷୟ ଜଣାପଡ଼ିଥିଲା।

# ପ୍ରଥମ କେତୋଟି ମ୍ୟାଚ ଖେଳି ନ ପାରନ୍ତି ମାଲିଙ୍ଗା

ନୂଆଦିଲ୍ଲୀ, ୨୧।୮ (ପି.ଟି.): ବ୍ୟକ୍ତିଗତ କାରଣରୁ ଆସନ୍ତା ଆଇପିଏଲ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ପ୍ରଥମ କେତୋଟି ମ୍ୟାଚ୍ ଲାଗି ଉପଲବ୍ଧ ହୋଇ ନ ପାରନ୍ତି ଶ୍ରୀଲଙ୍କାର ଭେଟେରାନ ପେସ୍ ବୋଲର ଲସିଥ୍ ମାଲିଙ୍ଗା। ଖବର ଅନୁସାରେ ମାଲିଙ୍ଗାଙ୍କ ପିତା କିଛି ଦିନ ହେଲା ଅସୁସ୍ଥ ଅଛନ୍ତି। ନିକଟରେ ତାଙ୍କର ଅସ୍ତ୍ରୋପଚାର ଆବଶ୍ୟକ ପଡ଼ିପାରେ। ପୁରୁଖା ଫାଷ୍ଟ ବୋଲର ଉଭୟ ଶ୍ରୀଲଙ୍କା ଏବଂ ତାଙ୍କ ଆଇପିଏଲ୍ ଫ୍ରାଞ୍ଚାଇଜ୍ ପାଇଁ ଅନେକଥର ମ୍ୟାଚ ବିଜୟୀ ଖେଳ ପ୍ରଦର୍ଶନ କରିଛନ୍ତି। ଆସନ୍ତା ସପ୍ତାହରେ ୩୭ ବର୍ଷରେ ପଦାର୍ପଣ କରିବାକୁ ଥିବା ମାଲିଙ୍ଗା ଶ୍ରୀଲଙ୍କା ତରଫରୁ ଶେଷଥର ଚଳିତବର୍ଷ ମାର୍ଚ୍ଚରେ ୱେଷ୍ଟଇଣ୍ଡିଜ ବିପକ୍ଷ ଏକ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ ଖେଳିଥିଲେ। ସେ ଶେଷଥର ପାଇଁ ଏକ ଅନ୍ତର୍ଜାତୀୟ ଦିନିକିଆ ବର୍ଷକ ପୂର୍ବେ ଖେଳିଥିଲେ।

# ଖେଳାଳିମାନେ ୬ ଦିନ ରୁମ୍‌ରେ ରହିବେ

ଦୁବାଇ, ୨୧।୮ (ପି.ଟି.)

### ଆଇପିଏଲ୍ କ୍ୱାରାଣ୍ଟାଇନ୍

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ପାଇଁ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ପହଞ୍ଚିବା ପରେ ଖେଳାଳିମାନଙ୍କୁ ୬ଦିନ ପର୍ଯ୍ୟନ୍ତ ହୋଟେଲ ରୁମ୍‌ରେ ସୀମିତ ରହିବାକୁ ପଡ଼ିବ। ପ୍ରଥମ ଦିବସରେ ଖେଳାଳିମାନେ ଟ୍ରେନରଙ୍କ ଫିଟ୍‌ନେସ୍ ପ୍ଲାନ୍ କାର୍ଯ୍ୟକାରୀ କରିବା ପରେ ବାଲ୍‌କୋନୀରେ ପରସ୍ପର ସହିତ କଥାବାର୍ତ୍ତା ହୋଇଥିଲେ। ରାଜସ୍ଥାନ ରୟାଲ୍ସ ଓ କିଙ୍ଗ୍ସ ଇଲେଭେନ ପଞ୍ଜାବ ଖେଳାଳିମାନେ ଗୁରୁବାର ଦୁବାଇରେ ପହଞ୍ଚିଥିବାବେଳେ କୋଲକାତା ନାଇଟ୍ ରାଇଡର୍ସ ରାତିରେ ଆବୁଧାବିରେ ଓହ୍ଲାଇଥିଲା। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସଓପି) ଅନୁସାରେ ରୟାଲ୍ସ ଦଳ ପ୍ରଥମ ଦିବସରେ ବିମାନ ବନ୍ଦରଠାରେ କୋଭିଡ୍-୧୯ ଟେଷ୍ଟ କରିଛି। କିଙ୍ଗ୍ସ ଇଲେଭେନ ପଞ୍ଜାବ ଖେଳାଳିମାନଙ୍କର ଶୁକ୍ରବାର ଆଉ ଥରେ ଟେଷ୍ଟ ହୋଇଛି। ବିସିସିଆଇର ଏସ୍‌ଓପି ୧ମ, ୩ୟ ଓ ୬ଷ୍ଠ ଦିବସରେ ଟେଷ୍ଟିଂ ପରେ ଯାଇ ଟିମ୍‌ଗୁଡ଼ିକ ସେମାନଙ୍କ ଟ୍ରେନିଂ ଆରମ୍ଭ କରିପାରିବେ। ଆଇପିଏଲ୍ ସେପ୍ଟେମ୍ବର ୧୯ରୁ ଆରମ୍ଭ ହେବ। ୬ଦିନ ଆଇସୋଲେଶନ ପରିୟଡ୍‌ରେ ରୁମ୍ ବାହାରକୁ ଆସିବା ବାରଣଥିବାରୁ ଖେଳାଳିମାନେ ପରସ୍ପର ସହିତ କଥା ହେବା ଲାଗି ସେମାନଙ୍କ ପାଇଁ ଉଦ୍ଦିଷ୍ଟ ବାଲ୍‌କୋନୀର ପୂରା ଉପଯୋଗ କରିବେ। କିନ୍ତୁ ସେମାନଙ୍କୁ ସମସ୍ତ ସୋସିଆଲ ଡିଷ୍ଟାନ୍ସ ଗାଇଡ୍‌ଲାଇନ୍ ମାନି ଚଳିବାକୁ ହେବ। ରୟାଲ୍ସ ଦଳ ଏହାର ଆଉଟ୍‌ଡୋର୍ ଏରିଆ ଚିହ୍ନଟ କରିଛି। ତେବେ ପାଖ ରୁମ୍‌ରେ ରହିଥିବା ସାଥୀ ଖେଳାଳି ଯଦି ବାହାରକୁ ବାହାରିଥିବେ ଜଣେ ଖେଳାଳି ଏହାକୁ ବ୍ୟବହାର କରିପାରିବ ନାହିଁ। ଆଉଟ୍‌ଡୋର ଏରିଆକୁ ଖେଳାଳିମାନେ ପାଳି କରି ବ୍ୟବହାର କରିପାରିବେ। କିଙ୍ଗ୍ସ ଇଲେଭେନ ଖେଳାଳିମାନେ ବାଲ୍‌କୋନୀର ସହାୟତା ନେଇ ସେମାନଙ୍କ ନିକଟ ପଡୋଶୀଙ୍କ ସହିତ କଥାବାର୍ତ୍ତା ହୋଇ ପାରିବେ। ଦୁବାଇରେ ତାଙ୍କ ପ୍ରଥମ ସକାଳ ଶୀର୍ଷକ ଏକ ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି ରୟାଲ୍ସ ପେସ୍ ବୋଲର ଜୟଦେବ ଉନାଡ୍‌କଟ୍। ଫିଟ୍‌ନେସ୍ ପାଇଁ ନିଜରୁମ୍‌ରେ ଏୟାର ସାଇକେଲ ସହିତ ଏବଂ ଆଉଟଡୋର୍ ଏରିଆରେ ତାଙ୍କ ଯୋଗ ସେସନର ଦୃଶ୍ୟ ଏଥିରେ ଦେଖିବାକୁ ମିଳିଛି।

# ହକି ଇଣ୍ଡିଆ ହାଇ ପରଫର୍ମାନ୍ସ ଡାଇରେକ୍ଟରଙ୍କ ଇସ୍ତଫା

ନୂଆଦିଲ୍ଲୀ,୨୧।୮(ପି.ଟି.)


ଡେଭିଡ୍ ଜନ୍

ହକି ଇଣ୍ଡିଆ (ଏଚ୍‌ଆଇ) ହାଇ ପରଫର୍ମାନ୍ସ ଡାଇରେକ୍ଟର ଡେଭିଡ୍ ଜନ୍ ତାଙ୍କ ପଦରୁ ଇସ୍ତଫା ଦେବାକୁ ନିଷ୍ପତ୍ତି ନେଇଛନ୍ତି। ବ୍ୟକ୍ତିଗତ ଓ ସ୍ୱାସ୍ଥ୍ୟଗତ କାରଣରୁ ସେ ପଦ ଛାଡିଛନ୍ତି ଓ ସେ ଅଷ୍ଟ୍ରେଲିଆ ପ୍ରତ୍ୟାବର୍ତ୍ତନ କରିବାକୁ ମନସ୍ଥ କରିଛନ୍ତି ବୋଲି କୁହାଯାଇଛି। କ୍ରୀଡ଼ା ମନ୍ତ୍ରଣାଳୟ ଓ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ତାଙ୍କ ଚୁକ୍ତିର ନବୀକରଣ କରିଥିଲା। ୨୦୨୧ ସେପ୍ଟେମ୍ବର ପର୍ଯ୍ୟନ୍ତ ତାଙ୍କ ଚୁକ୍ତି ବଳବତ୍ତର ରହିଥାନ୍ତା। ତେବେ ଏହା ସତ୍ତ୍ୱେ ସେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ସମସ୍ତଙ୍କୁ ଚକିତ କରିଛନ୍ତି। ସେ ତାଙ୍କ ଇସ୍ତଫା ପତ୍ର ହକି ଇଣ୍ଡିଆ ଓ ସାଇକୁ ପଠାଇ ଦେଇଛନ୍ତି। ଅବଶ୍ୟ ହକି ଇଣ୍ଡିଆ ମିଡିଆ ବିଭାଗ ଏ ନେଇ କିଛି କହିବାକୁ ମନା କରିଦେଇଛି। ତେବେ ଫେଡେରେଶନ ତାଙ୍କ ଇସ୍ତଫା ପତ୍ର ଗ୍ରହଣ କରିଛି ବୋଲି କୁହାଯାଇଛି। ଫେଡେରେଶନ ମଧ୍ୟରେ ଜନ୍ ନିଜକୁ ଏକୁଟିଆ ତଥା ଅବହେଳିତ ମନେକରୁଥିଲେ। ପ୍ରତ୍ୟେକ ଟୁର୍ନାମେଣ୍ଟ ପୂର୍ବରୁ ନିଷ୍ପତ୍ତି ନେବା ପ୍ରକ୍ରିୟାରେ ଗଠନ କରାଯାଉଥିବା ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ତାଙ୍କୁ ସାମିଲ କରାଯାଉ ନ ଥିଲା ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି। ଜନ୍‌ଙ୍କୁ ବାଦ୍ ଦେଲେ ସମସ୍ତେ ଏହି ଗ୍ରୁପ୍‌ରେ ସାମିଲ ହେଉଥିଲେ। ତେବେ ସେ ହାଇ ପରଫର୍ମାନ୍ସ ଡାଇରେକ୍ଟର ହିସାବରେ ସାଇ କାର୍ଯ୍ୟାଳୟରେ ଆୟୋଜିତ ହେଉଥିବା ବୈଠକରେ ଉପସ୍ଥିତ ରହୁଥିଲେ। କୋଭିଡ୍-୧୯ ମହାମାରୀ କାରଣରୁ ହକି ଖେଳିଯିବା ବନ୍ଦ ହୋଇଯିବା କାରଣରୁ ବୋଧ ହୁଏ ସେ ଏହି ନିଷ୍ପତ୍ତି ନେଇଛନ୍ତି। ୨୦୨୧ ମାର୍ଚ୍ଚ ପର୍ଯ୍ୟନ୍ତ ଭାରତୀୟ ପୁରୁଷ ଦଳ କୌଣସି ହକି ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ନାହିଁ। ଏହି ସମୟରେ ଏସିଆନ ଚାମ୍ପିୟନ୍ସ ଟ୍ରଫିର କାର୍ଯ୍ୟସୂଚୀ ପୁନଃନିର୍ଦ୍ଧାରିତ କରାଯିବ। ୨୦୧୬ ଅନ୍ତିମ ଭାବେ ଜନ୍ ହାଇ ପରଫର୍ମାନ୍ସ ଡାଇରେକ୍ଟର ଭାବେ ନିଯୁକ୍ତି ପାଇଥିଲେ।

# ଆଇପିଏଲ୍ 'ନେଟ୍ ବୋଲର' ତାଲିକାରେ ସଙ୍ଗୱାନ, ସୁୟଲ

ନୂଆଦିଲ୍ଲୀ, ୨୧।୮(ପି.ଟି.): ଠିକ୍ ୧୩ବର୍ଷ ପୂର୍ବେ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଏବଂ ଆଇପିଏଲ୍‌ର ପ୍ରଥମ ସଂସ୍କରଣରେ ପ୍ରଭାବୀ ସୁଇଂ ବୋଲିଂ କରିଥିବା ପ୍ରଦୀପ ସାଙ୍ଗୱାନ ସଂଯୁକ୍ତ ଏମିରେଟ୍ସ(ୟୁଏଇ) ଯିବେ। ଜଣେ ଖେଳାଳି ହିସାବରେ ନୁହେଁ ଦିଲ୍ଲୀ କ୍ୟାପିଟାଲ୍ସ ଟିମ୍‌ର ଜଣେ 'ନେଟ୍ ବୋଲର' ଭାବେ। ତାଙ୍କ ସହିତ ଅନ୍ୟ ୫ଜଣ ମଧ୍ୟ ଯିବେ। ସଙ୍ଗୱାନ ଅତୀତରେ ଦିଲ୍ଲୀ ଡେୟାର ଡେଭିଲ୍ସ, ମୁମ୍ବାଇ ଇଣ୍ଡିଆନ୍ସ, ଗୁଜରାଟ ଲାୟନ୍ସ ଏବଂ କୋଲକାତା ନାଇଟ୍ ରାଇଡର୍ସ ଦଳ ତରଫରୁ ଖେଳିଛନ୍ତି। ମୁମ୍ବାଇ ଇଣ୍ଡିଆନ୍ସ ଦଳ ତରଫରୁ ଖେଳିଥିବା ଅନ୍ୟ ଜଣେ ବାମହାତୀ ସିମ୍ ବୋଲର ପୱନ ସୁୟଲ ନେଟ୍ ବୋଲର ତାଲିକାରେ ସ୍ଥାନ ପାଇଛନ୍ତି। ଦିଲ୍ଲୀ ଅଲରାଉଣ୍ଡର ପ୍ରାନ୍‌ଶୁ ବିଜୟାରନ, ରେଲ୍‌ୱେର ବାମହାତୀ ସ୍ପିନର ହର୍ଷ ତ୍ୟାଗୀ, ବାମହାତୀ ରିଷ୍ଟ ସ୍ପିନର ରଜତ ଗୋଏଲ ଏବଂ ପେସ୍ ବୋଲର ବବି ଯାଦବ ପ୍ରମୁଖଙ୍କୁ ମଧ୍ୟ ତାଲିକାରେ ସ୍ଥାନ ମିଳିଛି।

## ୨ ବାଇକ୍ ଲୁଟେରା ଗିରଫ

ପାଟଣା,(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ଥାନା ପୋଲିସ ୨ବାଇକ୍ ଲୁଟେରାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ଖୁଣ୍ଟାପଶି ଗ୍ରାମର ଶାନ୍ତି ଜ୍ୟୋତି ସିଂ ଓ ଭୀମ ମାଝି। ଏନେଇ ପାଟଣା ଥାନାରେ ଦୁଇଟି ପୃଥକ ପୃଥକ ମାମଲା (୮୪/୨୦ ଓ ୧୦୮/୨୦) ରୁଜୁ ହୋଇଛି। ଲୁଟେରା ଦ୍ୱୟଙ୍କଠାରୁ ଦୁଇଟି ବାଇକ୍ ଜବତ କରାଯାଇଛି।

## ସଂକ୍ଷେପରେ

### ନଦୀରେ ଭାସି ଯୁବକ ନିଖୋଜ

**ଦୋବଲ/ଧାମନଗର, ୨୧।୮(ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ପାହାଡ଼ପୁର ଗ୍ରାମର ତପନ ପରିଡ଼ା(୨୩) ବୈତରଣୀ ଶାଖା ଗେଙ୍ଗୁଟି ନଦୀରେ ଭାସି ନିଖୋଜ ହୋଇଛନ୍ତି। ଶୁକ୍ରବାର ତପନ ସାଙ୍ଗମାନଙ୍କ ସହିତ ଗାଧୋଇବା ପାଇଁ ଯାଇଥିବାବେଳେ ନିଖୋଜ ହୋଇଯାଇଥିଲେ। ଖବରପାଇ ପୋଲିସ ଓ ଦମକଳବାହିନୀ ପହଞ୍ଚି ଖୋଜାଖୋଜି କରିଥିଲେ ମଧ ଖବର ଲେଖା ପର୍ଯ୍ୟନ୍ତ ତପନଙ୍କର ପତ୍ତା ମିଳି ପାରିନାହିଁ।

### କରୋନା ଆକ୍ରାନ୍ତଙ୍କ ମୃତ୍ୟୁକୁ ନେଇ ଚର୍ଚ୍ଚା

**ବାହାନଗା,୨୧।୮(ଡି.ଏନ୍.ଏ.):** ବାଲେଶ୍ୱର ଜିଲା ବାହାନଗା ବ୍ଲକ ଅଧୀନ ଅଞ୍ଜି ପଞ୍ଚାୟତର କରୋନାରେ ଆକ୍ରାନ୍ତ ଜଣେ ୫୫ ବର୍ଷୀୟ ବ୍ୟକ୍ତିଙ୍କର ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ ଜ୍ୱର ନ ଛାଡ଼ିବାରୁ ୫ ଦିନ ତଳେ ସମ୍ପୃକ୍ତ ବ୍ୟକ୍ତି ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଯାଇଥିଲେ। ସେଠାରେ ତାଙ୍କର ସ୍ୱାବ୍ ପରୀକ୍ଷାରୁ ପଜିଟିଭ୍ ବାହାରି ଥିଲା। ଏହାପରେ ତାଙ୍କୁ ବାଲେଶ୍ୱର ସ୍ଥିତ ଜ୍ୟୋତି କୋଭିଡ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ଶୁକ୍ରବାର ତାଙ୍କର ମୃତ୍ୟୁ ହୋଇଥିବା ନେଇ ସ୍ଥାନୀୟ ସରପଞ୍ଚ ତପନ ରାଉତ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ତେବେ ପରିବାର ଲୋକେ ମୃତଦେହକୁ ଗାଁକୁ ନ ଆଣି ବାଲେଶ୍ୱର ଠାରେ ପ୍ରଶାସନ ସହାୟତାରେ ସତ୍କାର କରିଥିବା ଜଣାପଡିଛି।

### ପ୍ରତାରଣା କରି ଯୁବକ ଗିରଫ

**ଢେଙ୍କିକୋଟ, ୨୧।୮(ଡି.ଏନ.ଏ.):** କେନ୍ଦୁଝର ଜିଲା ଢେଙ୍କିକୋଟ ଫାଣ୍ଡି ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା କରାଯାଇଛି। ଏନେଇ ଯୁବତୀଜଣକ ଘଟଗାଁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୧୦୦/୨୦ ) ରୁଜୁ କରିଛି। ଏସ୍‌ଡିପିଓ ବିଜୟ ମଲ୍ଲିକ ଘଟଣାର ତଦନ୍ତ କରି ଖୁଣ୍ଟାପଡା ଅଞ୍ଚଳରୁ ଯୁବକ ମୁନା ନାଏକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି।

### ଅଜଣା ମୃତଦେହ ଉଦ୍ଧାର

**ବାଲିଆପାଳ, ୨୧।୮(ସ୍ୱ.ପ୍ର.):** ବାଲେଶ୍ୱର ଜିଲା ବାଲିଆପାଳ ଥାନା ଜମ୍ବିରାଇ ପଞ୍ଚାୟତର କାଞ୍ଚନଖୋଲିଆ ଗ୍ରାମର ସମୁଦ୍ରକୂଳରେ ଥିବା ନାଳରୁ ଶୁକ୍ରବାର ବଡ଼ାଶ ଫାଣ୍ଡି ପୋଲିସ ଏକ ଅଜଣା ମୃତଦେହ ଉଦ୍ଧାର କରିଛି। ମୃତଦେହ ସମ୍ପୂର୍ଣ୍ଣ ଫୁଲି ଯାଇଥିବାରୁ ଚିହ୍ନଟ କରିବାରେ ଅସୁବିଧା ହେଉଛି।

### କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**ବାହାନଗା, ୨୧।୮(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତର ଥିବା ଆଞ୍ଜେଲ୍ ଟ୍ୟୁଟୋରିଆଲ ତରଫରୁ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଟ୍ୟୁଟୋରିଆଲରେ ଚଳିତବର୍ଷ ୯୫ଜଣ ଯୁକ୍ତ ୨ବିଜ୍ଞାନ ପରୀକ୍ଷା ଦେଇଥିଲେ। ତେବେ ପରୀକ୍ଷାରେ ସମସ୍ତ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ୪୨ଜଣ ପ୍ରଥମ ଶ୍ରେଣୀ, ୩୮ଜଣ ଦ୍ୱିତୀୟ ଶ୍ରେଣୀ ଓ ୧୫ଜଣ ତୃତୀୟ ଶ୍ରେଣୀରେ କୃତକାର୍ଯ୍ୟ ହୋଇଛନ୍ତି। ତେବେ କୃତିତ୍ୱଲାଭ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଟ୍ୟୁଟୋରିଆଲର ଚେୟାରମ୍ୟାନ ଶ୍ୟାମବନ୍ଧୁ ପଣ୍ଡା ସମ୍ବର୍ଦ୍ଧିତ କରିଥିଲେ।

# ଫୁଲୁଛି ସାଳନ୍ଦୀ, ରେବ, କପାଳୀ, ଗେଙ୍ଗୁଟି

**ଭଦ୍ରକ ଅଫିସ, ୨୧।୮**

ଲଗାଣ ବର୍ଷା ଯୋଗୁ ଭଦ୍ରକ ଜିଲା ଦେଇ ପ୍ରବାହିତ ନଦୀଗୁଡିକ ଫୁଲିବାରେ ଲାଗିଛି। କେଉଁଠି ରାସ୍ତା ଉପରେ ପାଣି ଚାଲିଛି ତ କେଉଁଠି ଘର ଭୁଶୁଡ଼ି ପଡିଛି। କେତେକ ବ୍ଲକରେ ହଜାର ହଜାର ହେକ୍ଟର ଚାଷ ଜମି ପାଣିରେ ବୁଡ଼ିଛି। ବୈତରଣୀ ନଦୀ ସହ ଜିଲାର ସାଳନ୍ଦୀ, ରେବ, କପାଳୀ ଓ ଗେଙ୍ଗୁଟି ନଦୀରେ ଜଳସ୍ତର ବଢ଼ିବାରେ ଲାଗିଛି। ଧାମନଗର ବ୍ଲକର ଧାମନଗର-ଫଳପୁର ରାସ୍ତାର ଘୋଷରା ନିକଟରେ ରାସ୍ତା ଉପରେ ୪ଫୁଟର ଜଳ ପ୍ରବାହିତ ହେଉଛି। ଭଦ୍ରକ, ଧାମନଗର, ଭଣ୍ଡାରିପୋଖରୀ, ତିହିଡ଼ି, ଚାନ୍ଦବାଲି ବ୍ଲକର ବିଭିନ୍ନ ଅଞ୍ଚଳରେ ବର୍ଷା ପାଇଁ ହଜାର ହଜାର ହେକ୍ଟର ଚାଷଜମି ପାଣିରେ ବୁଡିରହିଛି। ଭଣ୍ଡାରିପୋଖରୀ ଛତାବର ରାମଚନ୍ଦ୍ରପୁର ପଞ୍ଚାୟତରେ ବର୍ଷା ଜଳ ଜମି ରହିବା ଯୋଗୁ ଲୋକଙ୍କ ଘର ଓ ରାସ୍ତା ଉପରେ ବର୍ଷା ଜଳ ଲହଡି ମାରୁଛି।

ଧାମନଗର ବ୍ଲକର ରାମେଶ୍ୱରପୁର ନିକଟ ଗେଙ୍ଗୁଟି ନଦୀରେ ହୋଇଥିବା ବନ୍ଧ ଧସିଯାଇଥିବା ପଥର ପ୍ୟାକିଂ ନିକଟରେ ପୁଣି ଫାଟ ସୃଷ୍ଟି ହୋଇଛି। ଜିଲାରେ ଗୁରୁବାର ୫୯୭.୩ ମି.ମି. ବର୍ଷା ରେକର୍ଡ ହୋଇଥିବା ବେଳେ ୭ ବ୍ଲକରେ ହାରାହାରି ୮୫.୩୨ ମି.ମି. ବର୍ଷା ହୋଇଛି। ଭଦ୍ରକ ବ୍ଲକରେ


ଧାମନଗର-ଫଳପୁର ରାସ୍ତାର ଘୋଷରା ନିକଟରେ ବନ୍ୟା ଜଳ ପ୍ରବାହିତ।

୫୨ ମି.ମି., ଭଣ୍ଡାରିପୋଖରୀରେ ୧୭୮ ମି.ମି., ବାସୁଦେବପୁରରେ ୪୧ ମି.ମି., ବନ୍ତ ବ୍ଲକରେ ୮୦ ମି.ମି., ଚାନ୍ଦବାଲିରେ ୮୯.୩ ମି.ମି., ଧାମନଗର ବ୍ଲକରେ ୮୩ ମି.ମି., ତିହିଡ଼ିରେ ୭୪ ମି.ମି. ବର୍ଷା ରେକର୍ଡ଼ ହୋଇଥିବା ଜିଲା ପ୍ରଶାସନ ତରଫରୁ ସୂଚନା ମିଳିଛି। ଲଗାଣ ବର୍ଷା ପରେ ଜିଲାପାଳ ଡ. ଜ୍ଞାନରଞ୍ଜନ ଦାସ, ଧାମନଗର ବିଧାୟକ ବିଷ୍ଣୁ ସେଠୀ ବିଭିନ୍ନ ଅଞ୍ଚଳ ବୁଲି ସ୍ଥିତି ପରଖିଛନ୍ତି। ଭଣ୍ଡାରିପୋଖରୀ ବ୍ଲକର ଜଗନ୍ନାଥପ୍ରସାଦଠାରେ ବର୍ଷା ଯୋଗୁ ଗୋରୁ ଗୁହାଳ ଭାଙ୍ଗିବା ଯୋଗୁ ୫ ଗୋରୁ ଆହତ ହୋଇଛନ୍ତି। ଧାମନଗର ଅଗ୍ନିଶମ ବିଭାଗ ଉଦ୍ଧାର କାର୍ଯ୍ୟରେ ଲାଗିଛି। କଣ୍ଟିଘାଇ ଏସ୍‌କେପ୍‌ରୁ ପାଣି ବାହାରି ଚାଷ ଜମିରେ ମାଡୁଥିବା ଜଣାପଡ଼ିଛି। ଏଥିପ୍ରତି ପ୍ରଶାସନ ସତର୍କ ଥିବା ଜିଲାପାଳ କହିଛନ୍ତି। ଯଦି ବନ୍ୟା ପରିସ୍ଥିତି ଉପୁଜେ ସେଥିପାଇଁ ଭଣ୍ଡାରିପୋଖରୀ ଓ ଧାମନଗର ଏହି ଦୁଇଟି ବ୍ଲକ ପାଇଁ ପ୍ରକଳ୍ପ ନିର୍ଦ୍ଦେଶକ (ଡିଆର୍‌ଡିଏ ) ଓ ଉପଜିଲାପାଳଙ୍କୁ ସ୍ୱତନ୍ତ୍ର ଭାବେ ଦାୟିତ୍ୱ ଦିଆଯାଇଛି।

## ବିପଦସଂକେତ ଟପିଲା ବୈତରଣୀ

**ଭଣ୍ଡାରିପୋଖରୀ, ୨୧।୮(ଡି.ଏନ.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଆଖୁଆପଦାଠାରେ ବୈତରଣୀ ନଦୀର ଜଳସ୍ତର ବୃଦ୍ଧି ପାଇ ଶୁକ୍ରବାର ସକାଳ ୭ଟାରେ ବିପଦସଂକେତ ଅତିକ୍ରମ କରିଛି। ଆଖୁଆପଦା ଆନିକଟଠାରେ ବିପଦସଂକେତ ୧୭.୮୩ ମିଟର ରହିଥିବା ବେଳେ ସନ୍ଧ୍ୟା ୬ଟାରେ ବନ୍ୟାଜଳ ବିପଦସଙ୍କେତ ଉପରେ ଅର୍ଥାତ ୧୭.୯୯ ମିଟରରେ ପ୍ରବାହିତ ହେଉଛି। ଗତ ୨୪ଘଣ୍ଟା ମଧ୍ୟରେ ବୈତରଣୀ ନଦୀ ଉପରମୁଣ୍ଡରେ ହୋଇଥିବା ବର୍ଷା ରେକର୍ଡ ଅନୁଯାୟୀ ଆଖୁଆପଦା ୮.୪ ମି.ମି. , ଆନନ୍ଦପୁର ୧.୪ ମି.ମି., ସୋମପାଟଣା ୧୧.୮ ମି.ମି. , ଠାକୁରପାଟଣା ୭.୦ ମି.ମି. , କେଉଁଝର ୧୮.୮ ମି.ମି., ଚମ୍ପୁଆ ୪୦.୬ ମି.ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ତେବେ ଏହି ବନ୍ୟା ଜଳ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ବ୍ଲକର କଣ୍ଟି ଏସକେପ୍‌ରେ ସାମାନ୍ୟ ଭାବେ ପ୍ରବାହିତ ଆରମ୍ଭ ହୋଇଛି। ଏହି ବନ୍ୟା ଜଳ ବୃଦ୍ଧି ପାଇ ୧୮.୧୦ ମିଟର ଭିତରେ ରହିବ ବୋଲି ଆଖୁଆପଦା ଜଳ ସମ୍ପଦ ବିଭାଗ କନିଷ୍ଠଯନ୍ତ୍ରୀ ସୁଶାନ୍ତ ଦାସ ସୂଚନା ଦେଇଛନ୍ତି।

## ଜଳକାରେ ୨୦ ଫୁଟର ଘାଇ



## ସାନଭାଇ ଛୁରାମାଡ଼ରେ ବଡ଼ଭାଇଙ୍କ ମୃତ୍ୟୁ

**ଔପଦା, ୨୧।୮(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଔପଦା ବ୍ଲକ ଫତେଇପୁର ପଞ୍ଚାୟତ ଅଧୀନ ଲୁଣିପଦା ଗ୍ରାମରେ ଘଟିଛି ଏକ ଅଭାବନୀୟ ଘଟଣା। ସାନଭାଇ ବିଶ୍ୱନାଥ ମାଝିଙ୍କ ଛୁରାମାଡ଼ରେ ବଡ଼ଭାଇ ଜଗବନ୍ଧୁଙ୍କ ମୃତ୍ୟୁ ହୋଇଛି। ଗତ ୧୭ତାରିଖରେ ଲୁଣିପଦା ଗ୍ରାମର କାଶୀନାଥ ମାଝିଙ୍କ ଦୁଇପୁଅଙ୍କ ମଧ୍ୟରେ ବିଦ୍ୟୁତ୍ ବିଲ୍‌କୁ ନେଇ ଝଗଡ଼ା ହୋଇଥିଲା। ଏଥିରେ ସାନଭାଇ ଉତ୍‌କ୍ଷିପ୍ତ ହୋଇ ଏକ ଛୁରି ବଡ଼ଭାଇ ଜଗବନ୍ଧୁଙ୍କ ପେଟରେ ଭୁଷି ଦେଇଥିଲେ। ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ଖଇରା ମେଡ଼ିକାଲକୁ ନେଇଯାଇଥିଲେ। ପରେ ତାଙ୍କର ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ମେଡ଼ିକାଲକୁ ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ତାଙ୍କର ମୃତ୍ୟୁ ହୋଇଛି। ମୃତ୍ୟୁ ଖବର ପାଇ ତାଙ୍କର ସ୍ତ୍ରୀ ଔପଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଔପଦା ଥାନା ଆଇଆଇସି ସୁଜାତା ଖମାରୀ ବିଶ୍ୱନାଥଙ୍କୁ ଗିରଫ କରିଥିବା ବେଳେ ଶନିବାର କୋର୍ଟଚାଲାଣ କରାଯିବ ବୋଲି ସୂଚନା ଦେଇଛନ୍ତି।

# ଜୁଆଙ୍ଗଙ୍କ ଆବାସ ଟଙ୍କା ହଡ଼ପ

## ବସ୍ତିରେ ପହଞ୍ଚିଲା ଭାଜପା ଟିମ୍

**କେନ୍ଦୁଝର,୨୧।୮(ସ୍ୱ.ପ୍ର.)**

କେନ୍ଦୁଝର ଜିଲାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହୋଇଥିବା ଅନିୟମିତତାର ସତ୍ୟତା ଜାଣିବାକୁ ରାଜ୍ୟ ଭାଜପାର ଏକ ଟିମ୍ ଶୁକ୍ରବାର ଜିଲା ଗସ୍ତ କରି ଫେରିଛନ୍ତି। ଭାଜପାର ପ୍ରବକ୍ତା ସତ୍ୟବ୍ରତ ପଣ୍ଡାଙ୍କ ନେତୃତ୍ୱରେ ଆସିଥିବା ଟିମ୍‌ରେ ଠାକୁର ରଞ୍ଜିତ ଦାସ, ସୋନାଲି ସାହୁ ସାମିଲ ହୋଇ ପିଠଗୋଲା ପଞ୍ଚାୟତର ଦୁର୍ଗମ ଖରବା ଜୁଆଙ୍ଗ ଗ୍ରାମ ପରିଦର୍ଶନ କରି ଘର ଘର ବୁଲି ଲୋକଙ୍କଠାରୁ ପଚାରି ବୁଝିଥିଲେ। ଘର ନ କରି ଟଙ୍କା ହଡ଼ପ ହୋଇଥିବା ଏପରିକି ଲୋକଙ୍କ ଅଜାଣତରେ ଟଙ୍କା ଉଠାଯାଇଛି ବୋଲି ଭାଜପା ନେତ୍ରୀ ସାହୁ କହିଛନ୍ତି। ଏଥିରେ ଲକ୍ଷ ଲକ୍ଷ ଟଙ୍କାର ଅନିୟମିତତା ହୋଇଥିବା ବେଳେ ଚେର ବହୁ ଉପରକୁ ଲମ୍ବିଛି। ଗରିବ ଲୋକଙ୍କଠାରୁ ଠକି ଘର ନିର୍ମାଣ ନ କରି ଟଙ୍କା ନେଇଯାଇଛନ୍ତି। କୋଟି କୋଟି ଟଙ୍କାର ଘୋଟାଲା ହୋଇଛି। ଏଣୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆନ୍ଦୋଳନ ହେବ ବୋଲି ଉପସ୍ଥିତ ଥିବା ରାଷ୍ଟ୍ରୀୟ ଉପାଧକ୍ଷ କୃଷକ ମୋର୍ଚ୍ଚା ମହେଶ୍ୱର ସାହୁ କହିଛନ୍ତି। ଅସମ୍ପୂର୍ଣ୍ଣ ଘରକୁ ନେଇ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଘର ଅଭାବରୁ ଗରିବ ଜୁଆଙ୍ଗ ଲୋକେ ଭଙ୍ଗା ଦଦରା ଘରେ ରହୁଛନ୍ତି। ତେବେ ସେମାନଙ୍କ ଘର ନିର୍ମାଣ ଶେଷ ନ ହୋଇ କିପରି ବିଲ ପୈଠ ହେଲା ସେ ନେଇ ସ୍ଥାନୀୟ ବ୍ଲକ ଓ ପଞ୍ଚାୟତର ଭୂମିକା ସନ୍ଦେହଜନକ ବୋଲି ପୂର୍ବତନ ଜିଲା ସଭାପତି ରାଧାକାନ୍ତ ମହାନ୍ତ କହିଛନ୍ତି। ଏହି ଅନିୟମିତତାର କ୍ରାଇମବ୍ରାଞ୍ଚ ତଦନ୍ତ କରାଗଲେ ବହୁ ତଥ୍ୟ ପଦାକୁ ଆସିପାରିବ ବୋଲି ଭାଜପା ନେତାମାନେ କହିଛନ୍ତି।

# ଜିଲାପାଳଙ୍କଠାରେ ଅଭିଯୋଗ କଲେ ଖଣି ଅଞ୍ଚଳବାସୀ

**ବାରିପଦା ଅଫିସ,୨୧।୮**

ମୟୂରଭଞ୍ଜ ଜିଲା ଗୋରୁମହିଷାଣି ବିକାଶ ପରିଷଦ ପକ୍ଷରୁ ଶିଳ୍ପ କ୍ଷେତ୍ରରେ ଅଞ୍ଚଳବାସୀଙ୍କୁ ଥଇଥାନ କରିବା ପାଇଁ ଜିଲାପାଳଙ୍କ ପ୍ରକୋଷ୍ଠରେ ଶୁକ୍ରବାର ଅଭିଯୋଗ କରାଯାଇଛି। ବିକାଶ ପରିଷଦର ଆବାହକ ଲକ୍ଷ୍ମଣ ଗୁଡ୍ଡୁଙ୍କ ନେତୃତ୍ୱରେ ଅଞ୍ଚଳର ମହିଳା ପୁରୁଷମାନେ ଏକତ୍ରିତ ହୋଇ ବିଭିନ୍ନ ଦାବି ପୂରଣ ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ ଓ ରାସ୍ତାଘାଟର ଉନ୍ନତୀକରଣ କରିବା ସହ ୩୧ମାର୍ଚ୍ଚ ୨୦୨୦ପୂର୍ବରୁ ଘନଶ୍ୟାମ ମିଶ୍ର ଖଣିରେ ନିଯୁକ୍ତ ଥିବା ସମସ୍ତ ଶ୍ରମିକଙ୍କୁ ପୁନଃ ନିଯୁକ୍ତି, ନିଯୁକ୍ତି କ୍ଷେତ୍ରରେ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ୮୦ପ୍ରତିଶତ ଜନସାଧାରଣଙ୍କୁ ସୁଯୋଗ ଦେବା ଆଦି ଦାବି ପତ୍ରରେ ଉଲ୍ଲେଖ ରହିଛି। ଅନ୍ୟମାନଙ୍କ ମଧ୍ୟରେ ତୁଷାରକାନ୍ତ ମହାନ୍ତ, ପରିକ୍ଷୀତ ବେହେରା, ରାଇସନ ମାଝି, ସାମାୟ ଗୁଡ୍ଡୁ ଓ ଲକ୍ଷ୍ମୀ ଗୁଡ୍ଡୁ ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟ ରାଜପଥ ସମସ୍ୟା ନେଇ କେନ୍ଦ୍ର ପରିବହନ ମନ୍ତ୍ରୀଙ୍କୁ ଚିଠି

**ବାଲେଶ୍ୱର ଅଫିସ,୨୧।୮**

ଜାତୀୟ ରାଜପଥରେ ଉପୁଜୁଥିବା ସମସ୍ୟା ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବିଭାଗୀୟ କେନ୍ଦ୍ରମନ୍ତ୍ରୀ ନୀତୀନ ଗଡ଼କରିଙ୍କ ସହିତ ବିସ୍ତାରିତ ଆଲୋଚନା କରିଛନ୍ତି। ଭଦ୍ରକ-ବାଲେଶ୍ୱର ସେକ୍ସନରେ ଅନେକ ବାଇପାସ୍ ରୋଡ଼ ଓ ଡ୍ରେନେଜ ସମସ୍ୟା ରହିଛି। ବାଲେଶ୍ୱର-ବାରିପଦା-ଝାରପୋଖରିଆ ସେକ୍ସନ ଓ ବାଲେଶ୍ୱର-ଖଡ଼ଗପୁର ସେକ୍ସନରେ ମଧ ଅନୁରୂପ ସମସ୍ୟା ରହିଛି। ଏହାର ସମାଧାନ ନିମନ୍ତେ କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ କେନ୍ଦ୍ରମନ୍ତ୍ରୀ ଗଡ଼କରିଙ୍କୁ ଚିଠି ଲେଖିଛନ୍ତି।

ଭଦ୍ରକ-ବାଲେଶ୍ୱର ସେକ୍ସନ ଖାନନଗର ଛକରେ ଅଣ୍ଡର ବାଇପାସ, ସେରଗଡ଼ ଛକରେ ନୀଳଗିରି ଆଡ଼କୁ ଆପ୍ରୋଚ ରୋଡ଼, ସେରଗଡ଼ ପୋଲିସ ଆଉଟପୋଷ୍ଟରେ ଅଣ୍ଡର ବାଇପାସ, ଖନ୍ତାପଡ଼ା ଗାର୍ଲସ ହାଇସ୍କୁଲ ଓ ମା' ଦାଣ୍ଡକାଳୀ ମଧ୍ୟରେ ଅଣ୍ଡର ବାଇପାସ୍ ଏବଂ ଖନ୍ତାପଡ଼ା ପୋଲିସ ଷ୍ଟେଶନ ଆଗରେ ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ଭଦ୍ରକ-ବାଲେଶ୍ୱର ଜିଲାରେ ଉପୁଜୁଥିବା ସମସ୍ୟା ସମ୍ପର୍କରେ କେନ୍ଦ୍ର ପରିବହନ ମନ୍ତ୍ରୀ ନୀତୀନ ଗଡ଼କରିଙ୍କୁ ଚିଠି ଲେଖି ଜଣାଇଛନ୍ତି। ତତ୍‌ସହିତ ବାଲେଶ୍ୱରରୁ ମୟୂରଭଞ୍ଜର ବେତନଟୀ ରାଜରାସ୍ତାରେ ଅନୁରୂପ ସମସ୍ୟା ବିଷୟରେ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ବିଜେଡି ଯୁବନେତାଙ୍କ ଇସ୍ତଫା

**ବାଲେଶ୍ୱର ଅଫିସ,୨୧।୮**

ବାଲେଶ୍ୱର ବିଜୁ ଜନତା ଦଳର ପୂର୍ବତନ ନଗର ସଭାପତି ତଥା ଜୀବନ ବିନ୍ଦୁ କାର୍ଯ୍ୟକ୍ରମର ଜିଲା ସଂଯୋଜକ ଆଶିଷ କୁମାର ଘୋଷ ଦଳରୁ ଇସ୍ତଫା ଦେଇଛନ୍ତି। ଶୁକ୍ରବାର ରାଣୀପାଟଣାଠାରେ ଏକ ଖବରଦାତା ସମ୍ମିଳନୀ ଡାକି ଦଳରୁ ସେ ଇସ୍ତଫା ଦେଇଥିବା କହିଥିଲେ। ୨୦୦୯ରେ ସେ ଦଳରେ ଯୋଗଦେଇଥିବା ବେଳେ ୨୦୧୨ରେ ନଗର ସଭାପତି ଓ ୨୦୧୫ରେ ଜୀବନବିନ୍ଦୁ କାର୍ଯ୍ୟକ୍ରମରେ ଜିଲା ସଂଯୋଜକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ତେବେ ତାଙ୍କର କାର୍ଯ୍ୟଦକ୍ଷତା ଉପରେ ରାଜ୍ୟ ନେତୃତ୍ୱ ଭରସା କରି ପୁଣି ଚଳିତମାସ ୭ ତାରିଖରେ ତାଙ୍କୁ ଜିଲା ସଂଯୋଜକ ଦାୟିତ୍ୱ ଦେଇଥିଲେ। ମାତ୍ର ଦିନକ ପରେ ପୁଣି କୌଣସି କାରଣ ନ ଜଣାଇ ତାଙ୍କୁ ଉକ୍ତ ପଦବୀରୁ ହଟାଇ ଅନ୍ୟ ଜଣଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଏହାକୁ ସେ ପ୍ରତିବାଦ କରିଥିଲେ। ୧୨ଦିନ ବିତିଯାଇଥିଲେ ମଧ ତାଙ୍କ ପ୍ରତିବାଦର କୌଣସି ଉତ୍ତର ନ ଆସିବାରୁ ସେ ଏଭଳି ନିଷ୍ପତ୍ତି ନେବାକୁ ବାଧ ହୋଇଥିବା କହିଛନ୍ତି।

## କାନ୍ଥ ପଡ଼ି ମହିଳା ମୃତ

**ବାରିପଦା ଅଫିସ/ କୁଳିଅଣା,୨୧।୮(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଧୀନ କୁଚେଇ ଗ୍ରାମରେ ଶୁକ୍ରବାର କାନ୍ଥପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାସନ୍ତୀ ମୁଖି(୫୦)। ଲଗାଣ ବର୍ଷା ଯୋଗୁ ମାଟି କାନ୍ଥ ପଡ଼ି ଯିବାରୁ ବାସନ୍ତୀ ଚାପି ହୋଇ ରହିଥିଲେ। ପଡ଼ିଶା ଲୋକେ ଶବ୍ଦ ଶୁଣି ଦମକଳ ବାହିନୀ ଓ ପୋଲିସକୁ ଜଣାଇଥିଲେ। ବାରିପଦାରୁ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ବାସନ୍ତୀଙ୍କୁ ଉଦ୍ଧାର କରିବା ବେଳକୁ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ କୁଳିଅଣା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩୭/୨୦)ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲକୁ ପଠାଇଛି ।

# ସ୍ୱଚ୍ଛ ସହର 'ଯୋଡ଼ା'

## ସର୍ବେକ୍ଷଣରେ ଦେଶରେ ୨୭ତମ ସ୍ଥାନ, ଓଡ଼ିଶାରେ ପ୍ରଥମ

**ଯୋଡ଼ା, ୨୧।୮(ଡି.ଏନ.ଏ.)**

ଭାରତ ସରକାରଙ୍କ ନଗର ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ ସ୍ୱଚ୍ଛ ସର୍ବେକ୍ଷଣ-୨୦୨୦ର ଫଳାଫଳ ଗୁରୁବାର ପ୍ରକାଶିତ ହୋଇଛି। ଏଥିରେ ଭାରତର ପୂର୍ବାଞ୍ଚଳ ଜୋନ୍ ଅନ୍ତର୍ଗତ ଯୋଡ଼ା ପୌରପରିଷଦ ୨୫ହଜାରରୁ ୫୦ହଜାର ଜନସଂଖ୍ୟା ବର୍ଗରେ ଭାରତବର୍ଷରେ ୨୭ତମ ସ୍ଥାନ ଅଧିକାର କରିବା ସହିତ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି।

ସୂଚନାନୁଯାୟୀ, ସ୍ୱଚ୍ଛତାର ବିଭିନ୍ନ ମାନଦଣ୍ଡ ତଥା ସେହି ସହରାଞ୍ଚଳର ଜନସାଧାରଣଙ୍କ ମତାମତ ଉପରେ ସର୍ବେକ୍ଷଣ କରାଯାଇଥିଲା। ଏନେଇ ଯୋଡ଼ା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଢୟୋଶୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ଓଡ଼ିଶାର ଗୃହ ନିର୍ମାଣ ଓ ପୌର ଉନ୍ନୟନ ବିଭାଗ, ଓଡ଼ିଶା ସରକାର, କେନ୍ଦୁଝର ଜିଲାପାଳ ଆଶିଷ ଠାକ୍‌ରେ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁ ତଥା ପୌରପରିଷଦର ଅଧକ୍ଷ ତଥା ଚମ୍ପୁଆ ଉପଜିଲାପାଳ ପ୍ରତାପ ପ୍ରିତିମୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ଜନସାଧାରଣଙ୍କ ସାହାଯ୍ୟ ସହଯୋଗରେ ଯୋଡ଼ା ସହର ଏହି ସ୍ଥାନ ଅଧିକାର କରିପାରିଛି। ଯୋଡ଼ା ସହରରେ ପ୍ରତିଦିନ ବିଭିନ୍ନ ୱାର୍ଡର ଘର ଘର ବୁଲି ଓଦା ଓ ଶୁଖିଲା ବର୍ଜ୍ୟବସ୍ତୁକୁ ସଂଗ୍ରହ କରାଯାଇ ପୌରପାଳିକାରେ ଥିବା କ୍ଷୁଦ୍ର ଜୈବିକ ଖତ କାରଖାନାରେ କମ୍ପୋଷ୍ଟ ଖତରେ ପରିଣତ କରାଯାଏ। ଆଗାମୀ ଦିନରେ ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ଲୋକଙ୍କୁ ସଚେତନ ଓ ସଙ୍ଗଠିତ କରି ଏକ ପରିବ୍ୟାପ୍ତ ଯୋଜନା କରାଯିବ ବୋଲି ପୌରନିର୍ବାହୀ ଅଧିକାରୀ ପାଢୟୋଶୀ ସୂଚନା ଦେଇଛନ୍ତି।


ରଣା ସାପଟି ଗିଳି ଦେଇଥିବା ଅନ୍ୟ ଏକ ସାପକୁ ଓକାଳୁଛି।

## ସାପ ଓକାଳିଲା ସାପ

**ଉଦଳା,୨୧।୮(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ଉଦଳା ଏନ୍‌ଏସି ଅଧୀନ ୧୦ନଂ. ୱାର୍ଡର କୃପାସିନ୍ଧୁ ବେହେରାଙ୍କ ଘର ବାଡ଼ିରେ ଏକ ବିଷାକ୍ତ ରଣା ସାପ ଖାଦ୍ୟ ଅନ୍ୱେଷଣରେ ଆସି ଅନ୍ୟ ଏକ ସାପକୁ ଗିଳି ଦେଇଥିଲା। ସ୍ନେକ୍ ଲାଇଫ୍ ଲାଇନ୍ ସଦସ୍ୟ ଅଭିଜିତ୍ ବେହେରା ଓ ଅଭିନନ୍ଦନ ଦଣ୍ଡପାଟ ଘଟଣାସ୍ଥଳରେ ପହଞ୍ଚି ରଣା ସାପଟିକୁ ଉଦ୍ଧାର କରିଥିଲେ। ରଣା ସାପଟି ଗିଳି ଦେଇଥିବା ଅନ୍ୟସାପକୁ ଓକାଳିଥିଲା। ପରେ ତାକୁ ଶିମିଳିପାଳ ଜଙ୍ଗଲରେ ଛାଡ଼ି ଦିଆଯାଇଥିଲା।

# କୋଭିଡ୍ ସହାୟତା ରାଶି ପାଇଁ ପ୍ରବାସୀଙ୍କ ଧାରଣା


ଗରସଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ପ୍ରବାସୀଙ୍କ ଧାରଣା।

**ଖଇରା, ୨୧।୮(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗରସଙ୍ଗ ପଞ୍ଚାୟତର ସଙ୍ଗରୋଧ କେନ୍ଦ୍ରରେ ୨୧ଦିନ ରହିଥିବା ପ୍ରବାସୀମାନଙ୍କୁ ଏ ପର୍ଯ୍ୟନ୍ତ କୋଭିଡ ସହାୟତା ରାଶି ମିଳି ନ ଥିବାରୁ ଶତାଧିକ ପ୍ରବାସୀ ଗୁରୁବାର ଧାରଣାରେ ବସିଥିଲେ। ପରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଶାନ୍ତ ଶିଅଳ ଧାରଣାକାରୀଙ୍କ ସହ ସହାୟତା ରାଶି ପ୍ରଦାନ ସମ୍ପର୍କରେ ଆଲୋଚନା କରିବା ପରେ ପ୍ରବାସୀମାନେ ଧାରଣାରୁ ଉଠିଥିଲେ। ସଙ୍ଗରୋଧ କେନ୍ଦ୍ରରେ ୨ଶହ ପ୍ରବାସୀ ରହିଥିବା ବେଳେ ଏ ପର୍ଯ୍ୟନ୍ତ ଆନୁମାନିକ ୪୦ଜଣଙ୍କୁ ସହାୟତା ରାଶି ମିଳିପାରିଛି। ସଙ୍ଗରୋଧ କେନ୍ଦ୍ର ଛାଡିବାର ୪ମାସ ବିତିଯାଇଥିଲେ ହେଁ ବାକି ପ୍ରବାସୀଙ୍କୁ ଏ ପର୍ଯ୍ୟନ୍ତ ଅର୍ଥ ନ ମିଳିବାରୁ ପ୍ରଶାନ୍ତ କୁମାର ଦାସ, ରାଜେନ୍ଦ୍ର ଜେନାଙ୍କ ନେତୃତ୍ୱରେ ପ୍ରବାସୀମାନେ ଧାରଣାରେ ବସିଥିଲେ। ପରେ ପ୍ରବାସୀମାନେ ନିର୍ବାହୀ ଅଧିକାରୀଙ୍କ ପରାମର୍ଶକ୍ରମେ ଖଇରା ବିଡିଓ ଦେବେନ୍ଦ୍ର ବଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

# ଧାରଣା ଦେଲେ ଶ୍ରମିକଙ୍କ ପରିବାର

**ବାଲେଶ୍ୱର ଅଫିସ, ୨୧।୮**

ବକେୟା ଦରମା ଏବଂ ନିୟମିତ କାମ ଦାବିରେ ବାଲେଶ୍ୱର ଜିଲା ରେମୁଣା ଶିଳ୍ପାଞ୍ଚଳ ଥାନା ଅଧୀନ ସରସ୍ୱତୀପୁରସ୍ଥିତ ବିର୍ଲା ଟାୟାର୍ସ ଫାଟକ ସମ୍ମୁଖରେ ୧୫୦୦ ଶ୍ରମିକଙ୍କ ପରିବାର ଲୋକେ ଗତ ୧୮ ତାରିଖ ରାତିରୁ ଧାରଣାରେ ବସିଛନ୍ତି। ଦୀର୍ଘଦିନ ହେଲା ଶ୍ରମିକମାନେ ଦୁର୍ଦ୍ଦିନ ମଧ୍ୟରେ କାଳ କାଟୁଥିବା ବେଳେ ପ୍ରଶାସନ ପକ୍ଷରୁ କେହି ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହୋଇଛି। ଗୁରୁବାର ମଧ୍ୟାହ୍ନରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଶ୍ରମ ଅଧିକାରୀ ଅଭିମନ୍ୟୁ ପ୍ରଧାନ ଧାରଣାରତ ଶ୍ରମିକ ପରିବାର ଲୋକଙ୍କ ସହିତ ଆଲୋଚନା ପାଇଁ ଯାଇଥିବା ବେଳେ ଆକ୍ରୋଶର ଶିକାର ହୋଇଥିଲେ। ଫଳରେ ସେ


ଶ୍ରମିକଙ୍କ ପରିବାର ପକ୍ଷରୁ କାରଖାନା ଫାଟକ ସମ୍ମୁଖରେ ଧାରଣା ଦିଆଯାଇଛି।

ଧାରଣାସ୍ଥଳରୁ ପଳାଇ ଆସିଥିଲେ।

କାରଖାନାର ୯ଟି ସଙ୍ଗଠନ ମଧ୍ୟରୁ ୭ଟି ସଙ୍ଗଠନର ଶ୍ରମିକ ଓ ପରିବାର ଲୋକେ ଧାରଣାରେ ସାମିଲ୍ ଥିବା ବେଳେ ଅନ୍ୟ ୨ଟି ସଙ୍ଗଠନର ଶ୍ରମିକ ତଥା ଶ୍ରମିକ ନେତାଙ୍କର ସମର୍ଥନ ରହିଥିବା ଜଣାପଡ଼ିଛି। ଆପୋଷ ସମାଧାନ ପାଇଁ କାରଖାନାର ପରିଚାଳନା କମିଟି ଶ୍ରମିକ ସଙ୍ଗଠନର ନେତୃବର୍ଗଙ୍କ ସହ ଆଲୋଚନା କରିଥିଲେ। କାରଖାନା ଚଳାଇବାକୁ ପୁଞ୍ଜିର ଅଭାବ ଥିବା ସହ ଆସନ୍ତା ୨୧ତାରିଖଠାରୁ ୩୦ ତାରିଖ ପର୍ଯ୍ୟନ୍ତ କାରଖାନା ଚାଲୁ କଲେ ଗତ ଡିସେମ୍ବର ମାସରେ ଥିବା ବକେୟା ୧୫ଦିନର ଦରମା ଦିଆଯାଇପାରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ଧାରଣାକାରୀମାନେ ଏକମତ ହୋଇ ନ ଥିବାରୁ ଆନ୍ଦୋଳନ ଜାରି ରହିଛି। ବିର୍ଲା ଟାୟାର୍ସ ମଜଦୁର ସଂଘର ସଦସ୍ୟ ଦେବେନ୍ଦ୍ର ସିଂ, ବିର୍ଲା ବିଜୁ ପଟ୍ଟନାୟକ କର୍ମଚାରୀ ସଭାର କମଳଲୋଚନ ଦାସ, ବିଜୁ କର୍ମଚାରୀ ସଂଘର ଶିବ ପ୍ରସାଦ ଦାସ, ବିର୍ଲା ଟାୟାର୍ସ କର୍ମଚାରୀ ସଂଗ୍ରାମୀ ସାମ୍ମୁଖ୍ୟର ରାମାୟଣ ଯାଦବ, ବିର୍ଲା ଟାୟାର୍ସ ଶ୍ରମିକ କଂଗ୍ରେସର ଅଶୋକ ରାଉତ, ବିର୍ଲା ଟାୟାର୍ସ ୱାର୍କର୍ସ ଆଣ୍ଡ ଏମ୍ପ୍ଲୋଇ ୟୁନିଅନ୍‌ର ନୀଳକମଲ ଦାସ, ବିଜୁ ଶ୍ରମିକ ସଂଘର ଛବିନ୍ଦ୍ର ମହାନ୍ତି ପ୍ରମୁଖ ଧାରଣାର ନେତୃତ୍ୱ ନେଇଥିଲେ।




ତାମିଲନାଡୁର ମଦୁରାଇର ଜଣେ ଭିକାରୀ ଭିକ ମାଗି କରୋନା ସହାୟତା ପାଇଁ ୯୦ ହଜାର ଟଙ୍କା ରାଜ୍ୟ ପାଣ୍ଠିକୁ ଦାନ କରିଛନ୍ତି। ତାମିଲନାଡୁର ପୁଲ୍ ପାଣ୍ଡିଆନ ବହୁ ଗରିବ। ଭିକ ମାଗି ସେ ପେଟ ପୋଷିଥାନ୍ତି। ମାତ୍ର କରୋନା ସଙ୍କଟ ସମୟରେ ସେ ଭିକ ମାଗି ରଖିଥିବା ୯୦ ହଜାର ଟଙ୍କା ରାଜ୍ୟ କୋଭିଡ୍-୧୯ ରିଲିଫ୍ ପାଣ୍ଠିକୁ ଦାନ କରିଛନ୍ତି। ଏହା ସୋସିଆଲ ମିଡିଆରେ ଏବେ ବେଶ ଭାଇରାଲ ହେଉଛି। ପୁଲ୍ଙ୍କ ଏପରି ବଦାନ୍ୟତା ପାଇଁ ଲୋକେ ତାଙ୍କୁ ଖୁବ୍ ପ୍ରଶଂସା କରୁଛନ୍ତି।



# ମହିଳାଙ୍କ ସ୍ୱର 'ମୁଥୁଲକ୍ଷ୍ମୀ'

**କଥା ଉନବିଂଶ ଶତାବ୍ଦୀର। ପୁରୁଷ ପ୍ରଧାନ ସମାଜର ତଥାକଥିତ କଟକଣା ଆଗରେ ଅଣନିଃଶ୍ୱାସୀ ହୋଇପଡ଼ିଥିଲେ ମହିଳା। ଧାର୍ମିକ, ସାମାଜିକ, ଅର୍ଥନୈତିକ ବ୍ୟବସ୍ଥାରେ ଅବରୁଦ୍ଧ କରିଦିଆଯାଉଥିଲା ନାରୀଙ୍କ ସ୍ୱର। ଏହି ସମୟରେ ନାରୀ ସଶକ୍ତୀକରଣକୁ ନୂଆ ଦିଶା ଦେଇଥିଲେ ମୁଥୁଲକ୍ଷ୍ମୀ ରେଡ୍ଡୀ। ଆବିଳତାପୂର୍ଣ୍ଣ ସାମାଜିକ ବ୍ୟବସ୍ଥାରେ ମୁଥୁଲକ୍ଷ୍ମୀ ଲଗାଇଥିବା ବହ୍ନିରେ ଜଳିଯାଇଥିଲା ଦେବଦାସୀ ପ୍ରଥା, ନାବାଳିକା ବିବାହ, ଲିଙ୍ଗଗତ ବୈଷମ୍ୟ ଭଳି ଅନେକ କୁସଂସ୍କାର।**




ଭାରତୀୟ ମହିଳାଙ୍କୁ ଉଚିତ ନ୍ୟାୟ ଦେବା ପାଇଁ ମୁଥୁଲକ୍ଷ୍ମୀ ରେଡ୍ଡୀଙ୍କ ପ୍ରୟାସ ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। ନାରୀ ସଶକ୍ତୀକରଣ, ମହିଳାଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା, ଶିକ୍ଷା, ନ୍ୟାୟ ପ୍ରଦାନ କରି ଏକ ସୁସ୍ଥ ସମାଜ ଗଢ଼ିବା ଲାଗି ପିଲାଟି ଦିନରୁ ଦୃଢ଼ମନା ଥିଲେ ସେ। ଭାରତୀୟ ମହିଳାଙ୍କ ସ୍ଥିତିରେ ସୁଧାର ଆଣିବା ଲାଗି ତାଙ୍କ ଦ୍ୱାରା କରାଯାଉଥିବା ଉଦ୍ୟମ ଆଜି ବି ଉଦାହରଣ ହୋଇରହିଛି।

ଉନବିଂଶ ଶତାବ୍ଦୀରେ ମହିଳାଙ୍କୁ ନେଇ ଥିଲା ଭିନ୍ନ ବିଚାରଧାରା। ବିବାହ ଏବଂ ସନ୍ତାନ ଜନ୍ମର ମାଧ୍ୟମ ଭାବେ ସେମାନେ ବିବେଚିତ ହେଉଥିଲେ। ସେହି ସମୟରେ ସାମାଜିକ ବିଧିବ୍ୟବସ୍ଥାର କଠୋର ନିୟମର ଡାଙ୍ଗୁଣି ଭାଙ୍ଗି ମହିଳାଙ୍କୁ ନ୍ୟାୟ ଦେବାକୁ ଯେଉଁ କେତେଜଣ ପ୍ରୟାସ କରିଥିଲେ, ସେମାନଙ୍କ ମଧ୍ୟରେ ଅଗ୍ରଣୀ ଭୂମିକା ନିଭାଇଥିଲେ ମୁଥୁଲକ୍ଷ୍ମୀ। ଦେବଦାସୀ ପରିବାରରେ ଜନ୍ମ ହୋଇ ଏଭଳି ଏକ କୁପ୍ରଥାକୁ ବିଲୁପ୍ତ କରିବାକୁ ସେ ଆରମ୍ଭ କରିଥିଲେ ଅଭିଯାନ। ବାଲ୍ୟବିବାହ, ବେଶ୍ୟାବୃତ୍ତି, ମାନବଚାଲାଣ, ନାରୀ ନିର୍ଯାତନା ଭଳି କୁସଂସ୍କାରକୁ ଦୂର କରିବାକୁ ମୁଥୁଲକ୍ଷ୍ମୀ ଉଠାଇଥିବା ସ୍ୱର ଥିଲା ବେଶ୍ ଶାଣିତ।

ଶିକ୍ଷିତ ହୋଇ ସମାଜରେ ଆଦର୍ଶ ସୃଷ୍ଟି କରିବାକୁ ଶୈଶବରୁ ସ୍ୱପ୍ନ ଦେଖିଥିଲେ ମୁଥୁଲକ୍ଷ୍ମୀ। ସେତେବେଳେ ତାମିଲନାଡୁରେ କେବଳ ପୁରୁଷଙ୍କୁ ପାଠପଢ଼ିବାର ଅଧିକାର ଦିଆଯାଉଥିଲା। ତେଣୁ ଏଭଳି ଏକ ରକ୍ଷଣଶୀଳ ସମାଜକୁ ଭେଦି ବିଦ୍ୟାଳୟ ବାରଣ୍ଡା ଚଢ଼ିବାକୁ ବେଶ୍ ସଂଘର୍ଷ କରିଥିଲେ ମୁଥୁଲକ୍ଷ୍ମୀ। ପିତା ନାରାୟଣ ସ୍ୱାମୀ ଆୟାର ଅଧ୍ୟାପକ ଥିବାରୁ ଘରେ ହିଁ ମାଟ୍ରିକ ଯାଏ ପଢ଼ିପାରିଥିଲେ। ମାଟ୍ରିକ ପରୀକ୍ଷାରେ ଟପ୍ପର ହେବା ପରେ ଅଞ୍ଚଳରେ ମୁଥୁଲକ୍ଷ୍ମୀଙ୍କୁ ନେଇ ଚହଳ ପଡ଼ିଗଲା। ଏହା ସେତେବେଳେ ଆହୁରି ଚର୍ଚ୍ଚିତ ବିଷୟ ପାଲଟିଗଲା, ଯେତେବେଳେ ସେ ମହାରାଜା କଲେଜରେ ଉଚ୍ଚ ଶିକ୍ଷା ପାଇଁ ଆବେଦନ କଲେ। କାରଣ କଲେଜ ଇତିହାସରେ ଏହା ଥିଲା ପ୍ରଥମ ଘଟଣା, ଯେଉଁଠି ଜଣେ ଯୁବତୀ ଉଚ୍ଚଶିକ୍ଷା ପାଇଁ ଆବେଦନ କରିଥିଲେ। ରକ୍ଷଣଶୀଳ ସମାଜର ବଡ଼ପଣ୍ଡାମାନେ ଏହାକୁ ନେଇ ଆପତ୍ତି ଉଠାଇଲେ। ତେବେ ପୁଡୁକୋଟାଇର ଶାସକ ମାର୍ତ୍ତଣ୍ଡ ଭୈରବ ହସ୍ତକ୍ଷେପ ପରେ ମୁଥୁଲକ୍ଷ୍ମୀଙ୍କ କଲେଜ ପଢ଼ିବାର ବାଟ ଖୋଲିଯାଇଥିଲା। ପାଠପଢ଼ାରେ ଯେଭଳି କିଛି ସମସ୍ୟା ନ ଉପୁଜେ ସେଥିପାଇଁ ରାଜା ବୃତ୍ତି ବ୍ୟବସ୍ଥା ମଧ୍ୟ କରାଇଥିଲେ। ପରିଣାମ ସ୍ୱରୂପ ୧୯୧୨ରେ ମାଡ୍ରାସ ୟୁନିଭର୍ସିଟିରୁ ମେଡିକାଲ ଗ୍ରାଜୁଏଟ୍ ହୋଇ ଇତିହାସ ସୃଷ୍ଟି କରିଥିଲେ ମୁଥୁଲକ୍ଷ୍ମୀ।

ମେଡିକାଲ ପାଠପଢ଼ା ସମୟରେ ସର୍ଜରିରେ ଗୋଲ୍ଡ ମେଡାଲ ଜିତିଥିବା ମୁଥୁଲକ୍ଷ୍ମୀ କଲେଜର ଏକ କାର୍ଯ୍ୟକ୍ରମରେ ସରୋଜିନୀ ନାଇଡୁଙ୍କ ସମ୍ପର୍କରେ ଆସିଥିଲେ। ପରବର୍ତ୍ତୀ ସମୟରେ ସେ ମହିଳାଭିତ୍ତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ଆରମ୍ଭ କରିଦେଲେ। ମହାତ୍ମା ଗାନ୍ଧୀ, ଆନିବେଶାନ୍ତଙ୍କ ବ୍ୟକ୍ତିତ୍ୱରେ ପ୍ରଭାବିତ ହୋଇ ସେ ପାଲଟିଗଲେ ନାରୀନେତ୍ରୀ। ନାରୀ ଅଧିକାର ସପକ୍ଷରେ ସ୍ୱର ଉତ୍ତୋଳନ କରୁଥିବା ମୁଥୁଲକ୍ଷ୍ମୀଙ୍କ ବ୍ୟକ୍ତିଗତ ଜୀବନ କମ୍ ସଂଘର୍ଷମୟ ନ ଥିଲା। ପିଲାଦିନରୁ ସେ ବାଲ୍ୟବିବାହକୁ ରୋକ୍‌ଠୋକ୍ ମନା କରିଦେଇଥିଲେ। ୧୯୧୪ରେ ତାଙ୍କ ବିବାହ ହୋଇଥିଲା ଟି. ସୁନ୍ଦର ରେଡ୍ଡିଙ୍କ ସହ। ହେଲେ ସର୍ତ୍ତ ଥିଲା ବୃତ୍ତିଗତ କିମ୍ବା ସମାଜସେବା କ୍ଷେତ୍ରରେ ସ୍ୱାମୀ ହସ୍ତକ୍ଷେପ କରିବେ ନାହିଁ। ତେବେ ବାଲ୍ୟବିବାହ ପ୍ରଚଳିତ ସମାଜରେ ୨୮ ବର୍ଷରେ ଜଣେ ଯୁବତୀ ବିବାହ କରିବା କମ୍ ସାହସର କଥା ନୁହେଁ ବୋଲି ଆଜି ବି ଅନେକେ ମତଦିଅନ୍ତି। ଆନିବେଶାନ୍ତଙ୍କ ସହ ନାରୀ ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ କରିବା ସମୟରେ ରାଜନୀତିରେ ପାଦ ରଖିଥିଲେ ମୁଥୁଲକ୍ଷ୍ମୀ। ଭାରତୀୟ ନାରୀସଂଘର ସମର୍ଥନରେ ୧୯୨୬ରୁ ୧୯୩୦ ଯାଏ ମାଡ୍ରାସ ବିଧାନ ପରିଷଦର ସଦସ୍ୟ ଦାୟିତ୍ୱ ନିର୍ବାହ କରିଥିଲେ। ସେହି ସମୟରେ ଯୁବତୀଙ୍କ ବିବାହ ବୟସ ୧୬ରୁ ୨୧ ବର୍ଷକୁ ବୃଦ୍ଧି କରିବାକୁ ସେ ପରାମର୍ଶ ଦେଇଥିଲେ। ଏଥିସହ ଦେବଦାସୀ ପ୍ରଥା, ବେଶ୍ୟାଳୟ ଉଚ୍ଛେଦ, ଶିଶୁଚାଲାଣ ରୋକିବା ଲାଗି କଡ଼ା ନିୟମ ଆଣିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଦେଶସେବାରେ ଜୀବନ ଉତ୍ସର୍ଗ କରିଥିବା ମୁଥୁଲକ୍ଷ୍ମୀଙ୍କୁ ୧୯୫୬ରେ ପ୍ରଦାନ କରାଯାଇଥିଲା ସମ୍ମାନଜନକ 'ପଦ୍ମଭୂଷଣ'। ନାରୀଙ୍କୁ ନ୍ୟାୟ ପ୍ରଦାନ ଲାଗି ଆଜୀବନ ସ୍ୱର ଉଠାଇଥିବା ଏହି ମହାନ୍ ବ୍ୟକ୍ତିତ୍ୱଙ୍କ ପରଲୋକ ଘଟିଥିଲା ୧୯୬୮ ଜୁଲାଇ ୨୨ରେ।

## କିଛି ଉଲ୍ଲେଖନୀୟ ସଫଳତା

- ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୧୯୪୭ରେ ଲାଲକିଲ୍ଲାରେ ପ୍ରଥମ ଥର ଉଡ଼ାଯାଇଥିବା ଜାତୀୟ ପତାକାରେ ସାମିଲ ହୋଇଥିଲା ନାମ।
- ମହିଳାଙ୍କ ଭୋଟଦାନ ଅଧିକାର ଅଭିଯାନରେ ତୁଲାଇଥିଲେ ଅଗ୍ରଣୀ ଭୂମିକା।
- ଦଳିତ, ସଂଖ୍ୟାଲଘୁ ମହିଳାଙ୍କୁ ନ୍ୟାୟ ପ୍ରଦାନ, ସ୍ୱଚ୍ଛତା ଅଭିଯାନର ଅଗ୍ରଣୀ ଦୂତ।
- ୧୯୫୪ରେ ଚେନ୍ନାଇରେ ପ୍ରତିଷ୍ଠିତ କ୍ୟାନ୍ସର ଇନ୍‌ଷ୍ଟିଚ୍ୟୁଟ୍ (ଡବ୍ଲ୍ୟୁଆଇଏ) ମୁଥୁଲକ୍ଷ୍ମୀଙ୍କ ଶ୍ରେଷ୍ଠ ଅବଦାନ ଭିତରୁ ଗୋଟିଏ।
- କ୍ୟାନ୍ସର ଚିକିତ୍ସା କ୍ଷେତ୍ରରେ ଗବେଷଣା କରୁଥିବା ମହିଳା ଗବେଷକଙ୍କୁ ମୁଥୁଲକ୍ଷ୍ମୀଙ୍କ ନାମରେ ଏକ ପୁରସ୍କାର ପ୍ରଦାନ କରାଯାଉଛି।
- ବୃତ୍ତିଗତ ଜୀବନରେ ଡାକ୍ତର ଥିବା ମୁଥୁଲକ୍ଷ୍ମୀ ଜଣେ ସମ୍ପାଦିକା, ଲେଖିକା ମଧ୍ୟ ଥିଲେ।
- ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଁ ୨୦୧୯ରେ ଗୁଗଲ ନିଜର ଡୁଡୁଲରେ ମୁଥୁଲକ୍ଷ୍ମୀଙ୍କୁ ସ୍ଥାନିତ କରିଥିଲା।

**"ସତୀଦାହ ପ୍ରଥା ଲାଗି ଜଣେ ମହିଳା କିଛି ସମୟର କଷ୍ଟ ଭୋଗିଥାଏ। ହେଲେ ଛୋଟବେଳୁ ବିବାହ କରାଇଦେବା ପରେ ଜଣେ ଯୁବତୀ ସାରା ଜୀବନ ଯନ୍ତ୍ରଣା ଭୋଗିଥାଏ। ଜଣେ ବାଲ୍ୟବଧୂ, ବାଲ୍ୟାବସ୍ଥାରେ ମାତୃତ୍ୱ, ବାଲ୍ୟ ବିଧବା ଭାବେ ସେ ଶେଷନିଃଶ୍ୱାସ ନେବା ଯାଏ ଯନ୍ତ୍ରଣା ଭୋଗିଥାଏ।**
**–ମୁଥୁଲକ୍ଷ୍ମୀ ରେଡ୍ଡୀ**

# ନିଜ ଶିକ୍ଷକଙ୍କୁ ବିବାହ କରିଥିଲେ ଭୂମିକା


ଭୂମିକା ଚାୱ୍ଲା

**ମୁମ୍ବାଇ:** ବଲିଉଡ୍ ମୁଭି 'ତେରେ ନାମ୍'ରେ ରାତାରାତି ଷ୍ଟାର୍ ପାଲଟି ଯାଇଥିବା ଅଭିନେତ୍ରୀ ଭୂମିକା ଚାୱ୍ଲା ଆଜି ବଡ଼ ପରଦାଠାରୁ ଦୂରେଇ ରହିଛନ୍ତି କହିଲେ ଚଳେ। ବଲିଉଡ୍ ଭାଇଜାନ୍ ସଲ୍‌ମାନ ଖାଁ ଆଜି ପର୍ଯ୍ୟନ୍ତ ଯେତେ କଳାକାରଙ୍କୁ ଲଞ୍ଚ କରିଛନ୍ତି, ସେମାନଙ୍କ ମଧ୍ୟରେ ରହିଛନ୍ତି ଏହି ସାଉଥ୍ ଇଣ୍ଡିଆନ୍ ଆକ୍ଟ୍ରେସ୍ ଭୂମିକା। ଭୂମିକା ୨୧ ଅଗଷ୍ଟ ୧୯୭୮ରେ ଦିଲ୍ଲୀରେ ଜନ୍ମଗ୍ରହଣ କରିଥିଲେ। ଏବେ ସେ ୪୨ ବର୍ଷରେ ପାଦ ରଖିଛନ୍ତି। ତେବେ ୨୦୦୩ରେ ସେ ବଲିଉଡ୍‌ରେ ଡେବ୍ୟୁ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ଏହା ପୂର୍ବରୁ ସେ ସାଉଥ୍ ଇଣ୍ଡଷ୍ଟ୍ରିରେ ଜଣେ ଆଗଧାଡ଼ିର ନାୟିକାର ମାନ୍ୟତା ପାଇ ସାରିଥିଲେ। ତାଙ୍କ ପିତା ଜଣେ ଆର୍ମି ଅଫିସର ହୋଇଥିବା ବେଳେ ଦିଲ୍ଲୀରେ ସେ ତାଙ୍କର ଶିକ୍ଷା ସମାପ୍ତ କରିଛନ୍ତି। ଏହାପରେ ମନୋରଞ୍ଜନ ଦୁନିଆରେ ପାଦ ଦେବା ପରେ ସେ ମୁମ୍ବାଇରେ ରହି ଆସୁଛନ୍ତି। କୁହାଯାଏ, ଭୂମିକା ୨୧ ଅଗଷ୍ଟ ୨୦୦୭ରେ ନିଜ ଯୋଗ ଶିକ୍ଷକ ଭରତ ଠାକୁରଙ୍କ ପ୍ରେମରେ ପଡ଼ିଥିଲେ। ଦୀର୍ଘ ୪ ବର୍ଷର ଡେଟିଂ ପରେ ଉଭୟ ବିବାହ କରିଥିଲେ। ତାଙ୍କର ଏକ ପୁଅ ଅଛନ୍ତି। ଭୂମିକା ଶେଷଥର ପାଇଁ ସୁଶାନ୍ତ ସିଂ ରାଜପୁତ ଅଭିନୀତ ଫିଲ୍ମ 'ଏମ୍ ଏସ୍ ଧୋନି: ଦ ଅନ୍‌ଟୋଲ୍ଡ ଷ୍ଟୋରୀ'ରେ ସୁଶାନ୍ତଙ୍କ ଭଉଣୀ ଭୂମିକାରେ ନଜର ଆସିଥିଲେ।

# ଚକୋଲେଟ୍ ଗଣେଶ




**ଭୋପାଳ:** କରୋନା ପାଇଁ ଏବେ ସବୁଆଡ଼େ ଗଣେଶ ପୂଜା ନେଇ କଟକଣା ଲାଗିଛି। କିନ୍ତୁ ଶ୍ରଦ୍ଧାଳୁମାନେ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଉପାୟରେ ଗଣେଶ ପୂଜା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ଏଥର ଗଣେଶ ପୂଜାରେ ଏକ ଭିନ୍ନ ପ୍ରୟାସ କରି ଚକୋଲେଟ ଓ କ୍ଷୀରରେ ଗଣେଶଙ୍କ ମୂର୍ତ୍ତି ତିଆରି କରିଛନ୍ତି ମଧ୍ୟପ୍ରଦେଶ ଇନ୍ଦୋରର ନିଧି ଶର୍ମା।

ଗଣେଶ ପୂଜାକୁ ଧୁମ୍‌ଧାମରେ ପାଳନ କରିବା ନେଇ ବିଭିନ୍ନ ସ୍ଥାନରେ କଟକଣା ଥିବାରୁ ନିଧି ଏବେ ଅନ୍ୟମାନଙ୍କ ଭଳି ଇକୋ ଫ୍ରେଣ୍ଡଲି ମୂର୍ତ୍ତି ତିଆରି କରୁଛନ୍ତି। ଏଥିପାଇଁ ସେ ଚକୋଲେଟରେ ତିଆରି କରୁଛନ୍ତି ବିଭିନ୍ନ ଡିଜାଇନ୍‌ର ଗଣେଶ ମୂର୍ତ୍ତି। ଆଉ ଏହି ଚକୋଲେଟ୍ ଗଣେଶ ମୂର୍ତ୍ତି ସବୁକୁ ସେ ତାଙ୍କର ସମ୍ପର୍କୀୟ ଓ ବନ୍ଧୁମାନଙ୍କ ସହିତ ବିଭିନ୍ନ ସ୍ଥାନରେ ଲୋକମାନଙ୍କୁ ବାଣ୍ଟି ଦେଉଛନ୍ତି। ଲୋକଙ୍କୁ ସାହାଯ୍ୟ କରିବା ତଥା ଡାକ୍ତର ଏବଂ ପୋଲିସଙ୍କ ଭଳି କୋଭିଡ୍ ଯୋଦ୍ଧାମାନଙ୍କୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ସେ ଏଭଳି ଚକୋଲେଟ୍ ଗଣେଶ ତିଆରି କରି ବାଣ୍ଟୁଛନ୍ତି। ଲୋକେ ତାଙ୍କର ଏଭଳି ମୂର୍ତ୍ତି ପାଇବା ପରେ ଖୁସି ହୋଇ ଯାଉଛନ୍ତି। କୋଭିଡ୍ ଯୋଦ୍ଧାମାନେ ମଧ୍ୟ ତାଙ୍କଠାରୁ ଏଭଳି ମୂର୍ତ୍ତି ପାଇବା ପରେ ବେଶ୍ ଉତ୍ସାହିତ ହେଉଛନ୍ତି। ନିଧିଙ୍କ କହିବା କଥା ହେଉଛି, ଗଣେଶଙ୍କ ଆଶୀର୍ବାଦରୁ କରୋନା ଭାଇରସ୍‌ର ପ୍ରକୋପ କମ୍ ହୋଇଯିବ। କରୋନା ଭାଇରସ୍ ନେଇ ସଚେତନ କରିବା ପାଇଁ ସେ ଗଣେଶଙ୍କ ସହିତ ଚକୋଲେଟରେ ବଲ୍ ମଧ୍ୟ ତିଆରି କରିଛନ୍ତି, ଯାହାକୁ ଗଣେଶ ଗୋଡ଼ରେ ଚାପି ଦେଉଛନ୍ତି। ଏହା ସହିତ ସେ ମୂର୍ତ୍ତିରେ 'କରୋନା ଗୋ' ମଧ୍ୟ ଲେଖିଛନ୍ତି।

ନିଧି ତାଙ୍କର ଏଭଳି ଇକୋ ଫ୍ରେଣ୍ଡଲି ଗଣେଶ ମୂର୍ତ୍ତି ତିଆରି କରି ବାଣ୍ଟିବା ନେଇ ଥିମ୍ ରଖିଛନ୍ତି 'କରୋନା ଭାଇରସ୍'। ଗତ ବର୍ଷଠାରୁ ସେ ଏଭଳି ଇକୋ ଫ୍ରେଣ୍ଡଲି ମୂର୍ତ୍ତି ତିଆରି କରୁଥିଲେ ଏବଂ ଏବର୍ଷ କରୋନା ଥିମ୍‌ରେ ଗଣେଶଙ୍କ ମୂର୍ତ୍ତି ତିଆରି କରୁଛନ୍ତି।

# 'ଟିପି ଟିପି ଟପ୍'ର ସହାୟତା ନେଲା ପୋଲିସ

**ମୁମ୍ବାଇ:** ପିଲାଦିନର ସ୍ମୃତି ଭାରି ମଧୁର। ସେଥିପାଇଁ ତ ଅତୀତର ଅଭୁଲା ସ୍ମୃତିକୁ ମନେପକାଇ ରୋମାଞ୍ଚିତ ହୋଇ ଉଠନ୍ତି ଅନେକ। ପିଲାଦିନର ଏମିତି ଏକ ଖେଳ ହେଉଛି ଟିପି ଟିପି ଟପ୍। ଏହି ଖେଳ ମାଧ୍ୟମରେ ପିଲାମାନେ ବେଶ୍ ମଜା କରିଥାନ୍ତି। ପିଲାଦିନର ଏହି ଖେଳର ସାହାରା ନେଇ ଏବେ ପୋଲିସ୍ ଆରମ୍ଭ କରିଛି ସଚେତନତା। ଘରୁ ବାହାରିବା ମାତ୍ରେ ସମସ୍ତଙ୍କ ପାଇଁ ମାସ୍କ ପିନ୍ଧିବା ନିହାତି ଆବଶ୍ୟକ, ଏହି କଥା ଜଣାଇବା ପାଇଁ ମହାରାଷ୍ଟ୍ର ପୋଲିସ ଏକ ଭିନ୍ନ ଢଙ୍ଗରେ ଏବେ ସୋସିଆଲ୍ ମିଡିଆରେ ପିଲାଦିନର ଖେଳ 'ଟିପି ଟିପି ଟପ୍'ର ସାହାରା ନେଇଛି।



ମହାରାଷ୍ଟ୍ର ପୋଲିସ୍ ଟୁଇଟରରେ ଟିପି ଟିପି ଟପ୍‌ର ଏକ ଫଟୋ ଶେୟାର କରି ମାସ୍କର ଗୁରୁତ୍ୱ ପ୍ରଦର୍ଶନ କରିଛି। ଏହି ଖେଳରେ କାଗଜ ଖଣ୍ଡର ବିଭିନ୍ନ ଖଣ୍ଡକୁ ଏକ ଭିନ୍ନ ଶୈଳୀରେ ଭାଙ୍ଗ କରି ରଖାଯାଇଥାଏ। ଖେଳର ନିୟମ ଅନୁସାରେ କାଗଜ ଖଣ୍ଡର ବିଭିନ୍ନ ଭାଗରୁ ଏକ ସ୍ୱତନ୍ତ୍ର ରଙ୍ଗର ଲେଖାକୁ ବାଛିବାକୁ ହୋଇଥାଏ। ପ୍ରକୃତ ଖେଳରେ ୪ଟି ବିଭାଗ ମଧ୍ୟରୁ ଗୋଟିଏକୁ ବାଛିବାକୁ ପଡ଼ିଥାଏ। କିନ୍ତୁ ମହାରାଷ୍ଟ୍ର ପୋଲିସ୍ ଶେୟାର କରିଥିବା ଖେଳରେ ସମସ୍ତ ଅପଶନ୍‌ରେ କେବଳ ମାସ୍କକୁ ହିଁ ରିପିଟ୍ କରାଯାଇଛି। ତେଣୁ ଲୋକେ କେବଳ ମାସ୍କକୁ ହିଁ ବାଛିପାରିବେ। ପୋଲିସ୍ ଏହି ଖେଳ ମାଧ୍ୟମରେ ଲୋକଙ୍କୁ ମାସ୍କର ଗୁରୁତ୍ୱ ବିଷୟରେ କହିଛି। ତେବେ ପୋଲିସର ଏଭଳି ଢଙ୍ଗରେ ଟୁଇଟ୍ କରିବାକୁ ଲୋକେ ଖୁବ୍ ପସନ୍ଦ କରିଛନ୍ତି। ସୋସିଆଲ୍ ମିଡିଆରେ ପୋଲିସ୍ ଏହାକୁ ଶେୟାର କରିବାର ମାତ୍ର ଗୋଟିଏ ଦିନ ପରେ ଏହାକୁ ପାଖାପାଖି ହଜାରେ ଲୋକ ଲାଇକ୍ କରିବା ସହ ସୁନ୍ଦର କମେଣ୍ଟ ଦେଇଛନ୍ତି।

# ସହଯୋଗର ହାତ ବଢ଼ାଇଲା ପ୍ରଶାସନ

**ଭୋପାଳ :** କରୋନା ମହାମାରୀ ଯୋଗୁ ବସ୍ ସେବା ବନ୍ଦ ରହିଛି। ଏହି ସମୟରେ ସାଧାରଣ ଯାତ୍ରୀଙ୍କଠାରୁ ଆରମ୍ଭ କରି ଛାତ୍ରୀଛାତ୍ର ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏବେ ପୁଣି ଆରମ୍ଭ ହୋଇଛି ଦଶମ ଶ୍ରେଣୀ ପିଲାଙ୍କ ସପ୍ଲିମେଣ୍ଟାରୀ ପରୀକ୍ଷା। ତେଣୁ ପରୀକ୍ଷା କେନ୍ଦ୍ରକୁ ଯିବା ପାଇଁ ପିଲାମାନଙ୍କୁ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏଭଳି ସ୍ଥିତିରେ ମଧ୍ୟପ୍ରଦେଶର ଧର୍ ଜିଲାରେ ଜଣେ ବାପା ନିଜ ପୁଅକୁ ସାଙ୍ଗରେ ନେଇ ସାଇକେଲରେ ୧୦୫ କିଲୋମିଟର ଯାତ୍ରା କରିବା ସହ ପରୀକ୍ଷା କେନ୍ଦ୍ରରେ ପହଞ୍ଚିଛନ୍ତି।

ବାଇଦିପୁରା ଗ୍ରାମରେ ରହୁଥିବା ଶୋଭାରାମ୍‌ଙ୍କ ପୁଅ ଆଶିଷ ଦଶମ ଶ୍ରେଣୀ ସପ୍ଲିମେଣ୍ଟାରୀ ପରୀକ୍ଷା ଦେବା ପାଇଁ ବାପାଙ୍କ ସାଇକେଲ୍‌ରେ ବସି ୧୦୫ କି.ମି. ଆସିଥିଲେ। କରୋନା ସଂକ୍ରମଣ ହେତୁ ଏଠାରେ ବସ୍‌ସେବା ବନ୍ଦ ରହିଛି। ସେମାନେ ଧରସ୍ଥିତ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବା ପାଇଁ କୌଣସି ମାଧ୍ୟମ ପାଇଲେ ନାହିଁ। ଅନ୍ୟପଟେ ଦାରିଦ୍ର୍ୟ ଯୋଗୁ ଆଉ କିଛି ଉପାୟ ମଧ୍ୟ ତାଙ୍କ ନିକଟରେ ନ ଥିଲା। ଶିକ୍ଷାର ମହତ୍ତ୍ୱକୁ ଅନୁଭବ କରି ଗରିବ ବାପା ନିଜ ପୁଅକୁ ନେଇ ପରୀକ୍ଷା କେନ୍ଦ୍ରରେ ପହଞ୍ଚିଥିଲେ। ଉଭୟ ବାପା ଏବଂ ପୁଅ ଦୁଇଦିନ ପାଇଁ ସାଇକେଲରେ ଖାଦ୍ୟ ଓ ପାନୀୟ ଆଣିଥିଲେ।


ଧରରେ ଆଶିଷ ଭୋଜ କନ୍ୟା ବିଦ୍ୟାଳୟରେ ପରୀକ୍ଷା ଦେଇଥିଲେ। ଆଶିଷଙ୍କ ପିତା ଶୋଭାରାମ କହିଛନ୍ତି ଯେ, ଟଙ୍କା ନ ଥିବାରୁ ପୁଅକୁ ସାଇକେଲ ଯୋଗେ ପରୀକ୍ଷା ଦେବାକୁ ଆଣିଛି। ପୁଅର ପରୀକ୍ଷା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ସ୍ଥାନୀୟ ପ୍ରଶାସନ ଏ ସମ୍ପର୍କରେ ଜାଣି ସେମାନଙ୍କ ପାଇଁ ୨୪ ତାରିଖ ପର୍ଯ୍ୟନ୍ତ ରହିବା ବ୍ୟବସ୍ଥା କରିଛନ୍ତି। ଏହା ସହିତ ଖାଦ୍ୟ ପାଇଁ ସମ୍ପୂର୍ଣ୍ଣ ବ୍ୟବସ୍ଥା ମଧ୍ୟ କରାଯାଇଛି।

**ପୁଅ ପରୀକ୍ଷା ଲାଗି ୧୦୫ କି.ମି. ସାଇକେଲ ଯାତ୍ରା**


ପୁଅ ଆଶିଷଙ୍କ ସହ ଶୋଭାରାମ୍

# ୧୩ ମାସରେ ୮ ସନ୍ତାନ ପ୍ରସବ

**ମୁଜାଫରପୁର:** ଜଣେ ୬୫ ବର୍ଷର ମହିଳା ୧୩ ମାସରେ ୮ ସନ୍ତାନଙ୍କୁ ପ୍ରସବ କରିଥିବା ଶୁଣିଲେ ଯେ କେହି ଆଶ୍ଚର୍ଯ୍ୟ ହେବେ। ତେବେ ଏହା ବିହାର ସ୍ୱାସ୍ଥ୍ୟ ବିଭାଗ କାଗଜ ପତ୍ରରେ ଉଲ୍ଲେଖ ରହିଛି। ମହିଳାଙ୍କ ନାମରେ ସ୍ୱାସ୍ଥ୍ୟ ବିଭାଗରୁ ଟଙ୍କା ହଡ଼ପ କରାଯାଇଛି। ସ୍ଥାନୀୟ ମୁଜାଫରପୁରର ମୁଶହରି ଅଞ୍ଚଳର ଛୋଟି କୋଠିଆ ଗାଁର ୬୫ ବର୍ଷ ବୟସ୍କା ଶାନ୍ତି ଦେବୀଙ୍କ ନାମରେ ଏହି ଟଙ୍କା ହଡ଼ପ କରାଯାଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ ପ୍ରସୂତୀଙ୍କୁ ୧୪ ଶହ ଟଙ୍କା ଦେବାର ଯୋଜନା ଥିବାବେଳେ ୧୩ ମାସରେ ଶାନ୍ତି ଦେବୀଙ୍କ ନାମରେ ୮ଥର ପ୍ରସବକାଳୀନ ସହାୟତା ସ୍ୱାସ୍ଥ୍ୟ ବିଭାଗରୁ ଲୁଟ କରାଯାଇଛି। ଶାନ୍ତି ଦେବୀଙ୍କ ବ୍ୟାଙ୍କ ଖାତାରେ ୨୦୧୯ ଜୁଲାଇଠାରୁ ୨୦୨୦ ଅଗଷ୍ଟ ମଧ୍ୟରେ ୮ ଥର ପ୍ରସବକାଳୀନ ସହାୟତା ଟଙ୍କା ସ୍ୱାସ୍ଥ୍ୟ ବିଭାଗରୁ ଆସିଛି। ଏହା ଜଣାପଡ଼ିବା ପରେ ଏବେ ଖୋଳତାଡ଼ ଆରମ୍ଭ ହୋଇଛି। ସୋସିଆଲ୍ ମିଡ଼ିଆରେ ଖବର ପ୍ରଚାର ହେବା ପରେ ସ୍ୱାସ୍ଥ୍ୟ ବିଭାଗର ଅକଲ ଗୁଡୁମ୍ ହୋଇଯାଇଛି।


ଶାନ୍ତି ଦେବୀ


ମନେ ପଡ଼ନ୍ତି

ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସୌମେନ୍ଦ୍ର ସାହୁ (ସମର)
ଦୋରବାଙ୍ଗ
ଆବିର୍ଭାବ: ୨୦।୦୬।୧୯୮୧
ତିରୋଧାନ: ୨୨।୦୮।୨୦୦୯
(ବାଳି ତୃତୀୟା)
ତୁମର ଅମରାତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ।

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ପଠାଣି ସାହୁ
ଟାଙ୍ଗିବନ୍ତ, ଖୋର୍ଦ୍ଧା।
ଆବିର୍ଭାବ: ୦୬।୦୭।୧୯୩୦
ତିରୋଧାନ: ୦୨।୦୯।୨୦୧୯
ଆପଣଙ୍କ ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପରିବାରବର୍ଗ।

# ଭଗବାନ ବିଷ୍ଣୁ ଓ ପ୍ରଭୁ ଗଣେଶଙ୍କ କଥା

ଗପ

ଭଗବାନ ବିଷ୍ଣୁଙ୍କ ନିକଟରେ ଶଙ୍ଖଟିଏ ସଦାସର୍ବଦା ରହିଥାଏ। ଦିନକର କଥା, ଭଗବାନ ବିଷ୍ଣୁ ଜାଣିବାକୁ ପାଇଲେ ଯେ ତାଙ୍କର ପ୍ରିୟ ଶଙ୍ଖଟି କେଉଁଠାରେ ରହିଯାଇଛି। ଯେତେ



ଖୋଜିଲେ ବି ତାହା କେଉଁଠି ମିଳୁନାହିଁ। ଭଗବାନ ବିଷ୍ଣୁଙ୍କୁ ଘଟଣାଟି ବ୍ୟସ୍ତ ବିବ୍ରତ କରିଦେଲା। ସେ ତାଙ୍କର ପାରୁ ପର୍ଯ୍ୟନ୍ତ ନିଜର ଅତି ଆପଣାର ତଥା ପ୍ରିୟ ଶଙ୍ଖଟିକୁ ଖୋଜିବାକୁ ଲାଗିଲେ। ଭଗବାନ ବିଷ୍ଣୁ ହଠାତ୍ ଦୂରରୁ ନିଜ ପ୍ରିୟ ଶଙ୍ଖର ଶବ୍ଦ ଶୁଣିବାକୁ ପାଇଲେ। ଶେଷରେ ସେ ଅନୁଭବ କରି ଜାଣିବାକୁ ପାଇଲେ ଶଙ୍ଖର ଶବ୍ଦ କୈଳାସ ପର୍ବତରୁ ହିଁ ଆସୁଛି। ଭଗବାନ ବିଷ୍ଣୁ କୈଳାସ ପର୍ବତରେ ପହଞ୍ଚି ଦେଖିଲେ ଯେ, ପ୍ରଭୁ ଗଣେଶ ତାଙ୍କର ଶଙ୍ଖଟିକୁ ନେଇ ବଜାଇବାରେ ବ୍ୟସ୍ତ ଅଛନ୍ତି। ପ୍ରଭୁ ଗଣେଶ ସହଜରେ ଶଙ୍ଖଟିକୁ ଫେରାଇବେ ନାହିଁ ବୋଲି ଜାଣି ଭଗବାନ ବିଷ୍ଣୁ ମହାପ୍ରଭୁ ଭଗବାନ ଭୋଳାନାଥଙ୍କ ନିକଟକୁ ଗଲେ। ପ୍ରଭୁ ଗଣେଶଙ୍କୁ ଶଙ୍ଖ ଫେରାଇବା ପାଇଁ କହିବାକୁ ଭୋଳାନାଥଙ୍କ ନିକଟରେ ବିଷ୍ଣୁ ଅନୁରୋଧ କଲେ। ଭଗବାନ ବିଷ୍ଣୁଙ୍କ କଥା ଶୁଣି ମହାପ୍ରଭୁ ଭୋଳାନାଥ କହିଲେ, ମୋ କଥା ବି ଗଣେଶ ଶୁଣିବେ ନାହିଁ। ଏହାର ଏକମାତ୍ର ସମାଧାନ ଅଛି। ଆପଣ ଯଦି ଗଣେଶଙ୍କ ପୂଜା କରିପାରିବେ, ତେବେ ଆପଣ ଆପଣଙ୍କ ଶଙ୍ଖ ନିଶ୍ଚୟ ଗଣେଶଙ୍କ ନିକଟରୁ ପାଇପାରିବେ। ମହାପ୍ରଭୁ ଭଗବାନ ଶିବଶଙ୍କରଙ୍କ ମୁଖରୁ ଭଗବାନ ବିଷ୍ଣୁ ଗଣେଶଙ୍କ ପାଇଁ ପୂଜା କରିବାକୁ ରାଜି ହୋଇଗଲେ। ସେ ଏହାପରେ ପୂଜା ପାଇଁ ସମସ୍ତ ସାମଗ୍ରୀ ସଂଗ୍ରହ କରି ହୃଦୟତାର ସହିତ ଗଣେଶଙ୍କୁ ପୂଜା କଲେ। ଏହା ଦେଖି ପ୍ରଭୁ ଗଣେଶ ଅତ୍ୟନ୍ତ ଆନନ୍ଦିତ ହୋଇ ଭଗବାନ ବିଷ୍ଣୁଙ୍କୁ ତାଙ୍କର ଶଙ୍ଖଟିକୁ ଫେରାଇ ଦେଲେ।

**–ସୁଶାନ୍ତ କୁମାର ନନ୍ଦ**
ମାରଡ଼ା, ସାଲେପୁର, କଟକ

## ଖିଲିଖିଲି ହସ

ଥରେ ଦୀପକୁ ଗୋପାଳ କହିଲା, ଆରେ ଜାଣିଛୁ, ମୋ ବାପାଙ୍କ ଆଗରେ ସମସ୍ତେ ମୁଣ୍ଡ ନୁଆଁନ୍ତି। ଏକଥା ଶୁଣି ଦୀପୁ ପଚାରିଲା, କାହିଁକି, ତୋ ବାପା ଏମିତି କି ଚାକିରି କରିଛନ୍ତି କି ? ଗୋପାଳ କହିଲା, 'ତୁ ଜାଣିନୁ, ମୋ ବାପା ହେଉଛନ୍ତି ବାରିକ। ତେଣୁ ଚୁଟି କାଟିଲା ବେଳେ ଯେ କେହି ମୁଣ୍ଡ ନୁଆଁନ୍ତି।

ଥରେ ଗୋଟିଏ ଜାଗାରେ ଯାତ୍ରା ଅନୁଷ୍ଠିତ ହେଉଥାଏ। ଏତିକି ବେଳେ ଜଣେ ପୋଲିସ ଅଫିସର ଏକ ଚା' ଦୋକାନ ପାଖରେ ଠିଆ ହୋଇ ଚା' ପିଉଥାଆନ୍ତି। ଏହି ସମୟରେ ଜଣେ ବ୍ୟକ୍ତି ଦୌଡ଼ି ଆସି କହିଲା, 'ପୋଲିସବାବୁ, ମୋତେ ରକ୍ଷା କରନ୍ତୁ। ଚୋରମାନେ ମୋ ଘରେ କଳାକନା ବୁଲାଇ ଦେଲେ। ସେମାନେ ମୋତେ ମାରିବାକୁ ଗୋଡାଇଛନ୍ତି। ମୁଁ ଦୌଡ଼ି ଦୌଡ଼ି ଏ ପର୍ଯ୍ୟନ୍ତ ଚାଲି ଆସିଛି। ପୋଲିସ ଅଫିସର ଜଣକ ଏକଥା ଶୁଣି କହିଲେ, 'ହେଲେ ମୁଁ କିଛି କରିପାରିବି ନାହିଁ। କାରଣ ମୁଁ ସତସତିକା ପୋଲିସ ଅଫିସର ନୁହେଁ। ମୁଁ ଏହି ଯାତ୍ରାପାର୍ଟିର ଜଣେ କଳାକାର।

**(ଏକ ମିଠା ଦୋକାନରେ ସୋନୁ ଆଉ ମନୁ ମଧ୍ୟରେ କଥାବାର୍ତ୍ତା)**

ସୋନୁ : ଆରେ ମନୁ , ତୁ ମିଠା ଖାଇବାକୁ ଭଲ ପାଉ ?
ମନୁ : ହଁ, କାହିଁକି, ତୁ ମିଠା ଖାଇବୁ କି ?
ସୋନୁ : ମୋର ତ ମନ ହେଉଛି। ସେଥିପାଇଁ ତୁମ ଦୋକାନକୁ ଆସିଛି। ହେଲେ ତୁମ ବାପା ମୋତେ ମିଠା ଖାଇବାକୁ ଦେଉନାହାନ୍ତି।
ମନୁ : ଆରେ ମୋର ବି ଏକା ଅବସ୍ଥା। ତେଣୁ ଦୋକାନରେ ବାପା ନ ଥିବା ବେଳେ ମୁଁ ସୁବିଧା ଦେଖି ମିଠାକୁ ଚାଟି ପୁଣି ସେହି ସ୍ଥାନରେ ରଖିଦିଏ।

## ଟଗଲା ଭୀମୁ




## ଆଇନା




# ଗଣପତି ପ୍ରକଟ ହେଲେ

ପ୍ରାଚୀନ କାଳରେ ସିନ୍ଧୁ ପ୍ରଦେଶର ପଲ୍ଲୀ ନଗରୀରେ କଲ୍ୟାଣ ନାମକ ଜଣେ ଧନୀ ବ୍ୟକ୍ତି ରହୁଥାନ୍ତି। ସେ ଗଣେଶଙ୍କର ବଡ଼ ଭକ୍ତ। ବିବାହ କରିବାର ବହୁଦିନ ପରେ ତାଙ୍କର ପୁଅଟିଏ ଜନ୍ମ ହେଲା। ତାଙ୍କ ନାଁ ରଖିଲେ ବଲ୍ଲାଳ। ବଲ୍ଲାଳ ବି ତାଙ୍କ ପିତାଙ୍କ ପରି ଧାର୍ମିକ ସ୍ୱଭାବର ହେଲେ। ଥରେ ଗଣେଶ ଚତୁର୍ଥୀରେ ସେ ସାଙ୍ଗମାନଙ୍କୁ କହିଲା, ଚାଲ ଆମେମାନେ ମିଶି ଭଗବାନ ବିଘ୍ନେଶ୍ୱରଙ୍କ ପୂଜା କରିବା। ତାଙ୍କୁ ପୂଜା କଲେ ଆମର ସବୁ ସଙ୍କଟ ଦୂର ହୋଇଯିବ।

ତା'ପରେ ବଲ୍ଲାଳ ସରୋବର ନିକଟରେ ଗୋଟେ ପଥରକୁ ଶ୍ରୀଗଣେଶଙ୍କର ଶ୍ରୀବିଗ୍ରହ କରି ସାଙ୍ଗମାନଙ୍କ ସହିତ ପୂଜା ଅର୍ଚ୍ଚନାରେ ମାତିଗଲେ। ପୂଜା ଉପାସନାରେ ସେ ଓ ସାଙ୍ଗମାନେ ଏଭଳି ମଜ୍ଜିଗଲେ ଯେ ଖାଇବା ପିଇବା ଭୁଲିଗଲେ। ଫଳରେ ବଲ୍ଲାଳ ସହ ସାଙ୍ଗମାନଙ୍କ ସ୍ୱାସ୍ଥ୍ୟ ହାନି ହେଲା। ତାଙ୍କ ସାଙ୍ଗର ଅଭିଭାବକମାନେ କଲ୍ୟାଣଙ୍କ ପାଖରେ ପହଞ୍ଚି ଅଭିଯୋଗ କରି କହିଲେ, ବଲ୍ଲାଳଙ୍କୁ ବନ ମଧ୍ୟକୁ ଯିବା ପାଇଁ ନ ରୋକିଲେ ରାଜାଙ୍କୁ ଜଣାଇ ପଲ୍ଲୀ ନଗରୀରୁ ବାହାର କରିଦେବେ। ଲୋକମାନଙ୍କର ଧମକରେ କଲ୍ୟାଣ ବଡ଼ ଚିନ୍ତାରେ ପଡିଗଲେ। ତା' ପରଦିନ କଲ୍ୟାଣ ତାଙ୍କ ପୁଅକୁ କହିଲେ 'ଦେଖ ବଲ୍ଲାଳ ତୁ ଯାହା କରିଛୁ ପିଲା ବୁଦ୍ଧିରେ କରିଦେଇଛୁ। ଏଇଟା ଗୋଟାଏ ପଥରଟିଏ। ଏଥିରେ ଅସଲି ଶ୍ରୀଗଣେଶ କୋଉଠୁ ଆସିବେ ?' ଏହାପରେ ବଲ୍ଲାଳ କହିଲେ ''ବାପା ତୁମେ ଯାହା କହୁଛ ସତ




କିନ୍ତୁ ତୁମ କଥାରେ ମୁଁ ଶ୍ରୀଗଣେଶଙ୍କୁ ପୂଜା କରିବା ଛାଡି ପାରିବିନି।'

ଶେଷରେ କଲ୍ୟାଣ ଖୁବ୍ ରାଗିଯାଇ ବଲ୍ଲାଳଙ୍କୁ ବହୁତ ପିଟିଲେ ଓ ସେଇଠାରେ ଗୋଟେ ଗଛରେ ବାନ୍ଧିଦେଇ ଘରକୁ ଫେରିଗଲେ। ବଲ୍ଲାଳ ଗଛରେ ବନ୍ଧାହୋଇ କାନ୍ଦି କାନ୍ଦି କହୁଥାଏ, 'ତୁମେ ବାନ୍ଧିଦେଇ ଚାଲିଗଲେ କ'ଣ ହେବ, ଦୟାମୟ ମୋର ରକ୍ଷା ନିଶ୍ଚୟ କରିବେ।' ବଲ୍ଲାଳର ନିଶ୍ଚିତ କଥାରେ ସତକୁ ସତ ପାଷାଣ ମଧ୍ୟରୁ ଶ୍ରୀଗଣେଶ ପ୍ରକଟ ହୋଇ କହିଲେ, 'ତୋର ପ୍ରଗାଢ ନିଷ୍ଠା ଓ ଭକ୍ତିରେ ମୋତେ ତୋ ନିକଟକୁ ଆସିବାକୁ ପଡିଲା।' ତା'ପରେ ସେ ବଲ୍ଲାଳକୁ ବନ୍ଧନ ମୁକ୍ତ କରି ଆଲିଙ୍ଗନରେ ଭିଡି ଧରିଲେ। ବଲ୍ଲାଳ ଶ୍ରୀଗଣେଶଙ୍କର ସ୍ତୁତି ଗାନ କରିବାକୁ ଲାଗିଲା। ଗଜାନନ ତାକୁ ଅଭୟ ପ୍ରଦାନ କରି ଅନ୍ତର୍ଦ୍ଧାନ ହୋଇଗଲେ।

(ସିନ୍ଧୁ ପ୍ରଦେଶର ଲୋକକଥା)

**–ସୁଧାଂଶୁ ଶେଖର ଦ୍ୱିବେଦୀ**
**ବିସି–୭୪,ସଲଟ ଲେକ୍, କଲିକତା–୬୪**

## କବିତା

### ଅଗ୍ରପୂଜ୍ୟ

ଜୟଜୟ ଗଣନାଥ
ଜୟ ଗୌରୀସୁତ,
ସର୍ବ ଶୁଭ କାର୍ଯ୍ୟେ
ଆହେ ପ୍ରଥମେ ପୂଜିତ।
ଭାଦ୍ରବ ମାସର ଶୁକ୍ଳ
ଚତୁର୍ଥୀ ତିଥିରେ,
ବିଘ୍ନହର୍ତ୍ତାଙ୍କର ପୂଜା
କରୁ ଭକତିରେ।
ଛାତ୍ରୀଛାତ୍ର ବଡି ଭୋରୁ
ଫୁଲ ମାଳ କରି,
ବିଦ୍ୟାଳୟକୁ ଯାଆନ୍ତି
ଭୋଗରାଗ ଧରି।
ଗଣେଶଙ୍କୁ ପୂଜା କରି
ନଡିଆ ବାଡାନ୍ତି,
ବିଦ୍ୟାବୁଦ୍ଧି ଦିଅ କହି
ଆଶିଷ ମାଗନ୍ତି।
ବିଦ୍ୟାଳୟେ ଏହି ବର୍ଷ
ପୂଜା ହେବା ମନା,
ଘରେ ଶୁଦ୍ଧପୂତ ଭାବେ
କରୁ ଅଚରନା।
ମୂଷିକ ବାହନ ପ୍ରଭୁ
ଘେନ ପ୍ରଣିପାତ
ବିଶ୍ୱରୁ ଏ ମହାମାରୀ
କର ହେ ଦୂରିତ।
ଗଣେଶଙ୍କ ପୂଜା ଛାତ୍ର
ନିର୍ବିଘ୍ନେ କରନ୍ତୁ,
ବିଦ୍ୟା ଅଧ୍ୟୟନେ ରତ୍ନ
ଆନନ୍ଦେ ହୁଅନ୍ତୁ।

**–ସବିତା ମଞ୍ଜରୀ ଦାଶ**
୭/ଡି–୧୩୧୦, ସେକ୍ଟର–୯
ବିଡ଼ାନାସୀ, କଟକ

### ଶ୍ରୀ ଗଣେଶ

ବିଘ୍ନ ବିନାଶକ ହର ଗୌରୀ ପୁତ
କରୁଛୁ ତୁମ ବନ୍ଦନା
ମୂଷିକ ବାହନେ ଗଜମୁଖ ଧାରୀ
ଘେନ ଆମ ଆରାଧନା।
ବିଦ୍ୟା ବୁଦ୍ଧିଦାତା ସଙ୍କଟ ହରତା
ବିନାୟକ ଲମ୍ବୋଦର
ଦେବଗଣ ମଧ୍ୟେ ପ୍ରଥମେ ଯେ ପୂଜ୍ୟ
ସକଳ ଶକ୍ତି ଆଧାର।
କୁବେର ଦେବଙ୍କ ଅହଙ୍କାର ଭାଙ୍ଗି
ଦେଇଥିଲ ତାକୁ ଶିକ୍ଷା
ନିମିଷକେ ତୁମେ ବ୍ରହ୍ମାଣ୍ଡ ବୁଲିଲ
ବ୍ରହ୍ମାଣ୍ଡ ଯେ ପିତା ମାତା।
ତୁମ ପାଦ ପଦ୍ମେ ଥାଉ ମନ ଲୟ
କାମନା ଏତିକି ମୋର
ତୁମରି ଆଶିଷେ ଏ ଭବସାଗରୁ
ଦୁଃଖ କଷ୍ଟ ହେଉ ଦୂର।

**–ସୁବ୍ରତ ମଲିକ**
ମଙ୍ଗଳପୁର, ଅସୁରାଳି, ଭଦ୍ରକ

### ବିଜେ ହୁଅ ବିଘ୍ନରାଜ

ଭାଦ୍ରବ ମାସର ଶୁକ୍ଳ ଚତୁର୍ଦ୍ଦଶୀ
ବିଦ୍ୟାଳୟ ହୁଏ ସଜ
ବିଦ୍ୟାର୍ଥୀ ପୂଜନ୍ତି ତୁମ୍ଭକୁ ହେ ପ୍ରଭୁ
ବିଜେ ହୁଅ ବିଘ୍ନରାଜ।
ତୁମକୁ ପୂଜିଲେ ଆହେ ବିନାୟକ
ବିଘ୍ନ ଯେତେ ହୁଏ ଦୂର
ଦୁଃଖର ସାଗରେ ସୁଖ ଦେଖାଦିଏ
ସେ ହୁଅଇ ହସପୁର।
ତୁମ ଆରାଧନା କରିଲେ ପ୍ରଭୁ ହେ
ସରଗର ସୁଖ ମିଳେ



ଶୁଭ ହୋଇଥାଏ ଜୀବନର ପଥ
ତୁମରି ଆଶିଷ ବଳେ।
ଅଗ୍ରପୂଜ୍ୟ ତୁମେ ସର୍ବଦେବ ମଧ୍ୟେ
ପ୍ରଣାମ ଆମ୍ଭର ଘେନ
ତୁମର ଅପାର ଆଶିଷ କୃପାରୁ
କରିବେନି ପ୍ରଭୁ ପ୍ରଭୁ ଆନ।

**–ଲକ୍ଷ୍ମୀଧର ନାୟକ**
ବାଉଁଶିଆପଡ଼ା, ନୟାଗଡ଼

### ବିଦ୍ୟାର ଦେବତା

ଆହେ ଗଜାନନ ମୂଷିକ ବାହନ
ଆସ ଅବତାରି ଆସ,
ତମ ଆଗମନେ ଏ ମରତ ଧାମେ
ହସିବ ବରଷ ମାସ ।
ତମେ ପରା ପ୍ରଭୁ ବିଦ୍ୟାର ଦେବତା
ସରବେ କରନ୍ତି ଭକ୍ତି,
ସବୁ ଧନଠାରୁ ବିଦ୍ୟା ଧନ ବଡ
ଅରଜିଲେ ମିଳେ ଖ୍ୟାତି ।
ସଜାଡି ରଖିଛି କଦଳୀ,ନଡିଆ
ସୁଆଦିଆ ଲଡୁ ଭୋଗ,
ପୂଜା ଥାଳିଆରେ ଧୂପ,ଦୀପ,ଝୁଣା
ନାନାଦି ପୂଜାର ଦିଗ ।
ସବୁ ବିପଦରୁ ରକ୍ଷାକର ବୋଲି
ନାମ ବିଘ୍ନ ବିନାଶନ,
ଆସ ଗଣପତି ଦିଅ ବିଦ୍ୟା ବୁଦ୍ଧି
କରୁଛି ମୁଁ ନିବେଦନ ।

**–ଶରତ କୁମାର ଦାସ**
ଅଧ୍ୟାପକ, ବଡ଼ବିଲ ମହାବିଦ୍ୟାଳୟ
ବଡ଼ବିଲ, କେନ୍ଦୁଝର

### ଗଜାନନ

ନମୋଃ ନମଃ ଗଜାନନ
ବିଦ୍ୟାଦାତା ଭଗବାନ
ଜୟ ପାର୍ବତୀ ନନ୍ଦନ,
ଏ ଧରା ଧାମକୁ ଆସ ହେ ଓହ୍ଲାଇ
ଚଢ଼ି ମୂଷିକ ବାହନ।
ଭାଦ୍ରବର ଶୁକ୍ଳପକ୍ଷ
ଚତୁର୍ଥୀରେ ଜନ୍ମଦିନ
ଜୟ ଗିରିଜା ନନ୍ଦନ,
ପାପ ହାରୀ ତୁମେ ଏହି ଜଗତରୁ
ପାପୀ କର ଅବସାନ।
ଏକଦନ୍ତ ବିଘ୍ନହର୍ତ୍ତା
ତୁମେ ଯେ ଜଗତଜିତା
ଜୟ ପ୍ରଭୁ ଗଣପତି,
ତୁମରି ଆଶିଷେ ପଙ୍ଗୁ ଲଙ୍ଘେ ଗିରି
ତୁମଠି ସକଳ ଶକ୍ତି।
ଲମ୍ବୋଦର ବିନାୟକ
ତ୍ରାହି ତ୍ରାହି ହେଲେ ଲୋକ
ନିଅ ତୁମେ ଅବତାର,
କରୋନା ରୂପକ ଏ ମହାମାରୀକୁ
ପ୍ରଭୁ ହେ ସଂହାର କର।

**–ରାକେଶ ମାହାଣା**
ବାଲିପାଟଣା, ଖୋର୍ଦ୍ଧା

## ମତାମତ

ଗତ ସପ୍ତାହରେ 'ଗିନିଜ ୱାର୍ଲ୍ଡ ରେକର୍ଡ' ସ୍ତମ୍ଭରେ ପ୍ରକାଶିତ ବିଷୟଟିକୁ ପଢ଼ି ସେ ବିଷୟରେ ଅନେକ କଥା ଜାଣିହେଲା।

*–ତୃପ୍ତିରାଣୀ ସାହୁ, ନୟାଗଡ*

➤'ଖିଲିଖିଲି ହସ' ସ୍ତମ୍ଭରେ ପ୍ରକାଶିତ ହସ କଥା ପଢ଼ି ଭଲ ଲାଗୁଛି

*–ଅମନ କୁମାର, ରେଢ଼ାଖୋଲ*

➤ଏହି ପୃଷ୍ଠାରେ ପ୍ରକାଶ ପାଉଥିବା ଗପଗୁଡିକ ବେଶ୍ ଶିକ୍ଷଣୀୟ ହୋଇପାରୁଛି।

*–ସୁବୋଧ ସାହୁ, କଟକ*


➤ଗତ ସପ୍ତାହରେ ଏହି ପୃଷ୍ଠାର 'ଆଇନା' ସ୍ତମ୍ଭରେ ପ୍ରକାଶିତ ଫଟୋ ବେଶ୍ ସୁନ୍ଦର ହୋଇଥିଲା।

*–ତନ୍ମୟ ଦାସ, ଯାଜପୁର*

➤'ତୁମ ତୂଳୀରୁ' ସ୍ତମ୍ଭରେ ପ୍ରକାଶିତ ଚିତ୍ରଗୁଡିକ ବେଶ୍ ସୁନ୍ଦର ଲାଗୁଛି।

*–ପ୍ରକୃତି ମହାନ୍ତି, ବଲାଙ୍ଗୀର*


## ତୁମ ତୂଳୀରୁ



**ଆଦର୍ଶ ସିଂସାମନ୍ତ**
କ୍ଲାସ–୨, ଡି.ଏମ୍.
ପବ୍ଲିକ୍ ସ୍କୁଲ, ଭୁବନେଶ୍ୱର



**ଆଦ୍ୟାଶା ପ୍ରିୟଦର୍ଶିନୀ ଦେଠୀ**
କ୍ଲାସ–୫, ସରସ୍ୱତୀ ଶିଶୁ
ବିଦ୍ୟାମନ୍ଦିର,ବାଲିପାଟଣା,
ଖୋର୍ଦ୍ଧା



**ଅଂଶୁମାନ ମିଶ୍ର**
କ୍ଲାସ–୩, ଡିଏଭି ପବ୍ଲିକ
ସ୍କୁଲ, ପୋଖରୀପୁଟ,
ଭୁବନେଶ୍ୱର



**ସ୍ୱୟମ ଶୁଭଦର୍ଶନ**
କ୍ଲାସ–୭, ସେଣ୍ଟ ଜାଭିୟର୍ସ
ହାଇ ସ୍କୁଲ, ସତ୍ୟନଗର,
ଭୁବନେଶ୍ୱର



**ଅନିଶା ଦାସ**
କ୍ଲାସ–ୟୁକେଜି, ଡିଏଭି
ପବ୍ଲିକ ସ୍କୁଲ, ୟୁନିଟ୍–୮,
ଭୁବନେଶ୍ୱର



**ସୋନିସ୍ମିତା ମିଶ୍ର**
କ୍ଲାସ–୭, ଗୋପାଳଜୀଉ
ୟୁପି ସ୍କୁଲ, କେନ୍ଦ୍ରାପଡା

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/18-20. ଶନିବାର, ଅଗଷ୍ଟ ୨୨/୨୦୨୦ Saturday, August 22/2020

# ମୀରାବାଈ, ସାକ୍ଷୀଙ୍କ ନାମ ବାଦ୍ ଦିଆଗଲା


ମୀରାବାଈ ଚାନୁ


ସାକ୍ଷୀ ମଲିକ

**ନୂଆଦିଲ୍ଲୀ, ୨୧।୮(ପି.ଟି.)**

ଚଳିତ ବର୍ଷର ଜାତୀୟ କ୍ରୀଡ଼ା ପୁରସ୍କାର ପାଇଁ ମନୋନୀତ କ୍ରୀଡ଼ାବିତ୍‌ଙ୍କ ନାମ ତାଲିକାକୁ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ଶୁକ୍ରବାର ଆନୁଷ୍ଠାନିକ ଭାବେ ଅନୁମୋଦନ କରିଛି। ଅବସରପ୍ରାପ୍ତ ବିଚାରପତି ମୁକୁନ୍ଦକମ୍ ଶର୍ମାଙ୍କ ନେତୃତ୍ୱରେ ଗଠିତ ଚୟନ କମିଟି ଗତ ୧୮ ତାରିଖରେ ୨୯ ଜଣଙ୍କ ନାମ ଅର୍ଜୁନ ପୁରସ୍କାର ପାଇଁ ସୁପାରିସ କରିଥିଲେ। ଏହି ତାଲିକା ମଧ୍ୟରେ ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ପାଇ ସାରିଥିବା ଭାରୋତ୍ତୋଳିକା ମୀରାବାଈ ଚାନୁ ଓ ରେସଲର ସାକ୍ଷୀ ମଲିକଙ୍କ ନାମ ମଧ୍ୟ ସାମିଲ ଥିଲା। ଏହି ଦୁଇଜଣଙ୍କ ସମ୍ପର୍କରେ କ୍ରୀଡ଼ାମନ୍ତ୍ରଣାଳୟ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି କୁହା ଯାଇଥିଲା। ମାତ୍ର ରିଓ ଅଲିମ୍ପିକ୍ସ ବ୍ରୋଞ୍ଜ ମେଡାଲିଷ୍ଟ ସାକ୍ଷୀ ଏବଂ ୨୦୧୭ ଭାରୋତ୍ତୋଳନ ବିଶ୍ୱଚାମ୍ପିୟନ ମୀରାବାଈ ପୂର୍ବରୁ ଦେଶର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ (ଖେଳରତ୍ନ) ପାଇ ସାରିଥିବାରୁ ସେମାନଙ୍କ ନାମକୁ କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ ଅର୍ଜୁନ ତାଲିକାରୁ ବାଦ୍ ଦେଇଛନ୍ତି। ଫଳରେ ଏଥର ୨୭ ଜଣ ଅର୍ଜୁନ ପୁରସ୍କାର ପାଇବା ସ୍ପଷ୍ଟ ହୋଇଛି। ଅର୍ଜୁନ ପୁରସ୍କାର ପାଇଁ ମୀରାବାଈ ଓ ସାକ୍ଷୀଙ୍କ ନାମ ସୁପାରିସକୁ ନେଇ ପ୍ରଶ୍ନ ଉଠିଥିଲା। ସାକ୍ଷୀ ୨୦୧୬ ଓ ମୀରାବାଈ ୨୦୧୮ରେ ଖେଳରତ୍ନ ପୁରସ୍କାର ପାଇଥିଲେ। ଚୟନ କମିଟି ଚଳିତ ବର୍ଷର ଖେଳରତ୍ନ ପୁରସ୍କାର ପାଇଁ ସର୍ବାଧିକ ୫ ଖେଳାଳିଙ୍କ ନାମ ମନୋନୀତ କରିଥିଲେ। ତାହାକୁ କ୍ରୀଡ଼ା ମନ୍ତ୍ରଣାଳୟ ସ୍ୱୀକୃତି ଦେଇଛି।

**ଅର୍ଜୁନ ପୁରସ୍କାର**

## ରାଜୀବ ଗାନ୍ଧୀ ଖେଳରତ୍ନ

ରୋହିତ ଶର୍ମା(କ୍ରିକେଟ), ଭିନେଶ ଫୋଗତ(ରେସଲିଂ), ମାନିକା ବାତ୍ରା(ଟେବୁଲ ଟେନିସ), ରାଣୀ ରାମପାଲ(ହକି), ମାରିଆପ୍ପାନ ଥାଙ୍ଗାଭେଲୁ (ପାରା ଆଥଲେଟିକ୍ସ-ହାଇଜମ୍ପ)।

## ଅର୍ଜୁନ ପୁରସ୍କାର

ଅତନୁ ଦାସ(ଆର୍ଚେରି), ଦୂତୀ ଚାନ୍ଦ(ଆଥଲେଟିକ୍ସ), ଚିରାଗ ସେଟ୍ଟୀ(ବ୍ୟାଡ୍‌ମିଣ୍ଟନ), ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ (ବ୍ୟାଡ୍‌ମିଣ୍ଟନ), ଭିଶେଷ ଭୃଗୁବଂଶୀ(ବାସ୍କେଟବଲ), ସୁବେଦାର ମନୀଶ କୌଶିକ(ବକ୍ସିଂ), ଲଭଲିନା ବୋରଗୋହେନ (ବକ୍ସିଂ), ଈଶାନ୍ତ ଶର୍ମା(କ୍ରିକେଟ), ଦୀପ୍ତି ଶର୍ମା(କ୍ରିକେଟ), ସାୱନ୍ତ ଅଜୟ ଅନନ୍ତ(ଇକ୍ୱେଷ୍ଟ୍ରେନ), ସନ୍ଦେଶ ଝିଙ୍ଗାନ(ଫୁଟବଲ), ଅଦିତୀ ଅଶୋକ(ଗଲ୍ଫ), ଆକାଶଦୀପ ସିଂ(ହକି), ଦୀପିକା(ହକି), ଦୀପକ ହୁଡା (କବାଡ଼ି), କାଲେ ସାରିକା ସୁଧାକର (ଖୋ ଖୋ), ଦତ୍ତୁ ବାବନ ଭୋକାନଲ(ରୋଇଂ), ମନୁ ଭାକର(ଶୁଟିଂ), ସୌରଭ ଚୌଧାରୀ(ଶୁଟିଂ), ମଧୁରିକା ସୁହାସ ପାଟକର(ଟେବୁଲ ଟେନିସ), ଡିଭିଜ ସରନ(ଟେନିସ), ଶିବ କେଶବନ(ୱିଣ୍ଟର ସ୍ପୋର୍ଟସ), ଦିବ୍ୟା କରଣ(ରେସଲିଂ), ରାହୁଲ ଆୱାରେ(ରେସଲିଂ), ସୁୟାଶ ନାରାୟଣ ଯାଦବ(ପାରା ସୁଇମିଂ), ସନ୍ଦୀପ ଚୌଧାରୀ (ପାରା ଆଥଲେଟିକ୍ସ), ମନୀଷ ନରୱାଲ(ପାରା ଶୁଟିଂ)।

# ଦୂତୀଙ୍କୁ କ୍ରୀଡ଼ାମନ୍ତ୍ରୀଙ୍କ ଅଭିନନ୍ଦନ

**ଭୁବନେଶ୍ୱର, ୨୧।୮ (ସ୍ପୋର୍ଟସ୍ ବ୍ୟୁରୋ):** କେନ୍ଦ୍ର କ୍ରୀଡା ମନ୍ତ୍ରଣାଳୟ ପକ୍ଷରୁ ଅର୍ଜୁନ ପୁରସ୍କାର ପାଇଁ ମନୋନୀତ ହୋଇଥିବା ଓଡ଼ିଶାର ଦ୍ରୁତତମ ଧାବିକା ଦୂତୀ ଚାନ୍ଦଙ୍କୁ ଇଲୋକ୍ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତିବିଦ୍ୟା, କ୍ରୀଡା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ଅଭିନନ୍ଦନ ଜଣାଇଛନ୍ତି। ନିଜର ଅଦମ୍ୟ ଇଚ୍ଛାଶକ୍ତି ଓ ପ୍ରଚେଷ୍ଟା ବଳରେ ସଫଳତାର ପାହାଚ ଚଢ଼ି ଚାଲିଥିବା ଦୂତୀ ଅର୍ଜୁନ ପୁରସ୍କାର ବିଜୟୀ ହୋଇ ସମଗ୍ର ଓଡ଼ିଶା ପାଇଁ ଗୌରବ ଆଣି ପାରିଛନ୍ତି ବୋଲି କ୍ରୀଡ଼ାମନ୍ତ୍ରୀ କହିଛନ୍ତି। ଓଡ଼ିଶା ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ଆଶୀର୍ବାଦ ବେହେରା ଓ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସମ୍ପାଦକ(ଇନ୍‌ଚାର୍ଜ) ଅଭିଜିତ ପାଲ ମଧ୍ୟ ଦୂତୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

**ତୃତୀୟ ଟେଷ୍ଟ**

# କ୍ରଲି ୧୭୧*, ବଟଲର ୮୭*

**ସାଉଥାମ୍ପଟନ, ୨୧।୮**

ଇଂଲଣ୍ଡ ଓ ପାକିସ୍ତାନ ମଧ୍ୟରେ ଚଳିତ ସିରିଜର ତୃତୀୟ କ୍ରିକେଟ ଟେଷ୍ଟ ଶୁକ୍ରବାର ସ୍ଥାନୀୟ ରୋଜ ବାଓଲ ଗ୍ରାଉଣ୍ଡରେ ଆରମ୍ଭ ହୋଇଛି। କ୍ୟାରିୟରର ୮ମ ଟେଷ୍ଟ ଖେଳୁଥିବା ଇଂଲଣ୍ଡର ୨୨ ବର୍ଷୀୟ ଜ୍ୟାକ କ୍ରଲି ଚମତ୍କାର ବ୍ୟାଟିଂ କରି ପ୍ରଥମଥରପାଇଁ ଶତକ ହାସଲ କରିଛନ୍ତି। ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ଇଂଲଣ୍ଡ ପ୍ରଥମ ଇନିଂସରେ ୪ ଉଇକେଟ ହରାଇ ୩୩୨ ରନ ସଂଗ୍ରହ କରିଛି। କ୍ରଲି ୧୭୧ ଓ ଜୋସ ବଟଲର ୮୭ ରନରେ ଅପରାଜିତ ରହିଛନ୍ତି। ଟେଷ୍ଟ କ୍ରିକେଟରେ ୨୨ ବର୍ଷୀୟ କ୍ରଲିଙ୍କର ଏହା ସର୍ବାଧିକ ସ୍କୋର। ପୂର୍ବରୁ ତାଙ୍କର ସର୍ବାଧିକ ସ୍କୋର ଥିଲା ୭୬ ରନ। ଅସମାପ୍ତ ପଞ୍ଚମ ଉଇକେଟରେ ଦୁହେଁ ୨୦୫ ରନ୍‌ର ଭାଗିଦାରୀ ଗଢ଼ିଛନ୍ତି।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ଇଂଲଣ୍ଡ। ପୂର୍ବ ମ୍ୟାଚ ପରି ଏଥର ମଧ୍ୟ ରୋରି ବର୍ନ୍ସ ( ୬ ରନ) ବିଫଳ ହେବାରୁ ଦଳ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ସ୍କୋର ୧୨ ରନ ହୋଇଥିବାବେଳେ ଇଂଲଣ୍ଡକୁ ପ୍ରାରମ୍ଭିକ ଝଟ୍‌କା ଦେଇଥିଲେ ପାକିସ୍ତାନ ସ୍ପିଡ୍‌ଷ୍ଟର ଶାହିନ ଶାହ ଆଫ୍ରିଦୀ। ଡୋମିନିକ୍ ସିବ୍‌ଲେ ଓ କ୍ରଲି ସତର୍କତାର ସହିତ ବ୍ୟାଟିଂ କରି ଇନିଂସ ସମ୍ଭାଳିଥିଲେ। ଦ୍ୱିତୀୟ ଉଇକେଟରେ ୬୧ ରନ ଯୋଗ ହେବାପରେ ସିବ୍‌ଲେ ବ୍ୟକ୍ତିଗତ ୨୨(୪୭ ବଲ, ୧ ଚୌକା) ରନ କରି ସ୍ପିନର ୟାସିର ଶାହଙ୍କ ବଲ୍‌ରେ ଏଲବିଡବ୍ଲ୍ୟୁ ହୋଇ ଯାଇଥିଲେ। ଅଧିନାୟକ ଜୋ ରୁଟ୍ କ୍ରିଜ୍‌ରେ ଯୋଗଦେଇ ଇନିଂସ ସମ୍ଭାଳିବାକୁ ଉଦ୍ୟମ କରିଥିଲେ। ମାତ୍ର ସେ ୨୯(୫୧ ବଲ, ୩ ଚୌକା) ରନ କରି ନସିମ ଶାହଙ୍କ ବଲ୍‌ରେ ଉଇକେଟ କିପର ମହମ୍ମଦ ରିଜୱାନଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ମିଡଲ ଅର୍ଡରରେ ଓଲି ପୋପ୍(୩) ଫେଲ୍ ମାରିବାରୁ ଇଂଲଣ୍ଡ ୧୨୭ ରନରେ ୪ର୍ଥ ଉଇକେଟ ହରାଇଥିଲା। କ୍ରଲି କିନ୍ତୁ ଏକାଗ୍ରତା ନ ହରାଇ ପାକ୍ ବୋଲରଙ୍କୁ ସଫଳ ମୁକାବିଲା କରିଥିଲେ। ୮୦ଟି ବଲ୍ ଖେଳି ସେ ୪ ଚୌକା ସହାୟତାରେ ଅର୍ଦ୍ଧଶତକ ଏବଂ ୧୭୧ ବଲ୍ ଖେଳି ୧୧ ଚୌକା ସହ ଶତକ ପୂରଣ କରିଥିଲେ। କ୍ରଲିଙ୍କ ସହ ଯୋଗଦେଇ ଉଇକେଟ କିପର ଜୋସ୍ ବଟଲର ଇଂଲଣ୍ଡ ଇନିଂସକୁ ଆଗେଇ ନେଇଥିଲେ। ପାକିସ୍ତାନ ପକ୍ଷରୁ ୟାସିର ଶାହ ୨ଟି ଏବଂ ଶାହିନ ଶାହ ଆଫ୍ରିଦୀ ଓ ନସିମ ଶାହ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଇଂଲଣ୍ଡ ଏହି ମ୍ୟାଚରେ ଗୋଟିଏ ପରିବର୍ତ୍ତନ ସହ ପଡ଼ିଆକୁ ଓହ୍ଲାଇଥିଲା। ସାମ୍ କୁରାନଙ୍କ ସ୍ଥାନରେ ଜୋଫ୍ରା ଆର୍ଚର ଚୂଡ଼ାନ୍ତ ଏକାଦଶରେ ସୁଯୋଗ ପାଇଥିଲେ।


ଜ୍ୟାକ କ୍ରଲି




BIG SAVINGS EECO CARGO ₹35100* SUPER CARRY ₹45100*
EECO CARGO SUPER CARRY
For Institutional Sales / Bulk Deal / GeM enquiries, please contact: Mr Ramakrushna Panda - 7381034040 or email at ramakrushna.panda@maruti.co.in

| ANGUL | BHUBANESWAR | CUTTACK | BARGARH | JEYPORE | BALASORE | ROURKELA |
|---|---|---|---|---|---|---|
| ODYSSEY MOTORS | JYOTE MOTORS | NARAYANI MOTORS | ODYSSEY MOTORS | LEGEND CARS | JYOTE MOTORS | ORBIT MOTORS |
| Near Cineplex, NH 55, Kandasar, Angul | Near Sai Temple, Cuttack Puri By Pass Road | Nirgundi, Tangi, Cuttack | In front of Friends Villa, Main Road, Bargarh | Near Old TATA Showroom, Jeypore | Januganj, Remuna, Balasore | Near Pahadi Bar, Besides Bharat Petrol Pump, Vedvyas |
| Ph: 6370702436 | Ph: 8338033990 | Ph: 8338033999 | Ph: 6370952035 | Ph: 8114397003 | Ph: 8338033992 | Ph: 9437007440 |

OTHER CITIES: RAYGADA, NABRANGPUR, BERHAMPUR, NAYAGARH, KEONJHAR, BOUDH, BOLANGIR, SAMBALPUR, JHARSUGUDA CALL: 7381034040
*Offer includes consumer offer, exchange bonus and corporate offer (wherever applicable) on EECO Cargo (all variants) and Super Carry Petrol (all variants). Terms & Conditions apply. The terms and conditions are subject to change without any prior notice. Images used are for illustration purposes only. Offers vary across variants. Above offers are valid till 31st August, 2020.


# ହ୍ୟାଣ୍ଡବଲ ରେଫରି କୋର୍ସ କଲେ ଗୌରୀ ଶଙ୍କର, ଅର୍ଣ୍ଣବ


ଅର୍ଣ୍ଣବ ସିହ୍ନା


ଗୌରୀଶଙ୍କର ମିଶ୍ର


**ଭୁବନେଶ୍ୱର, ୨୧।୮(କ୍ରୀଡ଼ା ପ୍ରତିନିଧି):** ଗତ ୧୮ରୁ ୨୦ ତାରିଖ ୩ ଦିନଧରି ଅନ୍‌ଲାଇନ୍ ଏସିଆନ ହ୍ୟାଣ୍ଡବଲ ଫେଡେରେଶନ ରେଫରି କୋର୍ସ(କ୍ୱାଲିଫିକେଶନ) ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ଭାରତରୁ ମୋଟ ୬୦ ମନୋନୀତ ହୋଇଥିଲେ। ଓଡ଼ିଶାର ଗୌରୀଶଙ୍କର ମିଶ୍ର(ଭୁବନେଶ୍ୱର) ଓ ଅର୍ଣ୍ଣବ ସିହ୍ନା(କଟକ) ସଫଳତାର ସହ ଏହି କୋର୍ସ କରିଛନ୍ତି। ''ଜାତୀୟ ଅନ୍ତର୍ଜାତୀୟ ସ୍ତରରେ କ'ଣ ସବୁ ନୂଆ ନିୟମ ହୋଇଛି, ପୁରୁଣା ନିୟମ କ'ଣ ଥିଲା ଆଦି ଏହି କୋର୍ସ ଅବସରରେ ଅବଗତ କରାଯାଇଥିଲା। ଆବଶ୍ୟକସ୍ଥଳେ ସେମାନେ ଆମକୁ ମହାଦେସୀୟ ପ୍ରତିଯୋଗିତା ଗୁଡ଼ିକ ପରିଚାଳନା ପାଇଁ ରେଫରି ଭାବେ ଡକାଇବା ସମ୍ଭାବନା ଅଛି'' ବୋଲି ଗୌରୀଶଙ୍କର ପ୍ରକାଶ କରିଛନ୍ତି। ଓଡ଼ିଶା ହ୍ୟାଣ୍ଡବଲ ଆସୋସିଏଶନ ସମ୍ପାଦକ ବୀରେନ ବେହେରା ଏହି ଦୁଇଜଣଙ୍କୁ ଅଭିନନ୍ଦନ ଜଣାଇଛନ୍ତି।





କ'ଣ ଆପଣ ବି ଅଛନ୍ତି ଠିକ୍ ଆଇ ଡ୍ରପ୍ ସନ୍ଧାନରେ... ?

ଓଃ
- ଆଖିର କ୍ଳାନ୍ତି
- ବ୍ୟଥା
- ଆଖି ଉପରେ ଚାପ
- ଆଖି ଫୁଲିବା
- ଆଖି ଧରିବା



ନିତିଦିନିଆ ଧାଁଦଉଡ଼ରେ ଆମ ଆଖିରେ କେତେ ଧୂଳିମଳି ପଡ଼ିଥାଏ, ଆମେ ଜାଣିପାରି ନ ଥାଉ। ଯେଉଁମାନେ କମ୍ପ୍ୟୁଟର ସ୍କ୍ରିନ୍ ସାମ୍ନାରେ ୫ ଘଣ୍ଟା କାମ କରନ୍ତି, ଅଧିକ ଟିଭି ଦେଖନ୍ତି କିମ୍ବା ଦିନସାରା ମୋବାଇଲରେ ବ୍ୟସ୍ତ ରହିଥାନ୍ତି, ସେମାନଙ୍କ ଆଖିର ଆର୍ଦ୍ରତା କମିଯାଇଥାଏ। କେବଳ ଏତିକି ନୁହେଁ ବଢ଼ିଚାଲିଥିବା ପ୍ରଦୂଷଣ, ଆଖିରେ ଜ୍ୱଳନ, କୁଣ୍ଡିଆ, ଆଖିର କ୍ଳାନ୍ତି ଓ ଆଖି ଉପରେ ପଡୁଥିବା ଚାପ ସାଧାରଣ କଥାରେ ପରିଣତ ହୋଇଯାଇଛି। ଆଖି ପାଇଁ ଆମେ ବିଭିନ୍ନ ପ୍ରକାର ଦେଶୀ-ବିଦେଶୀ ଉପାୟ ମଧ୍ୟ ପ୍ରୟୋଗ କରି ଦେଖିଥାଉ। କିନ୍ତୁ ଆୟୁର୍ବେଦରେ ଉପଲବ୍ଧ ଔଷଧୀ ବ୍ୟବହାର କରି ଆମେ ବିନା କୌଣସି ପାର୍ଶ୍ୱ ପ୍ରତିକ୍ରିୟାରେ ନିଜ ଆଖିକୁ ଉପରୋକ୍ତ ସମସ୍ୟାରୁ ରକ୍ଷା କରିପାରିବା ।

ଏଥିପାଇଁ ଦିବିସା ହର୍ବାଲ୍ କେୟାର୍ ଆପଣଙ୍କ ଲାଗି ଆଣିଛନ୍ତି ଆୟୁର୍ବେଦିକ 'ଆଇ ମନ୍ତ୍ରା' ଆଇ ଡ୍ରପ୍‌ସ। ଯାହା ପ୍ରସ୍ତୁତ ହୋଇଛି ଗୋଲାପ, ଦାରୁହଳଦୀ, ମହୁ, ଅଁଳା, ତୁଳସୀ ଓ ପୋଦିନା ଭଳି 12 ଆୟୁର୍ବେଦିକ ଔଷଧୀରୁ। ଆୟୁର୍ବେଦିକ ହୋଇଥିବାରୁ ଏହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ମଧ୍ୟ ନାହିଁ ।

ଦିଗ୍‌ନିର୍ଦ୍ଦେଶ: 2ରୁ 3 ଡ୍ରପ୍‌ସ ଦିନରେ ତିନି ଥର କିମ୍ବା ଚିକିତ୍ସକୀୟ ପରାମର୍ଶ ଅନୁଯାୟୀ ବ୍ୟବହାର କରନ୍ତୁ।
24x7 HELPLINE : 0171-3055299 • Available at all leading medical stores.







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ